# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, February 13/2025 | Page 14 | ₹ 7.00

୫୧ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 81 | ମୂଲ୍ୟ₹୭/-




## ଗିଲ୍‌ଙ୍କ ଶତକରେ ଭାରତର କ୍ଲିନ୍ ସୁଇପ୍

ଶୁବମନ ଗିଲ୍‌ଙ୍କ ଶତକ ସହାୟତାରେ ଭାରତ ତୃତୀୟ ଦିନିକିଆରେ ଇଂଲଣ୍ଡକୁ ହରାଇବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି।

୧୪

୦୨

## ବିବାହ କଲେ ପାର୍ବତୀ ନାୟାର

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପାର୍ବତୀ ନାୟାର କୋଟିପତି ବ୍ୟବସାୟୀ ଆଶ୍ରିତ ଅଶୋକଙ୍କୁ ବିବାହ କରିଛନ୍ତି।





ବୁଧବାର ମାଘ ପୂର୍ଣ୍ଣିମାରେ ପ୍ରୟାଗରାଜ ମହାକୁମ୍ଭ ମେଳାର ସଙ୍ଗମସ୍ଥଳରେ ଅମୃତ ସ୍ନାନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ଉପରକୁ ଆକାଶମାର୍ଗରୁ ପୁଷ୍ପବୃଷ୍ଟି କରାଯାଉଛି।

# କନିଷ୍ଠ ଶିକ୍ଷକଙ୍କ ଦରମା ୧୬ହଜାରକୁ ବୃଦ୍ଧି

- ଉପକୃତ ହେବେ ରାଜ୍ୟର ୧୩, ୭୪୦ ଶିକ୍ଷକ
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ଚଳିତ ବଜେଟ ଅଧିବେଶନ ପୂର୍ବରୁ ଓଡ଼ିଶା ସରକାର କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କ ଦରମା ୪,୯୦୦ ଟଙ୍କା ବୃଦ୍ଧି କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଦର୍ଶାଇଛନ୍ତି ଯେ, କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ସହୃଦୟତାର ସହିତ ବିଚାର କରିବା ପରେ ସମଗ୍ର ଶିକ୍ଷା ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକଙ୍କ ମାସିକ ଦରମା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ☞ପୃଷ୍ଠା-୪






# ଲୋକଙ୍କୁ ପଙ୍ଗୁ କରୁଛି ଫ୍ରିବିଜ୍

## ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦିଆଯାଉଥିବା ମାଗଣା ସାମଗ୍ରୀ ଓ ସୁବିଧା ପ୍ରଦାନର ପ୍ରତିଶ୍ରୁତି (ଫ୍ରିବିଜ୍) ଲୋକଙ୍କୁ ଏକପ୍ରକାର ପଙ୍ଗୁ କରିଦେଉଛି। ଭୋଟ ପାଖେଇ ଆସିଲେ ମାଗଣା ରାଶନ ଓ କିଛି ଟଙ୍କା ପାଇଯାଉଥିବାରୁ ଲୋକେ କାମ କରିବାକୁ ମଙ୍ଗୁନାହାନ୍ତି। ଏଥିଯୋଗୁ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉନାହିଁ କି ବୋଲି ବୁଧବାର ସୁପ୍ରିମକୋର୍ଟ ବାସହୀନମାନଙ୍କୁ ଆଶ୍ରୟ ଅଧିକାର ସମ୍ପର୍କିତ ଏକ ପିଆଇଏଲ୍‌ର ଶୁଣାଣିବେଳେ ପ୍ରଶ୍ନ କରିଛନ୍ତି। ଦଳଗୁଡ଼ିକ ଫ୍ରିବିଜ୍ ସଂସ୍କୃତିକୁ ତ୍ୟାଗକରି ବାସହୀନମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ଜାତୀୟ ପ୍ରଗତିରେ ସାମିଲ କରାଇବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ହେଲେ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ନାଗରିକଙ୍କ କଲ୍ୟାଣ ଏବଂ ସେମାନଙ୍କୁ ମାଗଣାରେ ମୌଳିକ ସୁବିଧା ପ୍ରଦାନ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଏହାର ଲାଭ କେତେଜଣ ଅଯୋଗ୍ୟ ବ୍ୟକ୍ତି ହାତେଇଲେ ମଧ୍ୟ ଗରିବ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମାଗଣାରେ ବିଜୁଳି, ପାଣି, ଘର, ରାଶନ ଏବଂ ଭତ୍ତା ଆଦି ପ୍ରଦାନ ସ୍ୱାଗତଯୋଗ୍ୟ ବୋଲି ଅନେକେ ମତ ଦେଉଛନ୍ତି।

ନୂଆଦିଲ୍ଲୀ,୧୨।୨(ପିଟି/ଲାଇଭ୍ ଲ)

ଭାରତର ସହରାଞ୍ଚଳରେ ବାସହୀନ ଲୋକଙ୍କୁ ଆଶ୍ରୟ ଅଧିକାର ପ୍ରଦାନ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିଲା। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହ ବୁଧବାର ଏହାର ଶୁଣାଣି କରି କହିଛନ୍ତି, ନିର୍ବାଚନ ଆସିଗଲେ ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ପ୍ରଦାନର ପ୍ରତିଶ୍ରୁତିରେ ପୋତିଦେଉଛନ୍ତି। ମାଗଣାରେ ରାଶନ ଓ ଟଙ୍କା ମିଳିଯାଉଥିବାରୁ ଲୋକେ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଫ୍ରିବିଜ୍ ସଂସ୍କୃତି ସମାଜରେ ଏକ ପରଜୀବୀ ବର୍ଗ ବା ଶ୍ରେଣୀକୁ ସୃଷ୍ଟି କରୁଛି। ଦଳଗୁଡ଼ିକ ଏହା ପରିବର୍ତ୍ତେ ଅଭାବୀ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଉଚିତ। ଏପରି କରାଗଲେ ସେମାନେ ଦେଶର ବିକାଶଧାରାରେ ଯୋଡ଼ି ହୋଇପାରନ୍ତେ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

ଦୁର୍ଭାଗ୍ୟର ବିଷୟ ଯେ ଠିକ୍ ନିର୍ବାଚନ ତାରିଖ ଘୋଷଣା ସହ 'ଲଡ୍‌କି ବହିନ୍' ଓ ଅନ୍ୟ ଯୋଜନା ଭଳି ଫ୍ରିବିଜ୍ କାରଣରୁ ଲୋକେ କାମ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଆବେଦନକାରୀ ଯେଉଁ ବିଷୟକୁ ନେଇ ଚିନ୍ତାପ୍ରକଟ କରିଛନ୍ତି, ତାକୁ ଆମେ ପ୍ରଶଂସା କରୁଛୁ। ତେବେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇପାରିବ। ☞ପୃଷ୍ଠା-୪

# ପ୍ରେମ ବ୍ୟାପାର: କଲେଜରେ ଛାତ୍ରଙ୍କ ଛୁରାମାଡ଼ରେ ୩ ଗୁରୁତର

ଖଲ୍ଲିକୋଟ,୧୨।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ (ଆର୍‌ସିଏମ୍) ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁକ୍ତ ୩ ଛାତ୍ରଙ୍କ ଛୁରାମାଡ଼ରେ ଜଣେ ଛାତ୍ର ଓ ୨ ଜଣ ଅଣଛାତ୍ର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଛାତ୍ର ଫେରାର୍ ହୋଇଯାଇଛନ୍ତି। ବୁଧବାର କଲେଜରେ ଯୁକ୍ତ ୩ ଶ୍ରେଣୀର ପ୍ରଥମ ସେମିଷ୍ଟର ପରୀକ୍ଷା ଚାଲିଥିଲା। ଏହି ସମୟରେ କଲେଜକୁ ଲାଗି ରହିଥିବା ଖେଳ ପଡ଼ିଆରେ ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର ମେଘନାଦ ପାହାନଙ୍କର ଜଣେ ସହପାଠୀ ଛାତ୍ର ଓ ୨ଜଣ ଅଣଛାତ୍ରଙ୍କ ସହ ଯୁକ୍ତିତର୍କ ଚାଲିଥିଲା। ଝଗଡ଼ା ଭିତରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଦେବଦେବୀଙ୍କ କଳି

# ବେଙ୍ଗାଲୁରୁରେ ଓଡ଼ିଆ ରାପର ଅଭିନବ ସିଂଙ୍କ ସନ୍ଦେହଜନକ ମୃତ୍ୟୁ



ରାପର ଇଂ. ଅଭିନବ ସିଂ

- ବିଷ ପିଇ ଆତ୍ମହତ୍ୟା ସନ୍ଦେହ
- ସ୍ତ୍ରୀଙ୍କ ନିର୍ଯାତନାକୁ ଦାୟୀକଲେ ବାପା

ବେଙ୍ଗାଲୁରୁ(ଏଜେନ୍ସି)/କଟକ(କାର୍ତ୍ତିକ ସାହୁ),୧୨।୨

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇଞ୍ଜିନିୟର ଅତୁଲ ସୁଭାଷ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ବେଙ୍ଗାଲୁରୁରେ ଆତ୍ମହତ୍ୟା କରିବା ଘଟଣା ମନରୁ ଲିଭି ନ ଥିବାବେଳେ ଓଡ଼ିଆ ରାପର ଇଂ. ଅଭିନବ ସିଂଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ବେଙ୍ଗାଲୁରୁସ୍ଥିତ ଏକ ଭଡ଼ାଘରୁ ସୋମବାର ତାଙ୍କ ମୃତଦେହ ଠାବ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ମଙ୍ଗଳବାର ☞ପୃଷ୍ଠା-୪

# ମନ୍ଦିରକୁ ଦାନରେ ମିଳିଲା ରୋବୋଟିକ୍ ହାତୀ



ତ୍ରିଶୂର,୧୨।୨

କେରଳର ତ୍ରିଶୂର ଜିଲାସ୍ଥିତ କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିରକୁ ପ୍ରାଣୀ ସୁରକ୍ଷା ସଙ୍ଗଠନ ପେଟା ଇଣ୍ଡିଆ ଓ ବ୍ରିଟିଶ୍ ଆମେରିକୀୟ ସଙ୍ଗୀତଜ୍ଞ ତଥା ସିତାର ବାଦକ ଅନୁଷ୍କା ଶଙ୍କରଙ୍କ ପକ୍ଷରୁ ଏକ ରୋବୋଟିକ୍ ଯାନ୍ତ୍ରିକ ହାତୀ ଦାନରେ ଦିଆଯାଇଛି। ଏହି କୃତ୍ରିମ ହାତୀ ଦ୍ୱାରା ମନ୍ଦିରରେ ହେଉଥିବା ବିଭିନ୍ନ ପାରମ୍ପରିକ ରୀତିନୀତିକୁ ଅଧିକ ମାନବୀୟ ତଥା ଆଧୁନିକ କରିବା ପାଇଁ ପେଟା ଇଣ୍ଡିଆ ଲକ୍ଷ୍ୟ ରଖିଛି। ପାରମ୍ପରିକ ରୀତିନୀତି ନାମରେ କେରଳର ଅନେକ ମନ୍ଦିରରେ ହାତୀମାନଙ୍କୁ ଉପରେ ଅତ୍ୟାଚାର ହେଉଥିବା ନେଇ ପୂର୍ବରୁ ପେଟା ଇଣ୍ଡିଆ କହିଆସିଛି।

କୋମ୍ବରା କନ୍ନନ ନାମକ ଯାନ୍ତ୍ରିକ ହାତୀର ଉଚ୍ଚତା ୩ ମିଟର ହୋଇଥିବାବେଳେ ଏହାର ଓଜନ ୮୦୦ କିଲୋଗ୍ରାମ୍ ରହିଛି। ମନ୍ଦିରରେ ଜୀବନ୍ତ ହାତୀଙ୍କ ବିକଳ୍ପ ଭାବରେ କୋମ୍ବରା କନ୍ନନକୁ ବ୍ୟବହାର କରାଯିବ ବୋଲି ପେଟା ଇଣ୍ଡିଆ କହିଛି। ପେଟା ଇଣ୍ଡିଆ ଅନୁଯାୟୀ, କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିର ସମେତ କେରଳର ଅନେକ ମନ୍ଦିରରେ ବିଭିନ୍ନ ପାରମ୍ପରିକ ରୀତିନୀତି ପାଇଁ ହାତୀମାନଙ୍କୁ ବଳପୂର୍ବକ ଅମାନବୀୟ ବ୍ୟବହାର କରାଯାଇଥାଏ। ଫଳରେ ହାତୀମାନେ ମନ୍ଦିରରେ ବିଭିନ୍ନ ଯନ୍ତ୍ରଣାର ☞ପୃଷ୍ଠା-୪

## ପ୍ରାଣୀ ସୁରକ୍ଷା ପାଇଁ ପେଟା ଇଣ୍ଡିଆର ପଦକ୍ଷେପ




# ଭାରତ-ଫ୍ରାନ୍ସ ପ୍ରତିରକ୍ଷା ସମ୍ପର୍କ ବଢ଼ିବ

## ମୋଦି-ମାକ୍ରଁ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ,୧୨।୨

ପ୍ୟାରିସ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ବେସାମରିକ ଆଣବିକ ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ରାଜି ହୋଇଛନ୍ତି। ଉପରୋକ୍ତ କ୍ଷେତ୍ରରେ ସହଯୋଗର ସମୀକ୍ଷା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ନେତା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଏକ ଭାରତ-ଫ୍ରାନ୍ସ ରୋଡ୍‌ମ୍ୟାପ୍ ଶୁଭାରମ୍ଭ କରିବା ସହ '୨୦୨୬ ଭାରତ-ଫ୍ରାନ୍ସ ନବପ୍ରବର୍ତ୍ତନର ବର୍ଷ'ର ଲୋଗୋ ଉନ୍ମୋଚନ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୁଇଦିନିଆ ଫ୍ରାନ୍ସ ଗସ୍ତ ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି, ଉଭୟ ନେତା ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ବିଭିନ୍ନ ବୈଶ୍ୱିକ ଫୋରମ୍‌ରେ ଆଲୋଚନା ବଢ଼ାଇବାକୁ ଦୁଇ ନେତା ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ସଂସ୍କାର ଜରୁରୀ ଆବଶ୍ୟକତା ଉପରେ ମୋଦି ଓ ମାକରଁ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ପରସ୍ପରକୁ ସହଯୋଗ କରିବା ନିମନ୍ତେ ସହମତ ହୋଇଛନ୍ତି। ୟୁଏନ୍‌ଏସ୍‌ସିରେ ଭାରତର ପୂର୍ଣ୍ଣ ସଦସ୍ୟତା ପାଇଁ ଫ୍ରାନ୍ସ ଦୃଢ଼ ସମର୍ଥନ କରିଆସିଥିବା ମାକରଁ ଦୋହରାଇଛନ୍ତି।


ପ୍ୟାରିସ୍‌ରେ ଭାରତ-ଫ୍ରାନ୍ସ ସିଇଓ ଫୋରମ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ସ୍ୱାଗତ କରୁଛନ୍ତି।

ଭାରତ-ଫ୍ରାନ୍ସ ମିଳିତ ବିବୃତି ଅନୁଯାୟୀ, ମୁମ୍ବାଇରେ ଆଉ ୩ଟି ଫ୍ରାନ୍ସ ଡିଜାଇନ୍‌ର ସ୍କର୍ପିନ୍ ଶ୍ରେଣୀର ବୁଡ଼ାଜାହାଜ ନିର୍ମାଣ ପାଇଁ ଚୁକ୍ତିନାମାରେ ଅଗ୍ରଗତି ହୋଇଛି। ଭାରତ ଏଭଳି ୬ଟି ବୁଡ଼ାଜାହାଜ ଚଳାଉଛି। ଗତ ମାସରେ ଆଇଏନ୍‌ଏସ୍ ବାଗ୍‌ଶିର ବୁଡ଼ାଜାହାଜକୁ ପ୍ରଧାନମନ୍ତ୍ରୀ ମୋଦି ନୌସେନାରେ ସାମିଲ କରାଇଥିଲେ। ସେହିପରି ପିନାକା ମଲ୍ଟି ବ୍ୟାରେଲ୍ ରକେଟ ଲଞ୍ଚରକୁ ଅନୁଧ୍ୟାନ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ ସେନାକୁ ଆମନ୍ତ୍ରଣ କରିଛନ୍ତି। ଫ୍ରାନ୍ସ ଏହି ସିଷ୍ଟମ୍‌କୁ ଅଧିଗ୍ରହଣ କଲେ ଭାରତ-ଫ୍ରାନ୍ସ ମଧ୍ୟରେ ରହିଥିବା ଦୀର୍ଘଦିନର ପ୍ରତିରକ୍ଷା ସମ୍ପର୍କରେ ଆଉ ଏକ ମାଇଲଖୁଣ୍ଟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ପ୍ରଶିକ୍ଷଣ ଓ ଶିକ୍ଷା ଉଦ୍ଦେଶ୍ୟରେ ଆଧୁନିକ ତଥା କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ଉପରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ରାଜି ହୋଇଛନ୍ତି। ଫ୍ରାନ୍ସର ମାର୍ସେଇଲ୍‌ଠାରେ ଭାରତର ନୂଆ ବାଣିଜ୍ୟିକ ଦୂତାବାସକୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ମାକରଁ ଉଦ୍‌ଘାଟନ କରିଛନ୍ତି। ସେଠାରେ ଉଭୟ ନେତା ପ୍ରବାସୀ ଭାରତୀୟମାନଙ୍କ ସହ କଥା ହୋଇଥିଲେ। ସେମାନେ ଢୋଲ ବଜାଇ ଉଭୟ ନେତାଙ୍କୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଅଯୋଧ୍ୟା ରାମମନ୍ଦିର ମୁଖ୍ୟ ପୂଜକଙ୍କ ପରଲୋକ

ଲକ୍ଷ୍ନୌ, ୧୨।୨

ଅଯୋଧ୍ୟାସ୍ଥିତ ରାମ ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ୮୫ ବର୍ଷ ବୟସରେ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ୩ ତାରିଖରେ ମସ୍ତିଷ୍କାଘାତ


ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ

ରୋଗରେ ପୀଡ଼ିତ ହେବାରୁ ତାଙ୍କୁ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ନ୍ୟୁରୋଲୋଜି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅଯୋଧ୍ୟାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ଶିଷ୍ୟ ପ୍ରଦୀପ ଦାସ କହିଛନ୍ତି। ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିବା ସହ କହିଛନ୍ତି, ଦେଶର ଆଧ୍ୟାତ୍ମିକ ତଥା ସାମାଜିକ ଜୀବନରେ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ।

### ବିନା ସହମତିରେ ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ,୧୨।୨

ସ୍ତ୍ରୀଙ୍କ ବୟସ ୧୫ ବର୍ଷରୁ ଅଧିକ ହୋଇଥିଲେ, ତାଙ୍କ ସହ ସ୍ୱାମୀଙ୍କ ଯୌନକ୍ରିୟା ବଳାତ୍କାର ନୁହେଁ ବୋଲି ଛତିଶଗଡ଼ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଏପରିକି ପ୍ରାପ୍ତବୟସ୍କା ସ୍ତ୍ରୀଙ୍କ ବିନା ସହମତିରେ ତାଙ୍କ ସହ ଅପ୍ରାକୃତ କାର୍ଯ୍ୟ ସମେତ ଯୌନ ସମ୍ପର୍କକୁ ଅପରାଧ ବିବେଚନା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ନରେନ୍ଦ୍ର କୁମାର ବ୍ୟାସ ଟିପ୍ପଣୀ ଦେଇଛନ୍ତି। ସ୍ତ୍ରୀଙ୍କୁ ବଳାତ୍କାର ଓ ଅପ୍ରାକୃତ ଯୌନ ସମ୍ପର୍କ ମାମଲାରେ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ଜବଲପୁରର ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଦେଇଛନ୍ତି। ବ୍ୟକ୍ତି ଜଣକ ୨୦୧୭ରେ ଗିରଫ ହୋଇଥିବାବେଳେ ୨୦୧୯ରେ ବସ୍ତର ଜିଲାର ଟ୍ରାଏଲ୍ କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

### ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା: ସଜ୍ଜନ କୁମାର ଦୋଷୀ

ନୂଆଦିଲ୍ଲୀ, ୧୨।୨

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବୁଧବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କଂଗ୍ରେସର ପୂର୍ବତନ ଏମ୍‌ପି ସଜ୍ଜନ



କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ଜଜ୍ କାବେରୀ ବାଓ୍ୱେଜା ସଜ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆସନ୍ତା ୧୮ ତାରିଖରେ ବିଭିନ୍ନ ପକ୍ଷର ଯୁକ୍ତିକୁ ଗ୍ରହଣ କରାଯିବ ବୋଲି କହିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଫାଶୀ କିମ୍ବା ଆଜୀବନ କାରାଦଣ୍ଡାଦେଶ ମିଳିପାରେ।

# ଦିଲ୍ଲୀ ନିର୍ବାଚନ: ବିଜେତାଙ୍କ ହାରାହାରି ଭୋଟ ଭାଗ ୫୧%କୁ ହ୍ରାସ

## ଏଡିଆର୍ ରିପୋର୍ଟ

ନୂଆଦିଲ୍ଲୀ,୧୨।୨(ପି.ଟି.)

ସଦ୍ୟସମାପ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେତାମାନଙ୍କ ହାରାହାରି ଭୋଟ ଭାଗ ୨୦୨୦ ନିର୍ବାଚନ ତୁଳନାରେ ହ୍ରାସ ପାଇଛି। ୨୦୨୦ ବିଧାନସଭା ନିର୍ବାଚନରେ ବିଜେତାଙ୍କ ହାରାହାରି ଭୋଟ ଶେୟାର ୫୫ ପ୍ରତିଶତ ରହିଥିବାବେଳେ ଏଥର ତାହା ୫୧ ପ୍ରତିଶତକୁ ଖସିଆସିଛି। ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଦିଲ୍ଲୀ ଇଲେକ୍ସନ ୱାଚ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ଉଭୟ ସଂଗଠନ ୨୦୨୫ ଦିଲ୍ଲୀ ନିର୍ବାଚନ ଉପରେ ବିସ୍ତୃତ ବିଶ୍ଳେଷଣ କରିଛନ୍ତି। ମତଦାନ ହାର, ଭୋଟ ଶେୟାର, ବିଜୟୀ ପ୍ରାର୍ଥୀମାନଙ୍କ ବିଜୟ ବ୍ୟବଧାନ ଆଦି ଏଥିରେ ଉଲ୍ଲେଖ ରହିଛି। ୨୦୨୦ ନିର୍ବାଚନରେ ମତଦାନ ହାର ୬୩ ପ୍ରତିଶତ ରହିଥିବାବେଳେ ଏଥର ୬୧ ପ୍ରତିଶତକୁ ଖସିଥିଲା। ବିଜୟ ବ୍ୟବଧାନ ମଧ୍ୟ ସଙ୍କୁଚିତ ହୋଇଥିଲା ଓ ବିଜେତାମାନଙ୍କ ହାରାହାରି ଭୋଟ ଭାଗ କମିଥିଲା। ୭୦ ବିଜେତାଙ୍କ ମଧ୍ୟରୁ ୨୭ ଜଣ (୩୯ ପ୍ରତିଶତ) ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ୫୦ ପ୍ରତିଶତରୁ କମ୍ ଭୋଟ ପାଇଛନ୍ତି। ୩୧ ବିଜେତା (୪୪%)ଙ୍କ ନାଁରେ ଆପରାଧିକ ମାମଲା ରହିଥିବାବେଳେ ୨୧ ଜଣ ପ୍ରାର୍ଥୀ ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଭୋଟ ଶେୟାରରେ ଜିତିଛନ୍ତି। ଆପରାଧିକ ମାମଲା ଥିବା ୧୮ ବିଜେତା ସ୍ୱଚ୍ଛ ଭାବମୂର୍ତ୍ତି ଥିବା ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଛନ୍ତି। ୬୧ ଜଣ (୮୭ ପ୍ରତିଶତ) ବିଜେତା କୋଟିପତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୧ ଜଣ ୫୦%ରୁ ଅଧିକ ଭୋଟ ପାଇଛନ୍ତି। ଅନ୍ୟପକ୍ଷରେ ୯ ଜଣ ଅଣକୋଟିପତି ବିଜେତାଙ୍କ ମଧ୍ୟରୁ ମାତ୍ର ୨ ଜଣ ୫୦% କିମ୍ବା ତା'ଠୁ ଅଧିକ ଭୋଟ ହାତେଇଛନ୍ତି। ଦିଲ୍ଲୀ ବିଧାନସଭାରେ ମହିଳା ପ୍ରତିନିଧିତ୍ୱ କମ୍ ରହିଛି। ୭୦ ବିଜେତାଙ୍କ ମଧ୍ୟରୁ ମାତ୍ର ୫ ଜଣ ମହିଳା। ସେମାନେ ସମସ୍ତେ ନିଜ ନିର୍ବାଚନ ମଣ୍ଡଳୀରେ ୪୦%ରୁ ଅଧିକ ଭୋଟ ପାଇଛନ୍ତି। ପୁନଃ ନିର୍ବାଚିତ ହୋଇଥିବା ୨୨ ଜଣଙ୍କ ମଧ୍ୟରୁ କେହି ୪୦ ପ୍ରତିଶତରୁ କମ୍ ଭୋଟ ପାଇନାହାନ୍ତି। ୧୧ ଜଣ ୫୦ ପ୍ରତିଶତରୁ ଅଧିକ ଭୋଟ ପାଇଥିବାବେଳେ ୧୨ ଜଣ ବିଜେତା କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ୧୦ ପ୍ରତିଶତରୁ କମ୍ ବ୍ୟବଧାନରେ ଜିତିଥିବା ରିପୋର୍ଟରୁ ଜଣାପଡ଼ିଛି। ଏଥର ନିର୍ବାଚନରେ ମୋଟ ୯୪,୮୮,୩୭୬ ଭୋଟ ପଡ଼ିଥିବାବେଳେ ସେଥିରୁ ୦.୫୭ ପ୍ରତିଶତ ବା ୫୩,୭୩୮ ଖଣ୍ଡ ଭୋଟ ନୋଟା (ନନ୍ ଅଫ୍ ଦି ଏବଭ୍)କୁ ଯାଇଥିଲା।


ଗୁରୁ ରବିଦାସ ଜୟନ୍ତୀ ଅବସରରେ ବୁଧବାର ଭୋପାଳରେ ମୁଖ୍ୟମନ୍ତ୍ରୀ କନ୍ୟାଦାନ ଯୋଜନାରେ ଅନୁଷ୍ଠିତ ଗଣବିବାହରେ ଉପସ୍ଥିତ କନ୍ୟା ଓ ବରମାନେ।

# ବାଂଲାଦେଶ ଛାତ୍ର ଆନ୍ଦୋଳନ ଦମନରେ ୧,୪୦୦ ଜଣଙ୍କ ମୃତ୍ୟୁ ଘଟିଥିଲା

## ଜାତିସଂଘ ମାନବାଧିକାର କାର୍ଯ୍ୟାଳୟର ଆକଳନ

ଜେନେଭା,୧୨।୨

ଗତବର୍ଷ ଜୁଲାଇ ୧ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ୬ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବାଂଲାଦେଶରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର ବିରୋଧରେ ଛାତ୍ର ଆନ୍ଦୋଳନ ଜାରି ରହିଥିଲା। ଏହାକୁ ଦମନ କରିବାକୁ ଯାଇ ସରକାର ବଳ ପ୍ରୟୋଗ କରିବାରୁ ୧,୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ହଜାର ଆହତ ହୋଇଥିଲେ ବୋଲି ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ଆକଳନ କରିଛି। ସୁରକ୍ଷା ବଳ ଏବଂ ଗୋଇନ୍ଦା ସେବା ଅଧିକାର ଉଲ୍ଲଂଘନରେ ନିୟୋଜିତ ଥିଲେ। ସୁରକ୍ଷା ଯବାନମାନେ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହା ମାନବତା ବିରୋଧରେ ଅପରାଧ, ଯାହାର ଅଧିକ ତଦନ୍ତ ହେବା ଆବଶ୍ୟକ ବୋଲି ଜେନେଭାସ୍ଥିତ କାର୍ଯ୍ୟାଳୟ କହିଛି। ଆନ୍ଦୋଳନକୁ ଚାପିଦେବା ପାଇଁ ରାଜନୈତିକ ନେତୃତ୍ୱ ଏବଂ ଶୀର୍ଷ ସୁରକ୍ଷା ଅଧିକାରୀଙ୍କ ଜ୍ଞାତସାର ଓ ସହଯୋଗରେ ନ୍ୟାୟେତର ହତ୍ୟା, ମନଇଚ୍ଛା ବ୍ୟାପକ ଗିରଫଦାରି, ଅଟକ ଓ ନିର୍ଯାତନା ଦିଆଯାଉଥିଲା ବୋଲି ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲ୍‌କର ଟୁର୍କ କହିଛନ୍ତି।

# ୯୬ତମ ସ୍ଥାନରେ ଭାରତ

## ଦୁର୍ନୀତି ସୂଚକାଙ୍କ

### ପାକିସ୍ତାନ ୧୩୫ତମ ସ୍ଥାନରେ

### ଡେନ୍‌ମାର୍କ ସବୁଠୁ ସ୍ୱଚ୍ଛ ରାଷ୍ଟ୍ର

ନୂଆଦିଲ୍ଲୀ,୧୨।୨

ବିଶ୍ୱର ୧୮୦ଟି ଦେଶକୁ ନେଇ ୨୦୨୪ର ଦୁର୍ନୀତି ଧାରଣା ସୂଚକାଙ୍କ(ସିପିଆଇ) ମଙ୍ଗଳବାର ପ୍ରକାଶ ପାଇଛି, ଯେଉଁଥିରେ ଭାରତ ୯୬ତମ ସ୍ଥାନକୁ ଖସିଆସିଛି। ପୂର୍ବବର୍ଷ ଏହାର ର୍‍ୟାଙ୍କ ୯୩ ଥିଲା। ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାଶନାଲ ରିପୋର୍ଟ ଅନୁଯାୟୀ, ସରକାରୀ ସେକ୍ଟରରେ ଦୁର୍ନୀତିର ଧାରଣା ସ୍ତରକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ ହୋଇଥାଏ। ୨୦୨୨ରେ ଭାରତ ୪୦ ସ୍କୋର କରିଥିବାବେଳେ ୨୦୨୩ରେ ୩୯ ସ୍କୋର ସହ ୯୩ତମ ସ୍ଥାନରେ ରହିଥିଲା। ୨୦୨୪ରେ ଏହା ୩୮ ସ୍କୋର ସହ ୯୬ତମ ସ୍ଥାନକୁ ଖସିଛି। ପଡୋଶୀ ପାକିସ୍ତାନ ୧୩୫ତମ ସ୍ଥାନରେ ଥିବାବେଳେ ଶ୍ରୀଲଙ୍କା ୧୨୧, ବାଂଲାଦେଶ ୧୪୯ ଏବଂ ଚାଇନା ୭୬ତମ ସ୍ଥାନରେ ରହିଛି। ୯୦ ସ୍କୋର ସହ ଡେନ୍‌ମାର୍କ ସବୁଠୁ ସ୍ୱଚ୍ଛ ଦେଶ ଭାବେ ତାଲିକାର ଶୀର୍ଷରେ ରହିଥିବାବେଳେ ଏହା ପଛକୁ ଫିନ୍‌ଲାଣ୍ଡ(୮୮) ଓ ସିଙ୍ଗାପୁର(୮୪) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ଜଳବାୟୁ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ଦୁର୍ନୀତି ଏକ ବଡ଼ ସମସ୍ୟା। କାରଣ ବୈଶ୍ୱିକ ଉତ୍ତାପ ବୃଦ୍ଧିର ପ୍ରଭାବକୁ ପ୍ରଶମିତ କରିବା ଏବଂ ଉତ୍ସର୍ଜନ କମାଇବା କ୍ଷେତ୍ରରେ ଏହା ପ୍ରତିବନ୍ଧକ ସାଜିଥାଏ। ୨୦୧୨ରୁ ଇତିମଧ୍ୟରେ ୩୨ଟି ଦେଶ ସେମାନଙ୍କର ଦୁର୍ନୀତି ସ୍ତରକୁ ଯଥେଷ୍ଟ ହ୍ରାସ କରିଛନ୍ତି। ଏହା ସତ୍ତ୍ୱେ ଦୁଇ-ତୃତୀୟାଂଶରୁ ଅଧିକ ଦେଶ ୫୦ରୁ କମ୍ ସ୍କୋର କରିଛନ୍ତି।

# ଶୀଘ୍ର ପୃଥିବୀକୁ ଫେରିବେ ସୁନୀତା, ବୁଚ୍

## 'କ୍ରିଉ ୧୦' ମିଶନର ଲଞ୍ଚ୍ ତାରିଖ ବଦଳାଇଲା ନାସା

ୱାଶିଂଟନ, ୧୨।୨

ଦୀର୍ଘ ୮ ମାସ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଫସିରହିଥିବା ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୟୁଲିୟମ୍ସ ଓ ବୁଚ୍ ୱିଲମୋର ଶୀଘ୍ର ପୃଥିବୀ ଫେରିବାର ସମ୍ଭାବନା ବଢ଼ିଛି। ସେମାନଙ୍କୁ ଫେରାଇ ଆଣିବା ପାଇଁ ସ୍ପେସ୍‌ଏକ୍ସ' ଦ୍ୱାରା 'କ୍ରିଉ ୧୦' ମିଶନର ଲଞ୍ଚ୍ ତାରିଖକୁ ବଦଳାଯାଇଛି। ପୂର୍ବରୁ ଏହି ମିଶନର ଲଞ୍ଚିଂ ପାଇଁ ମାର୍ଚ୍ଚ ୨୫ ନିର୍ଦ୍ଧାରିତ ଥିବାବେଳେ ଏବେ ମାର୍ଚ୍ଚ ୧୨ରେ ଏହାକୁ ଲଞ୍ଚ୍ କରାଯିବ। ନାସାର ବାଣିଜ୍ୟିକ କ୍ରିଉ ପ୍ରୋଗ୍ରାମ ମ୍ୟାନେଜର ଷ୍ଟିଭ୍ ଷ୍ଟିଚ୍ କହିଛନ୍ତି, 'କ୍ରିଉ ୧୦' ମିଶନ ପାଇଁ ନାସା ଏକ ନୂତନ କ୍ୟାପ୍‌ସୁଲ୍ ବ୍ୟବହାର କରିବା ବଦଳରେ ପୂର୍ବରୁ ଅନ୍ୟ ମିଶନରେ ମହାକାଶ ଯାଇଥିବା କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍‌କୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି।




ମିଶନର ପ୍ରସ୍ତୁତି ଏବଂ କ୍ୟାପ୍‌ସୁଲ୍‌ର ଅନ୍ତିମ ସୁରକ୍ଷା ଯାଞ୍ଚ ଉପରେ ଏହି ଲଞ୍ଚିଂ ତାରିଖ ନିର୍ଭର କରେ ବୋଲି ସେ କହିଛନ୍ତି। ସମ୍ପ୍ରତି ନାସା ଓ ସ୍ପେସ୍‌ଏକ୍ସ'ର ଇଞ୍ଜିନିୟରମାନେ କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍‌ର ସୁରକ୍ଷାଗତ ଯାଞ୍ଚ କରୁଛନ୍ତି। 'କ୍ରିଉ ୧୦' ମିଶନରେ ନାସା ଆଷ୍ଟ୍ରୋନଟ ଆନ୍ନେ ମାକ୍କ୍ଲେନ୍‌ଙ୍କ ନେତୃତ୍ୱରେ ନିକୋଲ ଆୟାର୍ସ, ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି (ଜାକ୍ସା) ଆଷ୍ଟ୍ରୋନଟ ତକୁୟା ଓନିଶି, ରୋସ୍କୋସ୍‌ମୋସ ଆଷ୍ଟ୍ରୋନଟ କିରିଲ ପେସକୋଭ ଆଇଏସ୍‌ଏସ୍‌କୁ ଗସ୍ତ କରିବେ। ସୁନୀତା ଏବଂ ବୁଚ୍‌ଙ୍କ ସମେତ ମହାକାଶଚାରୀ ନିକ୍ ହଗ୍ ଏବଂ ଆଲେକଜାଣ୍ଡର ଗୋର୍ବୁନୋଭ୍ 'କ୍ରିଉ ୧୦' ମିଶନ ସହ ପୃଥିବୀକୁ ଫେରିବେ। ସୁନୀତା ଏବଂ ବୁଚ୍ ୮ ମାସ ଧରି ମହାକାଶରେ ଫସି ରହିବା ଘଟଣାକୁ କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁର୍ଭାଗ୍ୟଜନକ କହିବା ସହ ତାଙ୍କୁ ପୃଥିବୀ ଫେରାଇ ଆଣିବା ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବାକୁ ସ୍ପେସ୍ ଏକ୍ସ' ସିଇଓ ଏଲନ ମସ୍କଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସୁନୀତା ଏବଂ ବୁଚ୍‌ଙ୍କୁ ପୃଥିବୀ ଫେରାଇଆଣିବା ପାଇଁ ରହିଥିବା ପ୍ରକ୍ରିୟାକୁ ଗତିଶୀଳ କରାଯାଇଛି । ଫଳରେ ସୁନୀତା ଏବଂ ବୁଚ୍ ନାସା ଅନୁମାନ କରୁଥିବା ସମୟଠାରୁ ୨ ସପ୍ତାହ ଆଗରୁ ପୃଥିବୀକୁ ଫେରି ଆସିବାର ସମ୍ଭାବନା ଥିବା ଷ୍ଟିଭ୍ କହିଛନ୍ତି।

## ଫୁରସତ୍

# ପିଲାଙ୍କୁ ସମୟ ଦେବା ପାଇଁ ଦୈନିକ ୭୦୦ କି.ମି. ଯାତ୍ରା

## ଭାରତୀୟ ବଂଶୋଦ୍ଭବ ରଚେଲ କୌର ମାଲେସିଆରେ ସୁପର୍ ମମ୍ ଭାବେ ପରିଚିତ

କୁଆଲାଲମ୍ପୁର

ମାଲେସିଆରେ ରହୁଥିବା ଭାରତୀୟ ବଂଶୋଦ୍ଭବ ମହିଳା ରଚେଲ କୌର ପ୍ରାୟ ବର୍ଷେ ଧରି ନିଜ ଘରୁ କର୍ମସ୍ଥଳକୁ ଯିବା ପାଇଁ ଦୈନିକ ୭୦୦ କି.ମି. ବିମାନ ଯାତ୍ରା କରୁଛନ୍ତି। ପରିବାର ଏବଂ ୨ ପିଲାଙ୍କୁ ସମୟ ଦେବା ପାଇଁ ରଚେଲ ପ୍ରତି ସପ୍ତାହରେ ୱିକ୍‌ଏଣ୍ଡ୍ ଛୁଟି ବ୍ୟତୀତ ପ୍ରତି ୫ ଦିନ ବିମାନରେ ନିଜ ଘରୁ ଅଫିସ୍‌କୁ ଏବଂ ଅଫିସ୍‌ରୁ ଘରକୁ ଯିବାଆସିବା କରିଥାନ୍ତି।

ରଚେଲ ଏୟାରଲାଇନ୍ସ କମ୍ପାନୀ 'ଏୟାର ଏସିଆ'ର କୁଆଲାଲମ୍ପୁର ସ୍ଥିତ ମୁଖ୍ୟାଳୟରେ ଫାଇନାନ୍ସିଆଲ ଅପରେଶନ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ତେବେ ତାଙ୍କ ଘର କୁଆଲାଲମ୍ପୁରଠାରୁ ୩୫୦ କି.ମି. ଦୂର ମାଲେସିଆର ପେନାଙ୍ଗ ରାଜ୍ୟରେ ରହିଛି, ଯେଉଁଠାରେ ତାଙ୍କ ସ୍ୱାମୀ ଏବଂ ୧୧ ଓ ୧୨ ବର୍ଷ ବୟସର ୨ ପିଲା ରୁହନ୍ତି। ପୂର୍ବରୁ ସେ ଅଫିସ



ନିକଟସ୍ଥ ଏକ ଭଡ଼ା ଘରେ ରହୁଥିଲେ। ସେତେବେଳେ ସେ ସପ୍ତାହକୁ ମାତ୍ର ଥରେ ନିଜ ପରିବାରକୁ ଭେଟିବା ପାଇଁ ଆସି ପାରୁଥିଲେ। ତେବେ ପିଲାଙ୍କଠାରୁ ଦୂରରେ ରହିବା ତାଙ୍କୁ ଆତ୍ମସନ୍ତୋଷ ଦେଉ ନ ଥିଲା। ସେତେବେଳେ ତାଙ୍କୁ ନିଜ କର୍ମମୟ ଜୀବନ ଏବଂ ପାରିବାରିକ ଜୀବନ ମଧ୍ୟରେ ସମନ୍ୱୟ ଆଣିବା କଷ୍ଟକର ହୋଇ ପଡୁଥିବା ରଚେଲ କହିଛନ୍ତି। ତେଣୁ ସେ ୨୦୨୪ରେ ନିଜ ଜୀବନର ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ପ୍ରତିଦିନ ବିମାନ ଯୋଗେ ପେନାଙ୍ଗରୁ କୁଆଲାଲୁମ୍ପୁର ସ୍ଥିତ ନିଜ ଅଫିସ୍‌କୁ ଯାତ୍ରା କରିବେ ବୋଲି ରଚେଲ ସ୍ଥିର କରିଥିଲେ।

ରଚେଲ ନିଜ ଦୈନିକ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦେଇ କହିଛନ୍ତି, ସେ ଭୋର୍ ୪ଟାରେ ଉଠନ୍ତି। ୫ଟା ସୁଦ୍ଧା ସେ ଅଫିସ୍ ଯିବା ପାଇଁ ଘରୁ ବାହାରି ଯାଆନ୍ତି। ଏହାପରେ ସେ କାର୍ ଡ୍ରାଇଭ କରି ପେନାଙ୍ଗ ଏୟାରପୋର୍ଟକୁ ଯାଆନ୍ତି। ପେନାଙ୍ଗରୁ କୁଆଲାଲମ୍ପୁର ଯାଉଥିବା ବିମାନ ସକାଳ ୬.୩୦ରେ ବାହାରିଥାଏ। ସକାଳ ୭ଟା ୪୫ ସୁଦ୍ଧା ସେ ତାଙ୍କ ଅଫିସରେ ପହଞ୍ଚିଯାନ୍ତି। ସେଠାରେ ନିଜ ଶିଫ୍ଟ ଶେଷ କରି ରାତି ୭.୩୦ ସୁଦ୍ଧା ଘରକୁ ଫେରି ଆସନ୍ତି ବୋଲି ସେ କହିଛନ୍ତି। ତେବେ ଏହି ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ତାଙ୍କର ମାସିକ ୧୪ରୁ ୧୫ ହଜାର ଟଙ୍କା ସଞ୍ଚୟ ହେଉଥିବା ରଚେଲ କହିଛନ୍ତି। ପୂର୍ବରୁ ଘର ଭଡ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ତାଙ୍କର ମାସିକ ୪୭୪ ଡ଼ଲାର (ପ୍ରାୟ ୪୧ ହଜାର ଟଙ୍କା) ଖର୍ଚ୍ଚ ହେଉଥିବାବେଳେ ଏବେ ବିମାନରେ ଯିବା ଆସିବା ପାଇଁ ତାଙ୍କର ମାସିକ ୩୧୬ ଡଲାର (ପ୍ରାୟ ୨୭ ହଜାର ଟଙ୍କା) ଖର୍ଚ୍ଚ ହେଉଛି। ତେବେ ପ୍ରତିଦିନ ଭୋର୍ ୪ଟାରେ ଉଠୁଥିବାରୁ ଅନେକ ସମୟରେ ତାଙ୍କୁ ଥକ୍କାପଣ ଅନୁଭବ ହୋଇଥାଏ। ହେଲେ ରାତିରେ ଘରକୁ ଫେରି ପିଲାଙ୍କୁ ଦେଖିଦେବା ପରେ ସବୁ ଥକ୍କାପଣ ଦୂର ହୋଇଯାଏ ବୋଲି ରଚେଲ କହିଛନ୍ତି। ପିଲାଙ୍କ ଯତ୍ନ ନେବା ପାଇଁ ରଚେଲ ଦୈନିକ ୭୦୦ କି.ମି. ଯାତ୍ରା କରୁଥିବାରୁ କେତେକ ସ୍ଥାନୀୟ ଗଣମାଧ୍ୟମ ତାଙ୍କୁ ମାଲେସିଆର ସୁପର ମମ୍ ଭାବେ ଅଭିହିତ କରିଛନ୍ତି।

# ବିବାହ କଲେ ପାର୍ବତୀ ନାୟାର

ମୁମ୍ବାଇ

ତାମିଲନାଡୁର ଚେନ୍ନାଇସ୍ଥିତ ଥିରୁଭାନ୍‌ମିୟୁରଠାରେ ମଡେଲ ତଥା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପାର୍ବତୀ ନାୟାର କୋଟିପତି ବ୍ୟବସାୟୀ ଆଶ୍ରିତ ଅଶୋକଙ୍କୁ ବିବାହ କରିଛନ୍ତି। ତାମିଲ ରୀତିନୀତି ଅନୁଯାୟୀ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ଏହି ବିବାହରେ ଉଭୟ ପାର୍ବତୀ ଏବଂ ଆଶ୍ରିତଙ୍କ ବନ୍ଧୁ, ପରିବାର ବର୍ଗ, ନିକଟ ସମ୍ପର୍କୀୟଙ୍କ ସମେତ ଅଭିନେତା ଅଲ୍ଲୁ ସିରିଶ, ଅଭିନେତ୍ରୀ ଈଶ୍ୱରା ମେନନ୍, ଅଭିନେତ୍ରୀ ପ୍ରଜ୍ଞା ନାଗ୍ରା ପ୍ରମୁଖ ସେଲିବ୍ରିଟି ଯୋଗ ଦେଇଥିଲେ। ବୁଧବାର ପାର୍ବତୀ ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର କିଛି ଫଟୋ ଶେୟାର କରିଛନ୍ତି। ବିବାହରେ ପାର୍ବତୀ ଗୋଲ୍ଡେନ ବର୍ଡର ଥିବା ଏକ ପାରମ୍ପରିକ ଶାଢ଼ି ପିନ୍ଧି ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ବିବାହ ବେଳେ ଉଭୟ ପାର୍ବତୀ ଏବଂ ଆଶ୍ରିତ ବିଭିନ୍ନ ପରମ୍ପରା ଏବଂ ପ୍ରଥାକୁ ସମ୍ପାଦନ କରୁଥିବାର ଦେଖିବାକୁ ମିଳିଛି। ପାର୍ବତୀ ନିଜ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ୭ ଜନ୍ମର ଜୀବନସାଥୀ ହେବା ପାଇଁ ଶପଥ ନେଇଛୁ। ସମସ୍ତଙ୍କଠାରୁ ଆଶୀର୍ବାଦ ଭିକ୍ଷା କରୁଛୁ। ଏହି ପୋଷ୍ଟରେ ପାର୍ବତୀଙ୍କ ଅନେକ ପ୍ରଶଂସକଙ୍କ ସମେତ ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ନବ ବିବାହିତ ଯୋଡ଼ିଙ୍କୁ ବିବାହର ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ପାର୍ବତୀ ଅନେକ ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଢେର ପ୍ରଶଂସା ସାଉଣ୍ଟିଛନ୍ତି। ୧୯୮୩ କ୍ରିକେଟ ବିଶ୍ୱକପ୍‌ରେ ଭାରତର ବିଶ୍ୱ ବିଜୟ କାହାଣୀକୁ ନେଇ ୨୦୨୧ରେ ନିର୍ମିତ ହୋଇଥିବା '୮୩' ଫିଲ୍ମ ସହ ପାର୍ବତୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।


ଅଭିନେତ୍ରୀ ପାର୍ବତୀ ନାୟାରଙ୍କ ସହ ଆଶ୍ରିତ ଅଶୋକ।




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋନି କପୁର, ଅର୍ଜୁନ କପୁର

## ଓଡ଼ିଆରେ ଚଳଚ୍ଚିତ୍ର ନିର୍ମାଣ କରିବି: ବୋନି

ଭୁବନେଶ୍ୱର, ୧୨।୨
(ବନ୍ଦନା ସେଠୀ)



ବଲିଉଡ୍ ଫିଲ୍ମ ନିର୍ମାତା ବୋନି କପୁର ଏବଂ ଅଭିନେତା ଅର୍ଜୁନ କପୁର ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

ବଲିଉଡ୍ ଫିଲ୍ମ ନିର୍ମାତା ବୋନି କପୁର ଏବଂ ଅଭିନେତା ଅର୍ଜୁନ କପୁର ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାନସଭା ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଓଡିଶାରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ବୋନି ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରଛନ୍ତି। ଓଡିଶାରେ ଫିଲ୍ମ ଶୁଟିଂ ପାଇଁ ବ୍ୟାପକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ସୁବିଧା ରହିଛି। ତେବେ ଏ ସବୁର ପ୍ରଚାର ପ୍ରସାର ହେଲେ ବହୁ ଫିଲ୍ମ ନିର୍ମାତାଙ୍କ ପାଇଁ ଓଡିଶା ହେବ ପସନ୍ଦ ଯୋଗ୍ୟ ଫିଲ୍ମ ଶୁଟିଂ ସ୍ଥାନ। ଏଥିସହିତ ରାଜ୍ୟ ପର୍ଯ୍ୟଟନର ମଧ ଅଭିବୃଦ୍ଧି ଘଟିବ ବୋଲି ସେ କହିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଉଭୟେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟିଥିଲେ। ଏନେଇ ଅର୍ଜୁନ କହିଛନ୍ତି, କ୍ରିକେଟ୍ ଲିଗ୍‌ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛୁ। ପ୍ରଥମଥର ଓଡ଼ିଶା ଆସିଥିବାବେଳେ ବହୁତ ଖୁସି ଲାଗୁଛି, ଖୁବ୍ ସୁନ୍ଦର ଅନୁଭୂତି ରହିଥିବା ସେ କହିଛନ୍ତି।

# ବିଧାନସଭାରେ ‘ଡିଜିଟାଲ ହାଉସ୍’ର ଶୁଭାରମ୍ଭ

## ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲରେ ଉପଲବ୍ଧ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଜିଟାଲ ହାଉସ୍‌ର ଶୁଭାରମ୍ଭ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭା ଗୃହରେ ‘ଡିଜିଟାଲ ହାଉସ୍’ର ଶୁଭାରମ୍ଭ କରିଛନ୍ତି। ଇ-ବିଧାନସଭା ଆପ୍ଲିକେଶନ (ନେଭା) ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଧାନସଭା ଗୃହ ‘ନେଭା ଡିଜିଟାଲ ହାଉସ୍’ ଭାବରେ ପରିଗଣିତ ହେଲା। ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ। ଏହାଦ୍ୱାରା ବିଧାନସଭାର ସମସ୍ତ ସଦସ୍ୟ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ କୌଣସି ଡିଜିଟାଲ ଡିଭାଇସ୍‌ରେ ରିୟଲ ଟାଇମ୍ ତଥ୍ୟ ପାଇପାରିବେ। ଗୃହ କାର୍ଯ୍ୟକ୍ରମର ଯେକୌଣସି ସମୟର ତଥ୍ୟ ସେହି ସମୟରେ ହିଁ ମିଳିପାରିବ। ଏକ ପେପରଲେସ୍ ହାଉସ ଭାବରେ ଗୃହର ଗୌରବ ବୃଦ୍ଧି ହେବ। ଡିଜିଟାଇଜେଶନ ବିପ୍ଳବ ସହିତ ତାଳ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବରେ ‘ଡିଜିଟାଲ ଇଣ୍ଡିଆ’ ଏବଂ ‘ଗୋ ଗ୍ରୀନ’ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଭାରତ ଏକ ଡିଜିଟାଲ ସଶକ୍ତ ସମାଜ ଓ ଜ୍ଞାନଭିତ୍ତିକ ଅର୍ଥନୀତିରେ ପରିଣତ ହେବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି। ତେଣୁ ଓଡ଼ିଶା ବିଧାନସଭା ପାଇଁ ଏହା ଏକ ଐତିହାସିକ ଦିବସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ଏହାଦ୍ୱାରା ସମସ୍ତ କାର୍ଯ୍ୟ ପେପରଲେସ୍ ଓ ଶୀଘ୍ର ହୋଇପାରିବ। ସମସ୍ତ କାଗଜପତ୍ରର ଇ-ଲେୟିଙ୍ଗ, ଇଲେକ୍‌ଟ୍ରୋନିକ୍ ପ୍ୟାଡ୍ ବ୍ୟବହାର ଜରିଆରେ ବାଚସ୍ପତି ଓ ସଚିବଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା, ଗୃହକାର୍ଯ୍ୟ ସମୟରେ ନୋଟ୍ ବିନିମୟ ପାଇଁ ମନ୍ତ୍ରୀ ଏବଂ ପ୍ରଶାସନିକ ସଚିବଙ୍କ ମଧ୍ୟରେ ଯୋଗାଯୋଗ, ଗୃହର ଯେକୌଣସି କାର୍ଯ୍ୟସୂଚୀ ଉପରେ ଇ-ଭୋଟିଂ, ସଦସ୍ୟାସଦସ୍ୟଙ୍କ ଇ-ଉପସ୍ଥିତି, ଗୃହ କାର୍ଯ୍ୟର ସୂଚୀଗୁଡିକର ଡିଜିଟାଲ୍ ଡିସ୍‌ପ୍ଲେ ସିଷ୍ଟମ୍, ବକ୍ତା ଓ ସଦସ୍ୟାସଦସ୍ୟଙ୍କ ଆଲୋଚନା ସମୟ ପରିଚାଳନା ଆଦି ଅନେକ କାର୍ଯ୍ୟ ସମ୍ଭବ ହୋଇପାରିବ।

ନେଭା ହେଉଛି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ୪୪ଟି ମିଶନ ମୋଡ୍ ପ୍ରକଳ୍ପ ମଧ୍ୟରୁ ଗୋଟିଏ। ବର୍ତ୍ତମାନ ସୁଦ୍ଧା ପୂରା ଦେଶରେ ଲୋକସଭା ଓ ରାଜ୍ୟ ସଭା ବ୍ୟତୀତ ଓଡ଼ିଶା, ଗୁଜରାଟ, ଆସାମ, ହିମାଚଳ ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର କାଉନସିଲ, ନାଗାଲାଣ୍ଡ, ଉତ୍ତରପ୍ରଦେଶ (ଉଭୟ ଗୃହ), ହରିୟାଣା, ମିଜୋରାମ, ମଣିପୁର, ମେଘାଳୟ, ତାମିଲନାଡୁ, ତ୍ରିପୁରା ଓ ସିକିମ ଭଳି ୧୬ଟି ବିଧାନସଭା ଗୃହରେ ଏହା କାର୍ଯ୍ୟକାରୀ ହୋଇସାରିଛି। ବିଧାନସଭାକୁ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ କରିବା ବା କାଗଜବିହୀନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହାର ପ୍ରମୁଖ ମଡ୍ୟୁଲଗୁଡିକ ମଧ୍ୟରେ ନେଭା ଇ-ବୁକ୍, ରାଜ୍ୟପାଳଙ୍କ ଅଭିଭାଷଣ, ଗୃହ କାର୍ଯ୍ୟସୂଚୀର ତାଲିକା ଏବଂ ପ୍ରଶ୍ନାବଳୀର ଡିଜିଟାଲ ପ୍ରଦର୍ଶନ, ଇ-ଭୋଟିଂ, ଇ-ଉପସ୍ଥିତି, ହାଉସ୍ ପ୍ରଡକ୍ଟିଭିଟି, ରିପୋର୍ଟ, ସ୍ପିଚ୍ ଟାଇମ୍ ମ୍ୟାନେଜମେଣ୍ଟ, ସ୍ପିକର ପ୍ୟାଡ୍, ମିନିଷ୍ଟର୍ ପ୍ୟାଡ୍, ଡାଇନାମିକ୍ ଇଭେଣ୍ଟସ୍, ଟାଇମ୍ ପୁସ୍, ଜନ୍ମଦିନର ଶୁଭେଚ୍ଛା, ନୋଟ୍, ସର୍କୁଲାର ଏବଂ ଅନ୍ୟାନ୍ୟ ସୂଚନା ଆଦି ରହିଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ର ସଂସଦୀୟ ବ୍ୟାପାର ବିଭାଗର ଶାସନ ସଚିବ ଉମଙ୍ଗ ନରୁଲା, ରାଜ୍ୟ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ସଞ୍ଜୀବଙ୍କ ସମେତ ମନ୍ତ୍ରୀ, ବିଧାୟକ ଉପସ୍ଥିତ ଥିଲେ।

## ଇଣ୍ଟରସିଟି ଏସି ବଗିରେ ଧୂଆଁ

ଭୁବନେଶ୍ୱର, ୧୨।୨
(ଅନୁରାଧା ମହାରଣା)

ଭୁବନେଶ୍ୱର-ସୋନପୁର ଇଣ୍ଟରସିଟିର ଏସି ବଗିରେ ବୁଧବାର ସକାଳେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ମଞ୍ଚେଶ୍ୱର ଷ୍ଟେଶନରେ ଟ୍ରେନ ଅଟକାଇ ଧୂଆଁକୁ ଆୟତ୍ତ କରାଯାଇଥିଲା। ଏସି ବଗି ଚକାରେ ବ୍ରେକ୍ ବାଇଣ୍ଡିଂ ଯୋଗୁ ଧୂଆଁ ବାହାରିଥିବା ଜଣାପଡିଛି। ଯାଞ୍ଚବେଳେ ଏହା ସ୍ପଷ୍ଟ ହେବା ପରେ ଆବଶ୍ୟକ ମରାମତି କରାଯାଇ ପ୍ରାୟ ୩୦ ମିନିଟ ପରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳକୁ ବାହାରିଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ରେରା ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

## ନୂତନ ରେରା ଆଇନ ଲାଗୁ ନ ହେବା ମାମଲା

କଟକ, ୧୨।୨ (କାର୍ତ୍ତିକ ସାହୁ)

୨୦୧୭ ମସିହା ପୂର୍ବରୁ ନିର୍ମାଣ ହୋଇଥିବା ଫ୍ଲାଟ୍ ବା ପ୍ରକଳ୍ପ ଉପରେ ନୂତନ ରେରା(ଓଡ଼ିଶା ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି) ଆଇନ ଲାଗୁ ହୋଇପାରିବ ନାହିଁ। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟ ବୁଧବାର ରହିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ବିଜ୍ଞପ୍ତି ଉପରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାନୁସାରେ, ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଫେବୃଆରୀ ପହିଲାରେ ରେରା ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଜୁନ୍ ୨୮ରୁ ରାଜ୍ୟରେ ଲାଗୁ ହୋଇଥିବା ନୂତନ ରେରା ଆଇନ ବଳରେ କୌଣସି ଫ୍ଲାଟ୍‌ର ବାସିନ୍ଦାଙ୍କ ପାଇଁ ଥିବା ସ୍ଥାନ ଉପରେ ଆଲଟିମାନଙ୍କ ଆସୋସିଏଶନ୍‌ର ଅଧିକାର ରହିବ। ଏହି ଆଇନ ବଳରେ ଆଲଟିମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇଛି। କିନ୍ତୁ ଏହାଦ୍ୱାରା ଫ୍ଲାଟ୍ ମାଲିକମାନେ ଫ୍ଲାଟ୍ ବିକ୍ରି-ଖର୍ଦ୍ଦିରେ ବହୁ ସମସ୍ୟା ଭୋଗୁଛନ୍ତି। ରେରା ଆଇନ ଆସିବା ପୂର୍ବରୁ ଅର୍ଥାତ୍ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ଯେଉଁସବୁ ଫ୍ଲାଟ୍ ନିର୍ମାଣ ଶେଷ ହୋଇଛି ସେଗୁଡିକ ପଞ୍ଜୀକରଣ ପାଇଁ ଅନୁମତି ଦେବାକୁ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତିକୁ ବିରୋଧ କରି ଆବେଦନକାରୀ ବିମଳେନ୍ଦୁ ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ୩୭ ଡିଗ୍ରୀ ଛୁଇଁଲା ତାତି

ଭୁବନେଶ୍ୱର, ୧୨।୨
(ଅନୁରାଧା ମହାରଣା)

ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ବୁଧବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ଦିନର ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ବଲାଙ୍ଗୀରରେ ୩୬ ଡିଗ୍ରୀ ରହିଥିଲା। ଏହାସହ ଅନ୍ୟ ୫ ସ୍ଥାନରେ ମଧ ପାରଦ ୩୫ ଡିଗ୍ରୀ ଉପରେ ଥିଲା। ଅନ୍ୟପକ୍ଷରେ ଫେବୃଆରୀର ପ୍ରଥମ ସପ୍ତାହ ପରେ ଦ୍ୱିତୀୟ ସପ୍ତାହରେ ପୁଣି ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୪ ଡିଗ୍ରୀ ଅତିକ୍ରମ କରିଛି। ସହରରେ ଦିନ ତାପମାତ୍ରା ୩୪.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଅନ୍ୟପଟେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୧ ଡିଗ୍ରୀ ସେଲସିୟସ୍ ରହିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ନବଜାତକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟରେ ଫିଙ୍ଗିଦେଲେ ନାବାଳିକା ଛାତ୍ରୀ

## ପ୍ୟାନ୍‌ରୁ ମୃତଦେହ ଜବତ କଲେ ଅଗ୍ନିଶମ କର୍ମଚାରୀ

ଦାରିଙ୍ଗବାଡ଼ି, ୧୨।୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକା ଛାତ୍ରୀ ଶିଶୁକନ୍ୟାକୁ ଜନ୍ମଦେଇ ଶୌଚାଳୟରେ ଫିଙ୍ଗିଦେଇଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଶୌଚାଳୟ ପ୍ୟାନ୍ ଭାଙ୍ଗି ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି।

ଯୁକ୍ତ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ବୁଧବାର ସକାଳେ ସେ ପରିବାର ଲୋକଙ୍କ ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେ ବହିର୍ବିଭାଗର ପୁରୁଷ ଶୌଚାଳୟକୁ ଯାଇଥିବା ବେଳେ ସେଠାରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ପରେ ନବଜାତକଙ୍କୁ ଶୌଚାଳୟ ପ୍ୟାନ୍‌ରେ ଫୋପାଡ଼ି ଦେଇ ଛାତ୍ରୀ ଜଣଙ୍କ ଚାଲିଯିବାକୁ ଉଦ୍ୟମ କରୁଥିଲେ। ନବଜାତ ଶିଶୁର ମୁଣ୍ଡଟି ଶୌଚାଳୟରେ ଫସି ରହିଥିଲା। ଛାତ୍ରୀଙ୍କ ମା’ ଏହା ଜାଣିବାରୁ ନବଜାତର ଗୋଡ଼କୁ ଧରି ସେଠି ବସି ରହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଖବର ପାଇ ଛାତ୍ରୀଙ୍କୁ ପ୍ରସୂତି କକ୍ଷକୁ ନେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ୟାନ୍ ଭାଙ୍ଗି ଶିଶୁକନ୍ୟାକୁ ବାହାର କରିଥିଲେ ମଧ ତାହାର ମୃତ୍ୟୁ ହୋଇସାରିଥିଲା। ଛାତ୍ରୀ ଜଣକ ଅନ୍ୟ ଥାନା ଅଞ୍ଚଳରେ ପଢୁଥିବା ବେଳେ ମଙ୍ଗଳବାର ସେ ନିଜ ଘରକୁ ଆସିଥିଲେ। ସକାଳୁ ଏ ସବୁ ଘଟଣା ଘଟିଛି। ସେ ଯେଉଁ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ସେଠାରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରାଙ୍କୁ ନେଇ ଅନେକ ବିଷୟ ଆଲୋଚନାକୁ ଆସିଛି। ସେପଟେ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଏବଂ ଦାରିଙ୍ଗବାଡ଼ି ପୋଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ମଣ୍ଡପରେ ପିଟିହେଲା ବାଇକ୍: ୩ ମୃତ

କୋଣାର୍କ, ୧୨।୨
(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଆରୋହୀଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚାରିଛକ ଥାନା ଅଧୀନ ଦଣ୍ଡକିରା ଗ୍ରାମର ଜୟ ପ୍ରକାଶ ସାହୁ, ସାଗର ମଲ୍ଲିକ ଓ ଦୀପକ ମଲ୍ଲିକ।

ସୂଚନାଯୋଗ୍ୟ, ଉକ୍ତ ୩ଜଣ ମଙ୍ଗଳବାର ରାତି ୧ଟା ୩୦ ମିନିଟ୍‌ରେ କୋଣାର୍କରୁ ବାହାରି ଚାରିଛକ ଅଭିମୁଖେ ଯାଉଥିବା ବେଳେ ବାଇକ୍‌ଟି ଭାରସାମ୍ୟ ହରାଇ ବଢେଇ ଛକ ଠାରେ ଥିବା ମଣ୍ଡପରେ ପିଟି ହୋଇଥିଲା। ଫଳରେ ସେମାନେ ଗୁରୁତର ହୋଇଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୩ଜଣଙ୍କର ମୃତ୍ୟୁ ଘଟିଛି। ମେଡିକାଲ୍‌ରେ କୋଣାର୍କ ପୋଲିସ ପହଞ୍ଚି ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଜୈବିକ ଚାଉଳରେ ପ୍ରସ୍ତୁତ ହେବ ଶ୍ରୀମନ୍ଦିର କୋଠଭୋଗ

## ‘ଅମୃତ ଅନ୍ନ’ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଗଠନ ହେବ ପରିଚାଳନା କମିଟି

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)




ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀଙ୍କ ସହ ଅନ୍ୟମାନେ।

ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହିକ୍ରମରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ନେଇ ବୁଧବାର କୃଷି ଭବନ ସମ୍ମିଳନୀ କକ୍ଷରେ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠ ଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ। ଏଥିସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି। ‘ଅମୃତ ଅନ୍ନ’ ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଏଥିପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବା ନେଇ ପ୍ରସ୍ତାବ ରହିଛି। ସେହିପରି ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା ଦେଶୀୟ ପ୍ରଜାତିର ଜୈବିକ ଧାନ କଳାଜିରା, ପିମ୍ପୁଡିବାସ, ଯୁବରାଜ ଆଦିରୁ ବାହାରୁଥିବା ଜୈବିକ ଚାଉଳ ‘ଅମୃତ ଅନ୍ନ’ ମହାପ୍ରସାଦରେ ବ୍ୟବହୃତ ହେବ। ଏଥିସହ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ ଏବଂ ସମ୍ପୂର୍ଣ୍ଣ ‘ଅମୃତ ଅନ୍ନ’ ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ ବୋଲି ସୂଚନା ଦିଆଯାଇଛି।

କଳାଜିରା ଧାନ ଜିଆଇ ଟ୍ୟାଗ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି। ଚଳିତବର୍ଷ କୋରାପୁଟର ୧୩୬୫ଏକର ଜମିରେ କଳାଜିରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମଥର ପାଇଁ କଳାଜିରା ଧାନର ମଣ୍ଡି ଖୋଲାଯାଇଛି। ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ ସାର୍ଟିଫିକେଶନ, ସବ୍‌ସିଡି ଆଦିର ପ୍ରସ୍ତାବ ରହିଛି। ଏଥିସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯିବ। ସେହି କମିଟିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ। ଜୈବିକ ପଦ୍ଧତିରେ ଉତ୍ପାଦନବେଳେ ଗୋମୂତ୍ର, ଗୋବର, ବୀଜାମୃତ ତଥା ଅନ୍ୟ ଜୈବିକ ଖତର ବ୍ୟବହାର ରାଜ୍ୟରେ ଗୋବଂଶର ସୁରକ୍ଷା ଓ ବୃଦ୍ଧିରେ ମଧ ସହାୟକ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପକ୍ଷରୁ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟି ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗ୍ରାମୀଣ ସମ୍ବଳ କର୍ମୀଙ୍କ ପକ୍ଷରୁ ରାଲି, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଯଶୁଆପୁର ମହୋତ୍ସବ, ସ୍ଥାନ: ଯଶୁଆପୁର ଖେଳ ପଡ଼ିଆ, ବାଲିଅନ୍ତା, ସମୟ: ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ '୭ମ ବର୍ଣ୍ଣାଳୀ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ଦେବଦାସୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ବାଖରାବାଦ ଖେଳ ପଡ଼ିଆ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- 'ଜଗତ ଦର୍ଶନେ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଖଇରା ମହାବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୟୁଥ୍ କ୍ଲବର ଚତୁର୍ଥ ବାର୍ଷିକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାଖରାବାଦ ଖେଳ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଶ୍ରୀ ବିରଞ୍ଚିନାରାୟଣଙ୍କ ପୀଠରେ ଗୁଣ୍ଠୁଣୀ ମେଳା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ସକାଳ ୭ଟା।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ,ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା ଜଗନ୍ନାଥ ରାଉତ ମଞ୍ଚ ନାମରେ ନାମିତ,ସ୍ଥାନ: ଜୟନଗର ପଡ଼ିଆ,ଧାମନଗର,ସମୟ: ସନ୍ଧ୍ୟା ୬ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀ ଉଦ୍‌ଘାଟନ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ନଟରାଜ ନାଟକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ତିଲୋ କପର ୭ମ ଦିନର ପ୍ରଥମ ମ୍ୟାଚ୍ ସାପିଏନ୍ସ ଓ ୱଣ୍ଡର ସିମେଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ, ସ୍ଥାନ: ହନୁମାନ ଜୀଉ ମିନି ଷ୍ଟାଡିୟମ, ତିଲୋ, ବନ୍ତ, ସମୟ: ସକାଳ ୯ ଟା।
- ତିଲୋ କପର ୭ ମ ଦିନର ୨ୟ ମ୍ୟାଚ୍ ଇଣ୍ଡିଆନ ଅଏଲ ଓ ଏସପିଜେ କାର୍ଗୋ ମଧ୍ୟରେ ଅନୁଷ୍ଠିତ ହେବ, ସ୍ଥାନ: ହନୁମାନ ଜୀଉ ମିନି ଷ୍ଟାଡିୟମ, ତିଲୋ, ବନ୍ତ, ସମୟ: ଦିନ୧ ଟା।

## କେନ୍ଦୁଝର
- ଶ୍ରୀ ନାରାୟଣଙ୍କ ମନ୍ଦିରରେ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ପନ୍ଦାଡ଼ୋ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ପୂର୍ଣ୍ଣାହୁତୀ, ନାମସଙ୍କୀର୍ତ୍ତନ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ଅପରାହ୍ନ ୨ଟା।
- ଅଷ୍ଟମପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ବଡ଼ରମ୍ପାସ, ଜଳକଳଙ୍ଗ, ବୃନ୍ଦାବନପୁର, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ଘଟୋଉତୋଳନ, ସ୍ଥାନ: ଖଇରିମରା, ଛେନାପଦି, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜା ଉପଲକ୍ଷେ ସୂର୍ଯ୍ୟପୂଜା, ସ୍ଥାନ:କଉଡ଼ିଖିଣି, ସୁହାଗପୁର, ବଡ଼ସାହି,ସମୟ:ସକାଳ ୭ଟା।
- ମୟୂରଭଞ୍ଜ ଗ୍ରୀନ ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ୧୩୭ତମ ହରିହାଟ ମହୋତ୍ସବ.ସ୍ଥାନ:ମାଧପୁର ଶାସନ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ଆଇସିଡିଏସ୍ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା,ସମୟ:ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ସ୍ଥାନ:କଉଡ଼ିଖିଣି, ସୁହାଗପୁର, ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।
- ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ଜାଲଘେରା, ହାଟପଡ଼ିଆ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ବହୁମୁଖୀ ସମାଜ ମଙ୍ଗଳ ପକ୍ଷରୁ ରେଡିଓ ଦିବସ ପାଳନ, ସ୍ଥାନ: ସ୍ଥାନ-ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ
- ସିନଫେଷ୍ଟ ଉପଲକ୍ଷେ ଗ୍ରାଜୁଏସନ ଡେ', ସ୍ଥାନ: ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସର, ସମୟ: ଅପରାହ୍ନ ୪ଟା।
- ରେଡିଓ ଢ଼େଙ୍କାନାଳର ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ରଣପଶି ସଭା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
ବ୍ୟାସ ସରୋବର ମହୋତ୍ସବର ୬ଷ୍ଠ ଦିବସ, ସ୍ଥାନ : ବ୍ୟାସ ସରୋବର ମେଳା ପଡ଼ିଆ, ସମୟ : ସନ୍ଧ୍ୟା ୫ଟା।

## ନୟାଗଡ଼
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟ ୫ମ ଦିବସର ପ୍ରଥମ ସେମି ଫାଇନାଲରେ ଖଣ୍ଡପଡ଼ା ବନାମ ନୟାଗଡ଼, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମାଘମେଳା ମହୋତ୍ସବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା ।

## ରାୟଗଡ଼ା
- ଶିକ୍ଷକଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମହର୍ଷି ବିଦ୍ୟା ମନ୍ଦିର, ରାୟଗଡା, ସମୟ: ସକାଳ ୯ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ନବରଙ୍ଗପୁର
- ଜିଲାପାଳଙ୍କୁ ଜିଲା ଓ୍ୟୁଜେ ସଂଘର ଦାବିପତ୍ର, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ମା ସାରଳାଙ୍କ ମେଳା, ଦଶମ ଶ୍ରେଣୀ ପିଲାଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା, ସ୍ଥାନ: ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ,ବୁର୍ଜା, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଟିପିଏ ଫାଉଣ୍ଡେସନ ଦ୍ୱାରା ମାସିକ ପରିଚର୍ଯ୍ୟା ସହାୟକ ସାମଗ୍ରୀ (ପିରିଅଡ୍-ଫ୍ରେଣ୍ଡଲି କିଟ୍) ବିତରଣ, ସ୍ଥାନ: ତେନ୍ତୁଳିଖୁଣ୍ଟି ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ, ଅଞ୍ଚଳଗୁମ୍ଫା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୩.୧୫ ପର୍ଯ୍ୟନ୍ତ।
- ଆଦିବାସୀଙ୍କ ପାରମ୍ପରିକ ମାଘ ମଣ୍ଡେଇ, ସ୍ଥାନ: ଡାବୁଗାଁ ଭୈରବ ମନ୍ଦିର, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ରାଧା ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋଟପାଡ଼ ବ୍ଲକ କେନ୍ଦୁଗୁଡ଼ା, ସମୟ: ସକାଳ ୯ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ଗୁଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- .ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋବିନ୍ଦତୋଲା ନିକଟସ୍ଥ ୟୁନିୟନ ସ୍ପୋର୍ଟିଂ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଅଟଳ ଗ୍ରାମ ପ୍ରସ୍ତୁତି ବୈଠକ, ସ୍ଥାନ : କବରାପାଲି, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ମ୍ୟୁନସିପାଲ କଲେଜରେ ସ୍ୱତନ୍ତ୍ର ଶିକ୍ଷାଭିତ୍ତିକ ଅଧିବେଶନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୯ଟା।
- ବସନ୍ତ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ:ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ମହାନଗର କମିଶନରଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆରଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା୪୫।
- ଆର୍‌ଏସ୍‌ପି ପକ୍ଷରୁ କାର୍ଯ୍ୟକ୍ରମ ନାଟକ ସନ୍ଧ୍ୟା,ସ୍ଥାନ:ସିଭିକ ସେଣ୍ଟର,ସମୟ: ସନ୍ଧ୍ୟା୬ଟା।
- ରୋଟାରୀ କ୍ଲବ ପକ୍ଷରୁ ଚାରିଟି ନାଇଟ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ: ସକାଳ ୮ଟା।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି
- ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ହରେକୃଷ୍ଣପୁର ଅପର ପ୍ରାଇମେରୀ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୁନାଗଡ ମହୋତ୍ସବ ଉପଲକ୍ଷେ ପୁରୁଷ ଓ ମହିଳା ମାରାଥନ୍, ସ୍ଥାନ: ବନମାଳୀପୁର ପେଟ୍ରୋଲ ପମ୍ପଠାରୁ ଉତ୍ସବ ପଡିଆ, ସମୟ: ସକାଳ ୮ଟା।
- ଭଲିବଲ ପ୍ରତିଯୋଗିତା, ସ୍ଥାନ: ଜୁନାଗଡ ଲାଲବାହାଦୁର କ୍ଲବ, ସମୟ: ସକାଳ ୯ଟା।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ପୁରୁଣାକଟକ ଦୁର୍ଗା ପୂଜା ମଣ୍ଡପ, ପୁରୁଣାକଟକ, ହରଭଙ୍ଗା, ସମୟ: ସକାଳ ୬ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମଗ୍ରିକ କ୍ଷେତ୍ରରେ ଶୁଭଫଳ ଲାଭକରି ଆନନ୍ଦ ଅନୁଭବ କରିବେ। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରିପାରନ୍ତି। ଅବଶ୍ୟ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପଡ଼ୋଶୀ ସାହାଯ୍ୟ କରିବେ।

**ବୃଷ** ନିଜ ଲୋକମାନଙ୍କର ଭୁଲ୍ ଧାରଣା ବୃଦ୍ଧିପାଇ କଳହର ରୂପ ନେଇପାରେ। ଆଜି ଆପଣ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନପରେ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ସହ ନୂତନ ସମସ୍ୟା ସୃଷ୍ଟି ହେବ।

**ମିଥୁନ** ସତର୍କତା କିମ୍ବା ଅନ୍ୟମନସ୍କଜନିତ ଧନହାନି ଘଟିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ମାତ୍ର ପରିଶେଷରେ ସଫଳତା ହାସଲ କରିବେ। ତଥାପି ପ୍ରତ୍ୟେକ କାମରେ ଆଗପଛ ବିଚାର କରି ହାତ ଦେବା ଭଲ ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆପଣଙ୍କ ଲୋକପ୍ରିୟତାରୁ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ମାତ୍ରାଧିକ ଭ୍ରମଣ ଯୋଗୁ ସନ୍ଧ୍ୟା ସମୟରେ କ୍ଲାନ୍ତି ଅନୁଭବ କରିବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ସିଂହ** ନିଜ ଚିନ୍ତାଧାରାର ବିପରୀତ କାର୍ଯ୍ୟକଳାପକୁ ଦେଖିଲେ ମଧ୍ୟ ନ ଦେଖିଲା ପରି ରହିବାକୁ ବାଧ ହେବେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବାରୁ ମନ ଖୁସି ରହିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅନ୍ୟଦ୍ୱାରା ଅନୁପ୍ରେରିତ ହୋଇ ଭୁଲ୍ ବୁଝାମଣା ଯୋଗୁ ପାରିବାରିକ କ୍ଷେତ୍ର ବିବାଦୀୟ ରହିବ।

**କନ୍ୟା** ସମସ୍ୟା ପିଛା ନ ଛାଡିଲେ ମଧ୍ୟ ଆପଣ ନୀରବ ନ ରହି ପ୍ରତିକାରମୂଳକ ପଦକ୍ଷେପ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଦୀର୍ଘଦିନରୁ ଶଯ୍ୟାଶାୟୀ ରୋଗିଣା ପିତାଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ।

**ତୁଳା** ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପ୍ରାୟତଃ ଭଲ ରହିବା ଯୋଗୁ ଆଶ୍ୱସ୍ତିଲାଭ କରିବେ। ଗତକାଲିଠାରୁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟିକୁ ଆଜି ସନ୍ଧ୍ୟାସୁଦ୍ଧା ଶେଷ କରିପାରିବେନି। ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ନିଜ ପରିଜନଙ୍କ ସହିତ ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ।

**ବିଛା** ମନକଥା ମନରେ ରଖି କାମ କରିଚାଲିବେ କିନ୍ତୁ ସୁଫଳ ଆଶା ଦୁରୂହ ହୋଇପାରେ। କିଛି ପାଇବା ଆଶାରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ଟିକାଟିପ୍ପଣୀ ଦେଇପାରନ୍ତି। ପାରସ୍ପରିକ ସୌହାର୍ଦ୍ଦ୍ୟ ଜନିତ ପରିବାରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** ବନ୍ଧୁଙ୍କ ମାଧ୍ୟମରେ ସକାଳୁ ସକାଳୁ ଶୁଭଖବର ପାଇ ମନ ହାଲୁକା ହୋଇଯିବ। ପରିସ୍ଥିତିରେ ପଡି ବାଧ୍ୟବାଧକତାରେ ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିପାରନ୍ତି। ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦୂର ହେବା ସାଙ୍ଗକୁ ଲାଭବାନ ହେବେ। ମନ ଭିତରେ ଯାହା ଥାଉନା କାହିଁକି ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ମକର** ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବା ସାଙ୍ଗକୁ ପଡ଼ୋଶୀଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ଖୁସି ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଧୈର୍ଯ୍ୟର ସହ ସମସ୍ୟାଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମ ପାଇଁ ଅସୁବିଧା ରହିବ ନାହିଁ।

**ମୀନ** ବିବାଦୀୟ ସ୍ଥିତିଜନିତ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇପାରେ। ଆର୍ଥିକ ସ୍ଥିତି ଭଲ ରହିବା ସହ ବନ୍ଧୁମିଳନରୁ ଖୁସି ରହିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ ସମସ୍ୟାର ସମାଧାନ, ବ୍ୟବସାୟରୁ ଲାଭଜନିତ ମାନସିକ ସ୍ଥିତି ଭଲ ରହିବ।

ଆଜି ଫେବୃଆରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ସୋ-ବେ-ବରାତ୍, ଅହମଦୀୟା ସମ୍ପ୍ରଦାୟର ମିର୍ଜା ଗୁଲାମ ଅହମଦଙ୍କ ଜନ୍ମ ଦିବସ, ଫାଲଗୁନ କୃଷ୍ଣ ପ୍ରତିପଦା ଗୁରୁବାର, ରାଶିନକ୍ଷତ୍ର-ମଘା/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ ଗତେ ଘ.୦୭.୫୧ ମଧ୍ୟେ, ଘ.୧୦.୫୨ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୬ ଗତେ ଘ.୦୨.୫୧ ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## ଲୋକଙ୍କୁ ପଙ୍ଗୁ ....

ଏଭଳି ଲୋକେ ବି ବିକାଶ ଧାରାରେ ସାମିଲ ହୋଇପାରିବେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଲେ, ଦେଶରେ ପ୍ରାୟ ଏଭଳି କେହି ନ ଥିବେ, ଯିଏ କାମ ପାଇ କାମ କରିବାକୁ ଚାହୁଁ ନ ଥିବେ। ତାଙ୍କ ଯୁକ୍ତି ଶୁଣିବା ପରେ ବିଚାରପତି ଗଭାଇ କହିଲେ, ଆପଣଙ୍କର ଏକତରଫା ଜ୍ଞାନ ରହିଛି। ମୁଁ ନିଜେ ଚାଷୀ ପରିବାରରୁ ଆସିଛି। ନିକଟ ଅତୀତରେ ମହାରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଫ୍ରିବିଜ୍ ଯୋଗୁ ମହାରାଷ୍ଟ୍ରର ଶ୍ରମିକ କାର୍ଯ୍ୟ କରିବାକୁ ଆଗ୍ରହ ନ ଦେଖାଇବାରୁ କୃଷକମାନେ କାମ କରାଇବା ପାଇଁ ଲୋକ ପାଇ ନ ଥିଲେ। ତେବେ ଏହି ବିତର୍କ ଭିତରକୁ ଅଧିକ ଯିବାନାହିଁ ବୋଲି ଜଷ୍ଟିସ୍ ଗଭାଇ କହିଲେ। ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣିଙ୍କ ସମେତ ସମସ୍ତେ ବାସହୀନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନିମନ୍ତେ ଘର ଯୋଗାଇବା ପ୍ରସଙ୍ଗରେ ସହମତ। କିନ୍ତୁ ଏହା ସନ୍ତୁଳିତ ହେବା ଉଚିତ ନୁହେଁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଭେଙ୍କଟରମଣି କହିଲେ, ସରକାର ସହରାଞ୍ଚଳରୁ ଦାରିଦ୍ର୍ୟ ହଟାଇବା ମିଶନ ଉପରେ ପ୍ରକ୍ରିୟା ଚୂଡ଼ାନ୍ତ କରୁଛନ୍ତି। ଏହାଦ୍ୱାରା ସହରାଞ୍ଚଳରେ ବସବାସ କରୁଥିବା ବାସହୀନଙ୍କ ଅସୁବିଧା ସମେତ ଅନେକ ପ୍ରସଙ୍ଗର ସମାଧାନ ହୋଇପାରିବ। ଖଣ୍ଡପୀଠ ଏହା ଶୁଣି ପୁଣି ପ୍ରଶ୍ନ କଲେ, କେନ୍ଦ୍ରର କେଉଁ ଯୋଜନାରେ କେତେ ଦିନ ଭିତରେ ଏହାର ସମାଧାନ ହୋଇପାରିବ? ସରକାରୀ ଯୋଜନାକୁ ଯାଞ୍ଚ କରି ରେକର୍ଡ ଦାଖଲ କରନ୍ତୁ। ଇତିମଧ୍ୟରେ ନ୍ୟାଶନାଲ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ନ୍ୟାଶନାଲ ଲିଭ୍‌ଲିହୁଡ୍ ମିଶନକୁ ସରକାର ଜାରି ରଖିବେ କି ନାହିଁ ତାହା ମଧ୍ୟ ଅର୍ଟର୍ନି ଜେନେରାଲ ଅନୁଧ୍ୟାନ କରନ୍ତୁ ବୋଲି ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଉକ୍ତ ଯୋଜନାକୁ ସର୍ବଭାରତୀୟ ସ୍ତରରେ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକଠାରୁ ତଥ୍ୟ ସଂଗ୍ରହ ଲାଗି ମଧ୍ୟ କେନ୍ଦ୍ରକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ବେଳେ ଜଣେ ଆବେଦନକାରୀ କହିଲେ, ବାସହୀନଙ୍କ ସମସ୍ୟାକୁ ସରକାର ବିଶେଷ ପ୍ରାଧାନ୍ୟ ଦେଉ ନ ଥିବାରୁ ଏହାର ସମାଧାନ ହୋଇ ନ ପାରିବା ଦୁର୍ଭାଗ୍ୟଜନକ। ଅଧିକାରୀମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ଓ ଗରିବଙ୍କ ପ୍ରତି ଉଦାସୀନ ରହିଛନ୍ତି ବୋଲି ଆବେଦନକାରୀ କହିବା ପରେ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଛନ୍ତି। କହିଛନ୍ତି, ସୁପ୍ରିମକୋର୍ଟରେ ରାମଲୀଳା ମଇଦାନ ଭଳି ଭାଷଣ ଦିଅନାହିଁ। ଅନାବଶ୍ୟକ ଅଭିଯୋଗ ଆଣନାହିଁ। ଏଠାରେ ରାଜନୈତିକ ଭାଷଣ ଦେବା ଅନୁଚିତ। କୋର୍ଟରୁମ୍‌କୁ ଆମେ ରାଜନୈତିକ ଯୁଦ୍ଧଭୂମିରେ ପରିଣତ ହେବାକୁ ଦେବୁନାହିଁ।

ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଲେ, ଖଣ୍ଡପୀଠଙ୍କ ନିକଟରେ ଦାଖଲ ଏକ ରେକର୍ଡ ଅନୁସାରେ ୨୦୨୪ ଡିସେମ୍ବର ୪ ସୁଦ୍ଧା ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ମୋଟ ୨,୫୫୫୭ ବାସଗୃହ ମଞ୍ଜୁର ହୋଇଥିଲା। ସେଥିରୁ ୧,୯୯୫ ଆଶ୍ରୟ ଗୃହ ଏବେ ବାସଯୋଗ୍ୟ ହୋଇଛି, ଯହିଁରେ ୧.୧୬ ଶଯ୍ୟା ରହିଛି। କେବଳ ଦିଲ୍ଲୀରେ ୩ ଲକ୍ଷ ସହରୀ ବାସହୀନ ରହିଥିବା ବିଷୟ ଏକ ସର୍ଭେରେ ଉଲ୍ଲେଖ କରାଯାଇଥିବା ସେ କହିଛନ୍ତି। ଦିଲ୍ଲୀ ଅର୍ବାନ ଶେଲ୍ଟର ଇମ୍ପ୍ରୁଭମେଣ୍ଟ ବୋର୍ଡର ତଥ୍ୟାନୁସାରେ ଏହି ଆଶ୍ରୟ ଗୃହଗୁଡ଼ିକର ମୋଟ ଧାରଣ କ୍ଷମତା ୧୭,୦୦୦ ବ୍ୟକ୍ତି ହୋଇଥିବାବେଳେ ସେଥିରୁ ମାତ୍ର ୫,୯୦୦ଟିରେ ବେଡ୍ ରହିଛି। ବୋର୍ଡ ଓକିଲ କହିଲେ, ବର୍ତ୍ତମାନ ୧୯୭ ଶେଲ୍ଟର ହୋମ୍ କାର୍ଯ୍ୟକ୍ଷମ ରହିଛି, ଯେଉଁଠି ୧୭,୦୦୦ ଲୋକ ରହିପାରିବେ।

ସମସ୍ତ ବିଷୟ ଶୁଣିବା ପରେ ଖଣ୍ଡପୀଠ ଭେଙ୍କଟରମଣିଙ୍କୁ ତଥ୍ୟର ସତ୍ୟାସତ୍ୟ ମନ୍ତ୍ରଣାଳୟଠାରୁ ଯାଞ୍ଚ କରିବାକୁ କହିଛନ୍ତି। ଏଥିସହ ୬ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ଭୁବନେଶ୍ୱରର ୟୁନିଟ୍-୧ ହାଟର ଜଣେ ବ୍ୟବସାୟୀ ଏ. ଦିନେଶ ପାତ୍ର ଏକ ଉଦାହରଣ ମାଧ୍ୟମରେ ସରକାରଗୁଡ଼ିକ ଦ୍ୱାରା ମାଗଣାରେ ଦିଆଯାଉଥିବା ସୁବିଧାସୁଯୋଗକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି, ୧୦୦ ଦୋଷୀ ଖସିଗଲେ ମଧ୍ୟ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ ବୋଲି ଆମ ନ୍ୟାୟ ବ୍ୟବସ୍ଥା ଗୁରୁତ୍ୱ ଦିଏ। ସେହି ନ୍ୟାୟରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସରକାରଙ୍କ ମାଗଣା ସୁବିଧାର ଦୁରୁପଯୋଗ କଲେ ମଧ୍ୟ ଅସହାୟ, ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ମାଗଣା ସହାୟତାର ଆବଶ୍ୟକତା ରହିଥିବା ସେ ଯୁକ୍ତି ବାଢ଼ିଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକାର ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ଦେବାଶିଷ ସୁବୁଦ୍ଧିଙ୍କ ମତରେ ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ରାଜନୈତିକ ଲାଭ ଆଶାରେ ଲୋକଙ୍କୁ ଫ୍ରିବିଜ୍‌ରେ ପୋତି ଦେଉଛନ୍ତି। ଲୋକେ ସେଥିରେ ପ୍ରଲୋଭିତ ହୋଇ ଭୋଟ ଦେଉଛନ୍ତି। ଏହାର ଦୁଇଟି ଦିଗ ରହିଛି। ଗୋଟିଏ ପଟୁ ଦେଖିଲେ ଦଳଗୁଡ଼ିକ କମ୍ ଦେଇ ଅଧିକ ଟାଣିନେବା ପାଇଁ ଏଭଳି କରୁଛନ୍ତି। ଅନ୍ୟପକ୍ଷରେ ଗରିବଗୁରୁବା ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଉଛନ୍ତି, ଯାହାକି ଫ୍ରିବିଜ୍ ବ୍ୟବସ୍ଥା ନ ଥିଲେ ମିଳନ୍ତା ନାହିଁ। ମୋଟାମୋଟି ଭାବେ ମାଗଣା ସାମଗ୍ରୀ ଏବଂ ସୁବିଧା ପ୍ରଦାନ ପ୍ରତିଶ୍ରୁତି ଅନୁନ୍ନତ ଲୋକଙ୍କ ଆର୍ଥିକ ସକ୍ଷମ କରାଇବାରେ ସହାୟକ ହେଉଛି। ତେଣୁ ଏହାକୁ ବିରୋଧ ଅନୁଚିତ।

ଭୁବନେଶ୍ୱରର ସାମାଜିକ କର୍ମୀ ଅନୁରାଧା ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ କିଛି ନା କିଛି ଯୋଜନା, ଫ୍ରି ସ୍କିମ୍ ଘୋଷଣା କରିଥାନ୍ତି, ଯାହାକି ଅନେକ କ୍ଷେତ୍ରରେ ସମାଜର ତଳସ୍ତରରେ ରହିଥିବା ଲୋକଙ୍କ ପାଇଁ ନିହାତି ଆବଶ୍ୟକ। ଯେଉଁମାନଙ୍କର କିଛି ସମ୍ବଳ ନାହିଁ, ଦିବ୍ୟାଙ୍ଗ, ବୃଦ୍ଧ ସୋମନଙ୍କ ପାଇଁ ଏଭଳି ସାମାଜିକ ନିରାପତ୍ତା ଯୋଜନା ଦରକାର। ଯେଉଁମାନେ ସୁସ୍ଥ ସବଳ ଏବଂ କାମ କରିବାର କ୍ଷମତା ରହିଛି, ସେମାନେ ଯୋଜନାର ଲାଭାର୍ଥୀ ହେବା ଠିକ୍ ନୁହେଁ। ଅନେକ କ୍ଷେତ୍ରରେ ଅଯୋଗ୍ୟ ବ୍ୟକ୍ତି ଗଳିପଶି ବିଭିନ୍ନ ଯୋଜନା ବା ଫ୍ରି ସ୍କିମ୍‌ର ଲାଭ ଉଠାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ହେବା ଉଚିତ। କିନ୍ତୁ ଏହିମାନଙ୍କ ପାଇଁ ଅସହାୟ, ଗରିବ ଲୋକଙ୍କ ପାଇଁ ମାଗଣାରେ ମିଳୁଥିବା ସୁବିଧାଗୁଡ଼ିକୁ ବନ୍ଦ କରାଯିବା ଉଚିତ ନୁହେଁ ବୋଲି ମହାନ୍ତି କହିଛନ୍ତି।

## କନିଷ୍ଠ ଶିକ୍ଷକଙ୍କ ...

ଉନ୍ନତି ଆସିବା ସହିତ ରାଜ୍ୟରେ ଏହି ବର୍ଗର ୧୩, ୭୪୦ ଶିକ୍ଷକ ଉପକୃତ ହେବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ନିୟୋଜିତ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କୁ ମାସିକ ୧୧,୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ଗତ ଜାନୁଆରୀ ୧୬ରେ ମୁଖ୍ୟମନ୍ତ୍ରୀ ଏହି ବର୍ଗର ଶିକ୍ଷକଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ।

## ମନ୍ଦିରକୁ ଦାନରେ ମିଳିଲା ...

ସହ ରହିଥାନ୍ତି। ତେଣୁ ହାତୀ ସୁରକ୍ଷା ଦିଗରେ ଏହିପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ପେଟା ଇଣ୍ଡିଆ କହିଛି। ରୋବୋଟିକ ହାତୀ କୋମ୍ବରା କନ୍ନନ ରବର, ଫାଇବର, ଧାତୁ, ଷ୍ଟିଲ ଆଦିରେ ନିର୍ମିତ। ଏହା ଦେଖିବାକୁ ଅବିକଳ ଏକ ଜୀବନ୍ତ ହାତୀ ପରି। ଏହି ଯାନ୍ତ୍ରିକ ହାତୀ ନିଜର ମୁଣ୍ଡ, କାନ, ଆଖି ଏବଂ ଲାଞ୍ଜ ହଲାଇବାକୁ ସକ୍ଷମ। ଜୀବନ୍ତ ହାତୀମାନଙ୍କ ପରି ଏହା ନିଜ ଶୁଣ୍ଢ ମଧ୍ୟ ଉଠାଇ ପାରିଥାଏ। ମନ୍ଦିରର ବିଭିନ୍ନ ରୀତିନୀତି ଅନୁଯାୟୀ, କୋମ୍ବରା କନ୍ନନ ନିଜ ଶୁଣ୍ଢ ସାହାଯ୍ୟରେ ଜଳ ଛିଞ୍ଚି ପାରିଥାଏ ବୋଲି ପେଟା ଇଣ୍ଡିଆ କହିଛି। ସେହିପରି ଚକ ସାହାଯ୍ୟରେ ଏହି ରୋବୋଟିକ ହାତୀ ଚାଲି ମଧ୍ୟ ପାରେ, ଯାହା ସାହାଯ୍ୟରେ ସେ ମନ୍ଦିରର ବିଭିନ୍ନ ସମାରୋହ ଏବଂ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ସକ୍ଷମ ହୋଇପାରିଥାଏ। କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିରର ଅଧ୍ୟକ୍ଷ ରବି ନମ୍ବୁଥୀରୀ କହିଛନ୍ତି, 'କୋମ୍ବରା କନ୍ନନକୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଆନନ୍ଦିତ। ପର୍ବପର୍ବାଣି ସମୟରେ ପ୍ରକୃତରେ ଜୀବନ୍ତ ହାତୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ସେମାନଙ୍କ ପାଇଁ ନିର୍ଦ୍ଦୟତା ସଦୃଶ ହୋଇଥାଏ। ପେଟା ଇଣ୍ଡିଆ ଦେଇଥିବା ଏହି ଯାନ୍ତ୍ରିକ ହାତୀ ମନ୍ଦିରର ପରମ୍ପରାକୁ ବଜାୟ ରଖିବା ସହ ପ୍ରାଣୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରୁଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, କେରଳର ପଞ୍ଚମ ମନ୍ଦିର ଏବଂ ତ୍ରିଶୂର ଜିଲାର ଦ୍ୱିତୀୟ ମନ୍ଦିର ଭାବେ କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିର ନିଜର ରୀତିନୀତି ପାଇଁ ପେଟା ଇଣ୍ଡିଆର ଯାନ୍ତ୍ରିକ ହାତୀ ପଦକ୍ଷେପକୁ ଗ୍ରହଣ କରିଛି।

## ପ୍ରେମ ବ୍ୟାପାର: କଲେଜରେ ...

ମେଘନାଦ ହଠାତ୍ ଛୁରିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଛାତ୍ର ବିଜୟ ନାୟକ ଓ ଅଣଛାତ୍ର ରାଜା ଗୌଡ଼ ଏବଂ ରାଜା ସେଠୀ ଆହତ ହୋଇଥିଲେ। କଲେଜ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଆହତମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରାଜାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନ ପୋଲିସ ଟିମ ସହିତ ମେଡିକାଲ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ଅଧିକାରୀ କଲେଜକୁ ଯାଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ବୁଧବାର ଅନୁଷ୍ଠିତ ପରୀକ୍ଷାରେ ଅଭିଯୁକ୍ତ ଛାତ୍ର ମେଘନାଦ ଅନୁପସ୍ଥିତ ଥିବା କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ସ୍ୱାଇଁ ସୂଚନା ଦେଇଛନ୍ତି।

## ବେଙ୍ଗାଲୁରୁରେ ଓଡ଼ିଆ ...

କଟକ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୧୦ ଦିନ ତଳେ ବେଙ୍ଗାଲୁରୁର ଏକ ନୂଆ କମ୍ପାନୀରେ ଇଞ୍ଜିନିୟର ଭାବେ ଯୋଗଦେଇଥିବା ଅଭିନବଙ୍କ ମୃତଦେହ କାଡୁ ହୋସ୍‌ନାହାଲି ଅଞ୍ଚଳର ଆପାର୍ଟମେଣ୍ଟରୁ ମିଳିବା ପରେ ବେଙ୍ଗାଲୁରୁ ପୋଲିସ ଏନେଇ ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ସେ ବିଷ ପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ଅଭିନବଙ୍କୁ ତାଙ୍କ ସ୍ତ୍ରୀ ଉତ୍କଳ ଦୀପିକା ରାଉତ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏଥିଯୋଗୁ କିଛିଦିନ ହେଲା ସେ ଚାପରେ ଥିଲେ। ନିର୍ଯାତନା ସହି ନ ପାରି ତାଙ୍କ ମୃତ୍ୟୁ ଘଟିଥାଇପାରେ, ଯାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ ବୋଲି ଅଭିନବଙ୍କ ବାପା ଡ. ବିଜୟାନନ୍ଦ ସିଂ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ରାତିରେ ସେ ଅଭିନବଙ୍କ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କ ସମେତ ୫ ଜଣଙ୍କ ବିରୋଧରେ କଟକ ଲାଲବାଗ ଥାନରେ ଏତଲା ଦେଇଛନ୍ତି। ଲାଲବାଗ ପୋଲିସ ମାମଲା (ନଂ. ୫୬/୨୦୨୫) ରୁଜୁକରି ଏହି ଦୁର୍ଭାଗ୍ୟଜନକ ଘଟଣା ପଛର କାରଣ ସ୍ପଷ୍ଟ କରିବା ପାଇଁ ପ୍ରମାଣ ଖୋଜିବା ଆରମ୍ଭ କରିଛି।

ସୂଚନା ଅନୁସାରେ, ଇଂ. ଅଭିନବ ସିଂ ଓ ଉତ୍କଳ ଦୀପିକାଙ୍କ ବିବାହ ୨୦୨୨ରେ ହୋଇଥିଲା। ଅଭିନବ ବାଙ୍ଗାଲୋରରେ ରହୁଥିଲେ। ଅଭିନବ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କଳହ ସୃଷ୍ଟି ହେଉଥିଲା। ୨୦୨୪ ଅଗଷ୍ଟରେ ଉତ୍କଳ ଦୀପିକା ଭୁବନେଶ୍ୱରର ଇନ୍‌ଫୋସିଟି ଥାନାରେ ଅଭିନବଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଏତଲା ଦେଇଥିଲେ। ଉଭୟ ପରସ୍ପରଠାରୁ ଅଲଗା ରହୁଥିଲେ। ଏଥିଲାଗି ଅଭିନବଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା। ପୁଣି ୨୦୨୫ ଜାନୁୟାରୀରେ ଯୌତୁକ ସାମଗ୍ରୀ ଫେରସ୍ତ କରାଯାଉ ନ ଥିବାରୁ କଟକର ଲାଲବାଗ ଥାନାରେ ସେ ଅଭିନବଙ୍କ ନାମରେ ଏତଲା ଦେଇଥିଲେ। ତେବେ ଅଭିନବଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ନିଜ ଏତଲାରେ ଦର୍ଶାଇଛନ୍ତି, ବୋହୂ ଉତ୍କଳ ଦୀପିକା ନିର୍ଯାତନା ଦେଉଥିବାରୁ ପୁଅ ସହିପାରି ନ ଥିଲା। ବୋହୂକୁ ତାଙ୍କ ଘରଲୋକେ ବିଭିନ୍ନ ସମୟରେ ମାମଲା କରିବାରେ ସହଯୋଗ କରୁଥିଲେ। ଅନ୍ୟ ୪ ଜଣ ମଧ୍ୟ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ ବୋଲି ସେ ଦର୍ଶାଇଛନ୍ତି। ଲାଲବାଗ ଥାନା ଆଇଆଇସି ସୁଧାଂଶୁ ଜେନାଙ୍କ କହିବାନୁସାରେ, ଏତଲା ଆଧାରରେ ମାମଲା ରୁଜୁ ହୋଇଛି। ତଦନ୍ତ କରାଯିବା ପରେ ଯାହା କିଛି ସ୍ପଷ୍ଟ ହେବ।

ପ୍ରକାଶ ଯେ, ଓଡ଼ିଆ ରାପ୍ ସିନ୍‌ର ଜଣେ ଉଦୀୟମାନ ତାରକା ଅଭିନବ ସିଂ 'ଜଗରନଟ୍' ନାମରେ ପରିଚିତ ଥିଲେ। 'କଟକ ଆନ୍ଥେମ୍'ରେ ନିଜ କଳାର ଯାଦୁକରୀ ଦେଖାଇ ଚର୍ଚ୍ଚାକୁ ଆସିଥିଲେ। ସମସାମୟିକ ରାପ୍ ଶୈଳୀରେ ସ୍ଥାନୀୟ ସଂସ୍କୃତି ଓ ସାମାଜିକ ପ୍ରସଙ୍ଗକୁ ସେ ଅଧିକ ପ୍ରାଧାନ୍ୟ ଦେଉଥିଲେ। ୟୁଟ୍ୟୁବ୍ ଓ ସ୍ପୋଟିଫାଏ ସମେତ ବିଭିନ୍ନ ପ୍ଲାଟ୍‌ଫର୍ମରେ ସେଗୁଡ଼ିକ ବିଶେଷ ଆଦୃତି ଲାଭ କରିଥିଲା। ତେବେ ୨୦୨୪ ଅଗଷ୍ଟରେ ଓଲିଉଡ୍ ଅଭିନେତ୍ରୀ ସୁପ୍ରିୟା ତାଙ୍କ ବିରୋଧରେ ଏକ ମ୍ୟୁଜିକ୍ ଭିଡିଓ ଲଞ୍ଚ କରାଇ ନ ଦେବା ଏବଂ ଆକ୍ରମଣ ଅଭିଯୋଗ ଆଣିବା ପରେ ଅଭିନବଙ୍କ କ୍ୟାରିୟର ବିବାଦ ଘେରରେ ଛନ୍ଦି ହୋଇଯାଇଥିଲା। ଏହା ପରେ ଅଭିନବଙ୍କୁ ଖୋଦ୍ ତାଙ୍କ ସ୍ତ୍ରୀ ଅଡୁଆରେ ପକାଇଥିଲେ। ଭୁବନେଶ୍ୱରର ଏକ ଓୟୋ ହୋଟେଲରେ ଏକ ସେକ୍ସ ରାକେଟ ଚାଲିଥିବା ଏବଂ ସେଥିରେ ଅଭିନବଙ୍କ ସମ୍ପୃକ୍ତି ଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ପୋଲିସ ଓୟୋ ହୋଟେଲରେ ଚଢ଼ାଉକରି ଅଭିନବ ରହୁଥିବା ରୁମ୍‌କୁ ସିଲ୍ କରିଥିଲା। ରାପର୍ ଅଭିଯୋଗକୁ ଖଣ୍ଡନକରି କହିଥିଲେ, ସେ ସୁଟିଂ ପାଇଁ ହୋଟେଲରେ ଅବସ୍ଥାନ କରୁଥିଲେ। ତାଙ୍କ ବିରୋଧରେ ସୁପ୍ରିୟା ଓ ଆଦର୍ଶ ନାମକ ଜଣେ ବ୍ୟକ୍ତି ଏଭଳି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।

# ଜୁନିୟର ଛାତ୍ରଙ୍କୁ ନଗ୍ନ କରି ନିର୍ଯାତନା, ୫ ଗିରଫ

କୋଟ୍ଟାୟାମ୍,୧୨।୨



ରାଗିଂ କରି ଗିରଫ ହୋଇଥିବା ୫ ସିନିୟର ଛାତ୍ର।

ଉଚ୍ଚ ଶିକ୍ଷାନୁଷ୍ଠାନରେ ରାଗିଂ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଏହାକୁ କେତେକ ସ୍ଥାନରେ ସିନିୟର ଛାତ୍ରମାନେ ମାନୁନାହାନ୍ତି। ଫଳରେ ଜୁନିୟର ଛାତ୍ରମାନଙ୍କୁ ରାଗିଂ ଘଟଣା ଗୋଟେ ପରେ ଗୋଟେ ଘଟି ଚାଲିଛି। ଏବେ କେରଳ କୋଟ୍ଟାୟାମର ଏକ ନର୍ସିଂ କଲେଜରେ ଏଭଳି ଏକ ଘଟଣା ଲୋକଲୋଚନକୁ ଆସିଛି। ପ୍ରଥମ ବର୍ଷର କେତେଜଣ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ନଗ୍ନ କରି ଗୁପ୍ତାଙ୍ଗରେ ଡମ୍ବଲ୍ସ ଝୁଲାଇବା ସହ ସେମାନଙ୍କଠାରୁ ଟଙ୍କା ନେଇ ଛୁଟିଦିନରେ ମଦ୍ୟପାନ କରିବା ଭଳି ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ପ୍ରୋହିବିଶନ ଅଫ ରାଗିଂ ଆକ୍ଟରେ ଏକ ମାମଲା ରୁଜୁ କରି ୫ଜଣ ସିନିୟର ଛାତ୍ରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନର୍ସିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର ସାମୁଏଲ୍ ଜନ୍‌ସନ୍(୨୦), ଜିଭା ଏନ୍‌ଏସ୍(୧୯) ଏବଂ ତୃତୀୟ ବର୍ଷର ଛାତ୍ର ରାହୁଲ ରାଜ କେପି(୨୨), ରିଜିଲ୍ ଜିଥ୍ ସି(୨୧) ଓ ବିବେକ ଏନ୍‌ଭି(୨୧)। ଗିରଫ ୫ ଛାତ୍ରଙ୍କୁ କଲେଜ ଅଧ୍ୟକ୍ଷ ବୁଧବାର ନିଲମ୍ବିତ ମଧ୍ୟ କରିଛନ୍ତି।

କୋଟ୍ଟାୟାମସ୍ଥିତ ନର୍ସିଂ କଲେଜର ପ୍ରଥମ ବର୍ଷର ୩ଜଣ ଛାତ୍ରଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ଗତ ନଭେମ୍ବର ମାସରୁ ସିନିୟର ଛାତ୍ରମାନେ ରାଗିଂ କରିଆସୁଛନ୍ତି। ସେମାନଙ୍କୁ ନଗ୍ନ କରି ସେମାନଙ୍କ ଗୁପ୍ତାଙ୍ଗରେ ଡମ୍ବଲ୍ସ ବାନ୍ଧି ଝୁଲାଉଥିଲେ। ଏଥିସହିତ ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଜ୍ୟାମିତି ବାକ୍ସରେ ଥିବା କମ୍ପାସରେ କ୍ଷତ କରିଛନ୍ତି। ଏପରି କି ଉକ୍ତ କ୍ଷତରେ ଲୋସନ ବୋଳି ଥାନ୍ତି। ଏଥିସହିତ ମୁହଁ, ମୁଣ୍ଡ ଏବଂ ପାଟିରେ ବିଭିନ୍ନ ପ୍ରକାର କ୍ରିମ୍ ବୋଳି ଅକଥନୀୟ ନିର୍ଯାତନା ଦିଅନ୍ତି। ଆହୁରି ମଧ୍ୟ ଛୁଟି ଦିନଗୁଡ଼ିକରେ ସେମାନଙ୍କଠାରୁ ଜୋରଜବରଦସ୍ତ ଟଙ୍କା ନେଇ ମଦ୍ୟପାନ କରିଥାନ୍ତି। ନିୟମିତ ଭାବେ ଜୁନିୟର ଛାତ୍ରମାନଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଆସୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଜୁନିୟର ଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କୁ ଜଣାଇବା ପରେ ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ଥାନାରେ ଅଭିଯୋଗ କରିଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମହାକାଳପଡ଼ା,୧୨।୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ମୃତକଙ୍କ ୩ ମାସ ଗର୍ଭ ନଷ୍ଟ କରାଯାଇଥିଲା
- ମାଆଙ୍କ ଅଭିଯୋଗ ପରେ ପୋଲିସର ତଦନ୍ତ



ଲିପିକାଙ୍କ ଫାଇଲ୍ ଫଟୋ।

କେନ୍ଦ୍ରାପଡ଼ା ଜିଲା ଦକ୍ଷିଣ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଛନ୍ତି। ମୃତକ ହେଲେ ଲିପିକା ଦେବନାଥ(୨୦)। ଏ ନେଇ ଲିପିକାଙ୍କ ମା'ବକୁଲି ଦେବନାଥ ବୁଧବାର ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୧ ବର୍ଷ ପୂର୍ବେ ଏହି ଥାନା ଅଧୀନ ପେଟଛେଲା ପଞ୍ଚାୟତ ବିବି କଲୋନୀ ଗ୍ରାମର ରାମେଶ୍ୱର ଦେବନାଥଙ୍କ ଝିଅ ଲିପିକାଙ୍କୁ ଜମ୍ବୁ ଗ୍ରାମର ଅଜୟ ଜର୍ଦ୍ଦାର(୨୫) ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ କଟିଥିଲା। ପରେ ଶାଶୁଘର ଲୋକେ ଲିପିକାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏକ ବାଇକ୍ ଓ ୫୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ଲିପିକାଙ୍କୁ ବାରମ୍ବାର କହୁଥିଲେ। ଏଥିରେ ଲିପିକା ଅକ୍ଷମତା ପ୍ରକାଶ କରିବା ପରେ ଶାଶୁ କବିତା, ନଣନ୍ଦ କାବେରୀ ଓ ସ୍ୱାମୀ ଅଜୟ ମିଳିତ ଭାବେ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରାଯାଇଛି। ଏପରିକି ଲିପିକାଙ୍କୁ ମୋବାଇଲ ଫୋନ ବ୍ୟବହାର କରିବାକୁ ଦିଆଯାଉ ନ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଶାଶୁଘର ଲୋକେ ତାଙ୍କୁ ମାଡ଼ ମାରି ହତ୍ୟା କରିଥିଲେ। ଏହାପରେ ଏକ ଭଡ଼ା ଗାଡ଼ିରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବୁଧବାର ସକାଳ ୮ଟାରେ ଫୋନ କରି ଲିପିକାଙ୍କ ପରିବାର ଲୋକଙ୍କୁ ମିଛ କଥା କୁହାଯାଇଥିଲା। ତୁମ ଝିଅର ଜ୍ୱର ହୋଇଛି। କେନ୍ଦ୍ରାପଡ଼ା ମେଡ଼ିକାଲରେ ଅଛି। ବାପ ଘର ଲୋକେ ବୁଧବାର ସକାଳୁ କେନ୍ଦ୍ରାପଡ଼ା ମେଡ଼ିକାଲ ପହଞ୍ଚି ଦେଖିଲେ ଲିପିକାଙ୍କ ମୃତ୍ୟୁ ହୋଇ ସାରିଛି। ଏହାପରେ ଥାନାରେ ଅଭିଯୋଗ ହୋଇଥିଲା।

ଅନ୍ୟପକ୍ଷେ ମା'ବକୁଲି, ସାନ ଭଉଣୀ ସୁପ୍ରିୟା କହିଛନ୍ତି, ବିବାହ ପରେ ଲିପିକା ୩ ମାସର ଗର୍ଭବତୀ ଥିଲେ। ହେଲେ ଶାଶୁଘର ଲୋକମାନେ ମିଳିତ ଭାବେ ତାଙ୍କ ଗର୍ଭ ନଷ୍ଟ କରିଥିଲେ। ଏ ନେଇ ଗାଁର ଲୋକମାନେ ଥାନାରେ ପହଞ୍ଚି ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଲିପିକାଙ୍କ ସ୍ୱାମୀ ଅଜୟ ଗୁଜୁରାଟ ଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଶେଷ ସାକ୍ଷୀଙ୍କ ବୟାନ ରେକର୍ଡ

ପାଟଣାଗଡ,୧୨।୨(ସଚ୍ଚିଦାନନ୍ଦ ମହାକୁର)



ସରକାରୀ ଓକିଲଙ୍କ ସହିତ ତତ୍କାଳୀନ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀ ଆଡିସିନାଲ ଏସ୍‌ପି ଅନିଲ କୁମାର ଦାଶ କୋର୍ଟରୁ ଫେରୁଛନ୍ତି।

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

**କୋର୍ଟରେ ହାଜର ହେଲେ ତତ୍କାଳୀନ ତଦନ୍ତ ଅଧିକାରୀ**

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଉଛି। ୨୦୨୨ ଜୁଲାଇ ୨୭ ତାରିଖରେ ଅତିରିକ୍ତ ଜିଲା ଦୌରାଜଜ୍ ପାଟଣାଗଡଙ୍କଠାରେ ଏହି ମାମଲାର ପ୍ରଥମ ସାକ୍ଷୀ ଭାବେ ଏତଲାକାରୀ ବସନ୍ତ କୁମାର ସାହୁ ଏବଂ ତାଙ୍କ ସ୍ତ୍ରୀ ଭୂମିସୁତା ସାହୁଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ବୁଧବାର ଉକ୍ତ କୋର୍ଟରେ ଶେଷ ସାକ୍ଷୀ ଭାବରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀ ଆଡିସନାଲ ଏସ୍‌ପି ଅନିଲ କୁମାର ଦାଶଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ଦୁଇରୁ ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଦାଶ ଏ ସମ୍ପର୍କିତ କାଗଜପତ୍ର ଓ ସମସ୍ତ ତଥ୍ୟ ପର୍ଯ୍ୟାୟକ୍ରମେ କୋର୍ଟରେ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କୋର୍ଟରେ ହାଜର ହେବା ସହ ପ୍ରତିକ୍ରିୟାରେ କହିଛନ୍ତି, ଏହି ମାମଲା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ୬୨ନଂ ସାକ୍ଷୀ ହିସାବରେ ତତ୍କାଳୀନ ତଦନ୍ତ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଆଡିସନାଲ ଏସ୍‌ପି କୋର୍ଟରେ ହାଜର ହୋଇ ତାଙ୍କ ସାକ୍ଷ୍ୟ ଦେଇଛନ୍ତି। ଏହାଛଡା ପର୍ଯ୍ୟାୟକ୍ରମେ ତାଙ୍କ ତଦନ୍ତ ପରିସରକୁ ଆସିଥିବା ସମସ୍ତ ପ୍ରମାଣପତ୍ର କୋର୍ଟରେ ତତ୍କାଳୀନ ତଦନ୍ତ ଅଧିକାରୀ ଦାଶ ଦାଖଲ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର ହୋଇଥିବା ବେଳେ ତାଙ୍କ ଓକିଲ ପ୍ରମୋଦ ମିଶ୍ର କୋର୍ଟରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ ତାରିଖରେ ପାଟଣାଗଡ଼ ବ୍ଲକ ଛକ ବାସିନ୍ଦା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଏକ ପାର୍ସଲ ପହଞ୍ଚିଥିଲା। ବାହାଘର ଉପହାର ସ୍ୱରୂପ ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ନବ ବିବାହିତ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ପ୍ରାଣ ହରାଇଥିଲେ। ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ପ୍ରଥମେ ପାଟଣାଗଡ ଥାନାରେ ଉକ୍ତ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବରେ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୨।୨(ସୁବାସ ଚନ୍ଦ୍ର ପାଢ଼ୀ)

**ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଦେବାକୁ ନିର୍ଦ୍ଦେଶ**

ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସେ ଭଞ୍ଜନଗର ଥାନା ଅଞ୍ଚଳର କିଷାନ ଦାସ(୨୭)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ଅକ୍ଟୋବର ୮ତାରିଖରେ ଭଞ୍ଜନଗର ଥାନା ଅଞ୍ଚଳର ୧୦ ବର୍ଷୀୟା ନାବାଳିକା ଜଣଙ୍କ ଘର ଛାତରେ ଲୁଗା ଶୁଖାଉଥିଲେ। ଏହି ସମୟରେ କିଷାନ ଅନ୍ୟ ଏକ ଛାତ ଦେଇ ସେଠାକୁ ଯାଇ ନାବାଳିକାଙ୍କୁ ଭିଡି ଧରିଥିଲେ। ସେ ଚିତ୍କାର କରିବାରୁ ତାଙ୍କ ପାଟି ଚିପି ବଳାତ୍କାର କରିଥିଲେ। ପରେ ପୀଡ଼ିତା ଜଣଙ୍କ କାନ୍ଦି କାନ୍ଦି ଘରକୁ ଯାଇ ମା'ଙ୍କୁ କହିଥିଲେ। ଝିଅ ଅସୁସ୍ଥ ହୋଇ ପଡ଼ିଥିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ମାମଲା ନଂ.୯୪୨/୨୩ରେ ଅଭିଯୁକ୍ତ କିଷାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସଆଇ କେଶବ ଷଡଙ୍ଗୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସକ୍ୟୁଟର ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ପିଲାଙ୍କ ବେକରେ ଛୁରି ଲଗାଇ ଡକାୟତି

- ବଅଁରପାଳରେ ଘରେ ପଶି ଆତଙ୍କ
- ମହିଳାଙ୍କ ମୁହଁ, ହାତ ବାନ୍ଧି ମାଡ଼

ବଅଁରପାଳ,୧୨।୨(ସୁବାସ ସାହୁ)



ଘରେ ଥିବା ଆଲମିରା ତାଡ଼ି ଟଙ୍କା ଓ ଗହଣା ଲୁଟି ନିଆଯାଇଛି।

ପରିବାରର ୨ ସଦସ୍ୟ ମାଘମେଳା ଦେଖିବାକୁ ଯୋରନ୍ଦା ଯାଇଥିବା ବେଳେ ଘରେ ଥିବା ୩ ଛୋଟ ପିଲାଙ୍କୁ ହତ୍ୟା ଧମକ ଦେଇ ଓ ଜଣେ ମହିଳାଙ୍କ ହାତ, ମୁହଁ ବାନ୍ଧି ଡକାୟତି କରାଯାଇଛି। ଅନୁଗୋଳ ଜିଲା ବଅଁରପାଳ ଥାନା ଗଡ଼ସନ୍ତ୍ରୀ ପଞ୍ଚାୟତ ଭାଗବତପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ହୋଇଛି ଏହି ବଡ଼ଧରଣର ଡକାୟତି। ଘରେ ପଶିଥିବା ୫ରୁ ଅଧିକ ଡକାୟତ ୪ ଲକ୍ଷ ଟଙ୍କା ଓ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଚମ୍ପଟ ମାରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ବଅଁରପାଳ ଥାନା ଭାଗବତପୁର ଗ୍ରାମର ବିଜୟ ଭୂତିଆଙ୍କ ପରିବାର ଏହି ଡକାୟତିର ଶିକାର ହୋଇଛନ୍ତି। ବିଜୟ ଓ ତାଙ୍କ ସ୍ତ୍ରୀ ମଙ୍ଗଳବାର ରାତିରେ ଯୋରନ୍ଦା ମେଳା ଦେଖିବାକୁ ଯାଇଥିଲେ। ଘରେ କେବଳ ତାଙ୍କ ଭାଇବୋହୂ ଓ ୩ ଜଣ ପିଲା ଥିଲେ। ବିଳମ୍ବିତ ରାତିରେ ୫ରୁ ଅଧିକ ଦୁର୍ବୃତ୍ତ ଉକ୍ତ ଘରେ ପ୍ରବେଶ କରି ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଏହାପରେ ସେମାନେ ବିଜୟଙ୍କ ଭାଇବୋହୂଙ୍କ ମୁହଁ ଓ ହାତକୁ ଟେପ୍‌ରେ ବାନ୍ଧି ଦେଇ ମାଡ଼ ମାରିଥିଲେ। ଏଥିସହ ବିଜୟଙ୍କ ଝିଅ ବେକରେ ଛୁରି ଲଗାଇ ଓ ଦୁଇ ଛୋଟ ପୁଅଙ୍କୁ ହତ୍ୟା କରିବାକୁ ଧମକ ଦେଇ ଘରେ ଥିବା ନଗଦ ୪ ଲକ୍ଷ ଟଙ୍କା ଏବଂ ପ୍ରାୟ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ଖବରପାଇ ଗ୍ରାମବାସୀ ଏ ନେଇ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯୁବତୀଙ୍କୁ ମାରି ଜାଳିଦେଲେ

## ବ୍ରିଜ୍ ତଳୁ ଅର୍ଦ୍ଧଦଗ୍ଧ ମୃତଦେହ ଠାବ

ବଣାଇଁ,୧୨।୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁମାକେଲା ବ୍ରିଜ୍ ତଳୁ ବୁଧବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ଓ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ. ୧୭/୨୫)ରୁଜୁ ହୋଇଛି। ହତ୍ୟା ଓ ପ୍ରମାଣ ନଷ୍ଟ କରାଯାଇଥିବା ଦଫା ଲଗାଇ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ୭୨ ଘଣ୍ଟା ଭିତରେ ମୃତାଙ୍କ ଦାବିଦାର ନ ଆସିଲେ ମୃତଦେହ ସତ୍କାର କରାଯିବ ବୋଲି ଚାନ୍ଦିପୋଷ ଥାନା ଅଧିକାରୀ ହୃଷୀକେଶ ପ୍ରଧାନ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଯୁବତୀଙ୍କ ପରିଚୟ ମିଳିପାରି ନାହିଁ। ଯୁବତୀଙ୍କ ତଣ୍ଟି କାଟି କେହି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ପୋଡିଦେଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁସାରେ ବୁଧବାର ସକାଳେ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ବ୍ରିଜ ତଳେ ଏକ ଅଧାପୋଡା ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ଗୋରୁ ବୋଝେଇ କଣ୍ଟେନର ଜବତ: ୩ ଗିରଫ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ବାଟମଙ୍ଗଳା ଛକ ନିକଟରୁ ବୁଧବାର ଆଦର୍ଶ ଥାନା ପୋଲିସ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି। ଗାଡ଼ିରୁ ୩୮ ଗୋରୁ ଉଦ୍ଧାର କରାଯାଇଥିବାବେଳେ ତନ୍ମଧ୍ୟରେ ୯ଟି ମୃତାବସ୍ଥାରେ ମିଳିଥିଲେ। ୨୯ ଜୀବନ୍ତ ଗୋରୁଙ୍କୁ ପୋଲିସ ଏକ ଗୋଶାଳାରେ ଛାଡ଼ିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଜିଲା ଫତେପୁରର ସେକ୍ କାଲୁ (୩୫), ଉତ୍ତରପ୍ରଦେଶ ମୁଜାଫରନଗର ଜିଲା ରଥାଡ଼ି ଗ୍ରାମର ମହମ୍ମଦ ନାବିଦ (୩୦) ଏବଂ ମିରଟ ସିଟି ଜିଲା ଶାହାଜାହାନ କଲୋନୀର ସିରାଜୁଦ୍ଦିନ (୪୫)।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକଙ୍କ ଗୁରୁ,**
**ଉପରେ ଚିକ୍କଣ, ଭିତରେ ମାରୁ।**

ଦୁନିଆରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ସାଧୁ ବା ସଚ୍ଚୋଟ ବ୍ୟକ୍ତି ଭାବେ ଚିତ୍ରଣ କରୁଥିବାବେଳେ ନିଜ ଭିତରେ ଠକିବାର ସମସ୍ତ ବୁଦ୍ଧି ଠୁଳ କରି ରଖୁଥିବାର ଦେଖିବାକୁ ମିଳିଥାଏ। ଏପରି ଠକ ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବାବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠକମ ଠକା;**
**କାମ କରୁଛି ବଙ୍କା ଢଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତାରିଣୀ ମନ୍ଦିର ପରିସରରୁ ଚୋରି, ୨ ନାବାଳକ ଅଟକ

ଘଟଗାଁ/ଢେଙ୍କିକୋଟ:୧୨।୨
(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ମନ୍ଦିର ପରିସରରୁ ଭକ୍ତଙ୍କଠାରୁ ଚୋରି ଅଭିଯୋଗରେ ପୋଲିସ ୨ ନାବାଳକଙ୍କୁ ବୁଧବାର ଅଟକ ରଖିଛି। ନାବାଳକ ଦ୍ୱୟ ପଶ୍ଚିମବଙ୍ଗ ପୁରୁଲିଆ ଜିଲା କାଲିଗୁଲା ଥାନା ଅନ୍ତର୍ଗତ ଚୁଟିକିଡ଼ିହି ଗ୍ରାମ ଏବଂ ପାନିକିଡ଼ିହି ଗ୍ରାମର ବୋଲି ଜଣାପଡ଼ିଛି। ଉଭୟେ ମଙ୍ଗଳବାର ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିବା ୱେଷ୍ଟ ସିଂହଭୂମି ଝାଡ଼ଖଣ୍ଡ ନୂଆମୁଣ୍ଡି ଥାନା ଅନ୍ତର୍ଗତ ରୁଗୁଡ଼ିଗିୟା ଗ୍ରାମର ଶ୍ରଦ୍ଧାଳୁ ରାଧାକାନ୍ତ ଖିଲାରଙ୍କ ମୋବାଇଲ ଏବଂ ଯାଜପୁର ଜିଲା ବିଂଝାରପୁର ଥାନା ଅନ୍ତର୍ଗତ ଅଳଇଚନ୍ଦନପୁର ଗ୍ରାମର କବିତା ବେହେରାଙ୍କ ମନିପର୍ସ ଭିଡ଼ର ସୁଯୋଗ ନେଇ ଚୋରି କରିଥିଲେ। ଉଭୟ ଶ୍ରଦ୍ଧାଳୁ ମା' ତାରିଣୀ ମନ୍ଦିର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ଅଭିଯୋଗ ପାଇ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କୁ ଜଣାଇଥିଲେ। ଆଇଆଇସି ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ସିସିଟିଭି ଯାଞ୍ଚକରି ଦୁଇ ନାବାଳକଙ୍କୁ ଅଟକ ରଖିଥିଲେ। ଥାନାକୁ ଆଣି ପଚରାଉଚରା ଓ ଯାଞ୍ଚ ପରେ ଲୁଟ ହୋଇଥିବା ମୋବାଇଲ ଏବଂ ମନିପର୍ସ ମିଳିଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୬୭/୨୫, ୬୮/୨୫) ରୁଜୁ ହୋଇଛି। ବୁଧବାର ପୂର୍ବାହ୍ନ ୧୧ ଟାରେ ଉଭୟଙ୍କୁ କେନ୍ଦୁଝର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ଥାନା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ, ବିରୋଧ କରିବାରୁ ପୁଅଙ୍କୁ ଗୁଳି

ଛେଣ୍ଡିପଦା,୧୨।୨(ଅଜିତ ଧଳ)

- ଗୁରୁତର ନାବାଳକ କଟକରେ ଚିକିତ୍ସାଧୀନ
- ୪ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା



ଗୁଳିମାଡ଼ରେ ଗୁରୁତର ହୋଇଥିବା ନାବାଳକ।

ପାରିବାରିକ କଳହ ପରେ ଘରୁ ରାଗି ପଳାଇ ଯାଉଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଛି। ଏପରିକି ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ମହିଳାଙ୍କ ନାବାଳକ ପୁଅ (୧୫)ଙ୍କ ଉପରକୁ ଗୁଳି ଚଳାଯାଇଛି। ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁତର ନାବାଳକଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇ ପୋଲିସ ନଂ. ୪୩/୨୫ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛି।

ପୋଲିସ କହିଛି, ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଏକ ଦମ୍ପତିଙ୍କ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ମହିଳା ଜଣକ ଘରୁ ରାଗି ପଳାଇ ଯାଉଥିବାବେଳେ ବାଟରେ ସେହି ଅଞ୍ଚଳର କାଳିଆ ମହାପାତ୍ର, ରିଙ୍କୁ ଦାଶ, କାହ୍ନା ଅମାନ୍ତ ଓ ଶିପୁ ପ୍ରଧାନ ସମ୍ପୃକ୍ତା ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ବିରୋଧ କରିବା ସହ ତାଙ୍କ ନାବାଳକ ପୁଅଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ନାବାଳକ ସେଠାରେ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ହେଲେ କିଛି ସମୟ ପରେ ସେମାନେ ଏକ କାର୍‌ରେ ଆସି ମହିଳା ଓ ତାଙ୍କ ପୁଅଙ୍କ ସହ ଗଣ୍ଡଗୋଳ କରିଥିଲେ। ଜଣେ ଅଭିଯୁକ୍ତ ବନ୍ଧୁକ ବାହାର କରି ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ନାବାଳକଙ୍କ ଆଣ୍ଠୁ ତଳକୁ ବାଜିଥିଲା। ଏହାପରେ ୪ଜଣ ଅଭିଯୁକ୍ତ କାର୍‌ରେ ଫେରାର ହୋଇଯାଇଥିଲେ। ଗୁରୁତର ନାବାଳକଙ୍କୁ ପରିବାର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଥିଲା। ଏ ନେଇ ନାବାଳକଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଓ ଥାନା ଅଧିକାରୀ ବିବେକ ମହାନ୍ତ ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଘଟଣାସ୍ଥଳରେ ପଡ଼ିଥିବା ଖୋକାକୁ ପୋଲିସ ଜବତ କରିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ବିବେକ ମହାନ୍ତ ପ୍ରକାଶ କରିଛନ୍ତି।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। –ଶ୍ରୀମା



# ଦେବଦେବୀଙ୍କ କଳି



ଦେବଦତ୍ତ ପଟ୍ଟନାୟକ

ମନ୍ଦିରରେ ବିରାଜିତ ଦେବଦେବୀଙ୍କ ମଧ୍ୟରେ ଝଗଡ଼ା ହେଉଛି ହିନ୍ଦୁ ମନ୍ଦିର ପରମ୍ପରାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ଏଗୁଡ଼ିକ ଏକ ଘରୋଇ କଳିଝଗଡ଼ାର ରୂପ ନେଇଛି। ଯଦିଓ କାହାଣୀ ଏବଂ ରୀତିନୀତି ଏହିସବୁ ଝଗଡ଼ାକୁ ବର୍ଣ୍ଣନା କରେ ତଥାପି ଭକ୍ତମାନେ ଦେବତା ଏବଂ ଦିବ୍ୟ ଜୀବନ ପ୍ରତି ଆକର୍ଷିତ ହୁଅନ୍ତି। ପାଖାପାଖି ୮ମ ଶତାବ୍ଦୀରେ ଦିବ୍ୟ କର୍ମ ବା ଲୀଳାରେ ଭାଗ ନେବା ଥିଲା ଏକ ବାସ୍ତବ ପରମ୍ପରା, ଯେଉଁଠାରେ ଐଶ୍ୱରୀୟ କାର୍ଯ୍ୟରେ ଭକ୍ତମାନେ ନିୟୋଜିତ ହେବା ସହ ମନ୍ଦିର ଉତ୍ସବରେ ଭାଗ ନେଇ ତାହାକୁ ଉପଭୋଗ କରୁଥିଲେ। ଏହା ବ୍ୟତୀତ ସେମାନେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରନ୍ତି। ଦ୍ୱାଦଶ ଶତାବ୍ଦୀ ପରେ ଦେବଦେବୀଙ୍କ ପ୍ରତି ସମର୍ପଣ ଭାବନା ଆସିଲା ଏବଂ ଦେବଦେବୀ ଜୀବନର ସୁରକ୍ଷା ଓ ରକ୍ଷା କରନ୍ତି ବୋଲି ଧାରଣା ସାମ୍ନାକୁ ଆସିଲା। ଏହି ବିଚାର ବିଶେଷକରି କେନ୍ଦ୍ର ଏସିଆର ସୁଫିଙ୍କ ପ୍ରଭାବରେ ସୃଷ୍ଟି ହୋଇଥିଲା। ସୁଫିମାନେ ସବୁବେଳେ ଭକ୍ତମାନଙ୍କୁ ସର୍ବଶକ୍ତିମାନ ଈଶ୍ୱରଙ୍କଠାରୁ ନ୍ୟୂନ ବୋଲି ବିଚାର କରୁଥିଲେ। ସେମାନେ ଭକ୍ତଙ୍କୁ ଈଶ୍ୱରଙ୍କ ପରିବାର ସଦସ୍ୟ ମନେକରୁ ନ ଥିଲେ।

ଦେବଦେବୀଙ୍କ ଝଗଡ଼ା କାହାଣୀ ଉଭୟ ଶିବ ଏବଂ ବିଷ୍ଣୁଙ୍କ ଉପାସକଙ୍କ ମଧ୍ୟରେ ଦେଖିବାକୁ ମିଳେ। ଶିବଙ୍କ କ୍ଷେତ୍ରରେ କାହାଣୀ ଦର୍ଶାଏ ଯେ, ପାର୍ବତୀଙ୍କ ପ୍ରତି ଶିବଙ୍କ ଉଦାସୀନତାକୁ ନେଇ ଦେବୀ ରାଗିଯାଇଥିଲେ। କାରଣ ପାର୍ବତୀ ତାଙ୍କ ପିଲାଙ୍କ ଯତ୍ନ ନେଉଥିବାବେଳେ ଶିବ କୈଳାସ ପର୍ବତରେ ଏକାକୀ ଧ୍ୟାନମଗ୍ନ ରହୁଥିଲେ। ଫଳରେ କ୍ଳାନ୍ତ ଓ ବିରକ୍ତ ହୋଇ ସେ ନିଜ ମାତାଙ୍କ ଘରକୁ ଚାଲିଯାଇଛନ୍ତି। ଏହି ପରମ୍ପରା କୋଙ୍କଣ ଉପକୂଳରେ ଗୌରୀ ପୂଜାରେ ଏବଂ ପଶ୍ଚିମବଙ୍ଗରେ ଦୁର୍ଗାଙ୍କ ପୂଜାରେ ପାଳନ କରାଯାଇଥାଏ । ପାର୍ବତୀ ତାଙ୍କ ମାତାଙ୍କ ଘରେ ରହୁଥିଲେ। ସମୟକ୍ରମେ ତାଙ୍କ ରାଗ ଶାନ୍ତ ହେଲା ଓ ଘରକୁ ଫେରିଆସିଲେ। କୋଙ୍କଣ ଉପକୂଳରେ ପ୍ରଚଳିତ କେତେକ କାହାଣୀରେ କୁହାଯାଇଛି ଯେ, ଶିବ ତାଙ୍କ ଅନୁଗାମୀ( ଗଣ)ଙ୍କୁ ପଠାଇ ଫେରାଇ ଆଣିଥିଲେ। ଅନ୍ୟ କାହାଣୀଗୁଡ଼ିକ ବର୍ଣ୍ଣନା କରିଛନ୍ତି ଯେ, ଦେବୀ ଜଣେ ଆଦିବାସୀ ମହିଳାଙ୍କ ରୂପ ନେଇଛନ୍ତି । ଶିବ ଜଣେ ଆଦିବାସୀ ପୁରୁଷ ଭାବେ ଦେବୀଙ୍କ ଅନୁସରଣ କରି ତାଙ୍କୁ ମନାଇବା ପାଇଁ ନାଚିଛନ୍ତି ଓ ଗାଇଛନ୍ତି। ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ପାର୍ବତୀ ଜଣେ ଧୀବର ମହିଳା ରୂପ ନେଇଛନ୍ତି ଏବଂ ଶିବ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସି ନିଜର ମାଛଧରା କୌଶଳ ଦେଖାଇ ପାର୍ବତୀଙ୍କ ପରିବାରକୁ ପ୍ରଭାବିତ କରିବା ସହ ଦେବୀଙ୍କୁ ସନ୍ତୁଷ୍ଟ କରିଛନ୍ତି।



ମହାନଦୀ ଅବବାହିକା ଓ ପୁରୀ ଏବଂ ତାମିଲନାଡୁର କାବେରୀ ନଦୀ ଅବବାହିକାରେ ବିଷ୍ଣୁଙ୍କୁ ନେଇ କୁହାଯାଉଥିବା କାହାଣୀ କିନ୍ତୁ ସାମାନ୍ୟ ଭିନ୍ନ। ପୁରୀରେ ଯେତେବେଳେ ଜଗନ୍ନାଥ ତାଙ୍କ ଭାଇ ଓ ଭଉଣୀଙ୍କ ସହ ରଥଯାତ୍ରାରୁ ଫେରନ୍ତି, ସେତେବେଳେ ଲକ୍ଷ୍ମୀ ତାଙ୍କୁ ମନ୍ଦିରରେ ପ୍ରବେଶ କରାଇ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ ତାଙ୍କ ଭଉଣୀଙ୍କର ଚେପଟା ନାକ ଓ ତାଙ୍କର ଚାଲୁଣି ଭଳି ଚକାଆଖି ଥିବା କହି ଲକ୍ଷ୍ମୀ ଉଭୟଙ୍କୁ ଅପମାନିତ କରିଥାନ୍ତି। ଜଗନ୍ନାଥ ଶେଷରେ ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ଏବଂ ତାଙ୍କ ଭୋଜନ ପ୍ରସ୍ତୁତି କୌଶଳକୁ ପ୍ରଶଂସା କରି ଦେବୀଙ୍କ ରାଗ ଶାନ୍ତ କରିଛନ୍ତି। ଆଉ ଟିକେ ଦକ୍ଷିଣକୁ ଗଲେ, ଶ୍ରୀରଙ୍ଗମ୍‌ରେ ପ୍ରଭୁ ରଙ୍ଗନାଥ ବିଷ୍ଣୁ ସହର ପରିକ୍ରମା ପରେ ମନ୍ଦିରକୁ ଫେରିଥାନ୍ତି। ଦେବୀ ଲକ୍ଷ୍ମୀ ରଙ୍ଗନାୟକୀ ତାଙ୍କ ଉପରେ ରାଗିଯାଆନ୍ତି। ରାଗର କାରଣ ହେଉଛି ପ୍ରଭୁ ତାଙ୍କର ଅନ୍ୟ ସ୍ତ୍ରୀ ନୀଳାଙ୍କ ସହ ସମୟ ଅତିବାହିତ କରିଛନ୍ତି। ଲକ୍ଷ୍ମୀଙ୍କୁ ଶାନ୍ତ ଓ ସନ୍ତୁଷ୍ଟ କରିବା ପାଇଁ ବିଷ୍ଣୁ ମଧ୍ୟ ତାଙ୍କୁ ଉପହାର ଦେବା ସହ ତାଙ୍କ ପ୍ରଶଂସା ଗାନ କରନ୍ତି ଏବଂ ଶେଷରେ ଉଭୟେ ସମାଧାନ ପୂର୍ବକ ମନ୍ଦିରକୁ ଫେରିନ୍ତି। ପୁରୀ ମନ୍ଦିର ପରମ୍ପରାରେ ଲକ୍ଷ୍ମୀ ମନ୍ଦିର ଦ୍ୱାର ବନ୍ଦ କରିଦିଅନ୍ତି ଏବଂ କେବଳ ଉପହାରରେ ସନ୍ତୁଷ୍ଟ ହୋଇ ତାହାକୁ ଖୋଲନ୍ତି। କିନ୍ତୁ ଶ୍ରୀରଙ୍ଗମ୍‌ରେ ବିଷ୍ଣୁ ନୀରବରେ ରାସ୍ତାରେ ଯାତ୍ରା କରି ତାଙ୍କ ଭକ୍ତମାନଙ୍କୁ ଉପହାର ଦେବା ଲାଗି କହିଥାନ୍ତି, ଯେଉଁଥିରେ କି ସେ ତାଙ୍କ କ୍ରୋଧୀ ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରିବେ। ପାରମ୍ପରିକ ରୀତିନୀତି ସାଧାରଣତଃ ଶ୍ରୀରଙ୍ଗମ୍ ମନ୍ଦିର ଓ ପୁରୀ ମନ୍ଦିର ମଧ୍ୟରେ ଏକ ସ୍ପଷ୍ଟ ସମ୍ପର୍କ ଥିବା ଦର୍ଶାଏ। ପଶ୍ଚିମ ଉପକୂଳରେ ଦ୍ୱାଦଶ ଶତାବ୍ଦୀରେ ଚୋଳ ଶାସନ ସମୟରେ ଏହା ଘଟିଥିବା ଅନୁମାନ କରାଯାଏ, ଯେତେବେଳେ ରାମାନୁଜଙ୍କ ବିଚାରଧାରା ଓ ମନ୍ଦିର ରୀତିନୀତିର ପ୍ରସାର ଘଟିଥିଲା। ଏହା ସହ ଶ୍ରୀରଙ୍ଗମ୍‌ରେ ଆମକୁ କୁହାଯାଏ ଯେ, ନୀଳ କିମ୍ବା କଳା ରଙ୍ଗର ଦେବୀ ନୀଳାଙ୍କୁ ଭେଟିବା ପରେ ବିଷ୍ଣୁ ଫେରିଥାନ୍ତି। ଅନ୍ୟପକ୍ଷରେ ପୁରୀରେ ବିଷ୍ଣୁ ନୀଳ କିମ୍ବା କଳାପର୍ବତ ନୀଳାଚଳକୁ ଫେରନ୍ତି।

ସମାନ ପ୍ରକାର ଝଗଡ଼ାର କାହାଣୀ ମଧ୍ୟ ତିରୁପତି ଓ ପଣ୍ଡରପୁର ମନ୍ଦିରରେ ଦେଖିବାକୁ ମିଳେ। ଦୁଇଟିଯାକ ହେଉଛି ବିଷ୍ଣୁଙ୍କ ମନ୍ଦିର। ଉଭୟ ମନ୍ଦିରରେ ବିଷ୍ଣୁ ସ୍ତ୍ରୀଙ୍କ ବିନା ଏକାକୀ ବିରାଜିତ ହୋଇଛନ୍ତି। କାରଣ ଦେବୀଙ୍କ କ୍ରୋଧରୁ ବର୍ତ୍ତିବା ପାଇଁ ତାଙ୍କର ସ୍ୱତନ୍ତ୍ର ମନ୍ଦିର ରହିଛି। କିନ୍ତୁ ଏହା ଶିବ ମନ୍ଦିରଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯେଉଁଠି ଦେବତା ଓ ଦେବୀ ସବୁବେଳେ ଏକାଠି ଗର୍ଭଗୃହରେ ରହିଥାନ୍ତି। ଆଉଏକ କଳହ ଦେଖିବାକୁ ମିଳେ ମଦୁରାଇର ମୀନାକ୍ଷୀଙ୍କ ସହ ସୋମସୁନ୍ଦର ଶିବଙ୍କ ବିବାହ ଉତ୍ସବରେ। ନିକଟସ୍ଥ ଆଲ୍‌ଗାର ମନ୍ଦିରରେ ବିରାଜିତ ମୀନାକ୍ଷୀଙ୍କ ଭାଇ ବିଷ୍ଣୁ ତାଙ୍କ ଭଉଣୀଙ୍କୁ ଉପହାର ଦେବା ଲାଗି ବିବାହକୁ ନିମନ୍ତ୍ରିତ ହୁଅନ୍ତି। କିନ୍ତୁ ଆସିବା ପଥରେ ଡକାୟତଙ୍କ ଆକ୍ରମଣ ଯୋଗୁ ତାଙ୍କର ବିଳମ୍ବ ହୁଏ। ବିବାହ ଶେଷ ହୋଇଯାଇଥିବା ଜାଣି ସେ କ୍ରୋଧରେ ଫେରିଯାଆନ୍ତି। ବିଷ୍ଣୁଙ୍କୁ ଶାନ୍ତ କରିବାକୁ ନବ ବିବାହିତା ମୀନାକ୍ଷୀ ଚାହାନ୍ତି। ତାଙ୍କ ଭାଇଙ୍କୁ ଭେଟିବା ପାଇଁ ଭାଇଗାଇ ନଦୀକୁ ଆସନ୍ତି । ନଦୀ ମଝିରେ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ବିଷ୍ଣୁ ତାଙ୍କ ଭଉଣୀଙ୍କୁ ଉପହାର ଦେଇ ମଦୁରାଇରେ ପ୍ରବେଶ ନ କରି ଆଲ୍‌ଗାର ପର୍ବତକୁ ଫେରିଯାଆନ୍ତି।

କ୍ରୋଧ ଏବଂ ସମାଧାନ ବା ତୁଷ୍ଟୀକରଣର କାହାଣୀସବୁ ଶିବ, ବିଷ୍ଣୁ ଓ ଶକ୍ତିଙ୍କ ଉପାସକ ଗୋଷ୍ଠୀ ମଧ୍ୟରେ ଥିବା ଭାବାବେଗକୁ ପ୍ରକାଶ କରେ। ବିଷ୍ଣୁ ଥିଲେ ଶକ୍ତି ବା ଦେବୀଙ୍କ ଭାଇ ଏବଂ ଶିବ ଥିଲେ ଶକ୍ତିଙ୍କ ସ୍ୱାମୀ। ଏହିପରି ଭାବେ ସବୁ ଦେବଦେବୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଥିଲା। ଏହା ମଧ୍ୟ ହିନ୍ଦୁମାନେ ଭଲ ଭାବେ ବୁଝିଥିଲେ। ସମର୍ପଣ ଉପରେ ଆଧାରିତ ସୁଫି ବିଚାରଧାରା ଦ୍ୱାରା ସୃଷ୍ଟି ପରବର୍ତ୍ତୀ ଭକ୍ତି ପରମ୍ପରାରେ ଏହି ପାରିବାରିକ ସମ୍ପର୍କ ଦେଖିବାକୁ ମିଳେ ନାହିଁ। ରାମ ଓ କୃଷ୍ଣ ଅବତାର ପୁରୁଷ ହୋଇଛନ୍ତି ଓ ଭକ୍ତମାନେ ପରମାତ୍ମାଙ୍କ ସାକ୍ଷାତ ଚାହୁଁଛନ୍ତି। ଏ କ୍ଷେତ୍ରରେ ଝଗଡ଼ା କାହାଣୀର ଗୁରୁତ୍ୱ କମିଯାଇଛି ଓ ଏହା ୧୫୦୦ ଶତାବ୍ଦୀ ପରେ ଘଟିଛି। ସମୟ ସ୍ରୋତରେ ଭକ୍ତିର ପରିବର୍ତ୍ତନ ଘଟିଛି । ସୁଫି ଭକ୍ତି ଆନ୍ଦୋଳନର ପୂର୍ବ ହିନ୍ଦୁଧର୍ମ ମନ୍ଦିର ରୀତିନୀତି, ପାରିବାରିକ ଡ୍ରାମା, ବିବାହ, ଝଗଡ଼ା ଏବଂ ସମାଧାନ ବା ତୁଷ୍ଟୀକରଣ ଉପରେ ଆଧାରିତ। ଏହା ଦକ୍ଷିଣ ଓ ପୂର୍ବ ଭାରତର ମନ୍ଦିର ପରମ୍ପରାରେ ରହିଛି। ସୁଫିଭକ୍ତି ପର ହିନ୍ଦୁଧର୍ମ ଦିବ୍ୟ ଓ ରାଜକୀୟ ଶକ୍ତି ପ୍ରତି ଅଧିକ ସମର୍ପିତ ଥିଲା । ଏହା ପରେ ଆସିଥିଲେ ମଧ୍ୟ ଉତ୍ତରଭାରତର ଭକ୍ତି ପରମ୍ପରାକୁ ଅବଦମିତ କରିଦେଲା।

–devduttofficial@gmail.com

# ସରକାରୀ ଚାକିରି ମୋହ



ରାନୀ ନାୟକ

ପିଲାଦିନେ ଯଦି କେହି ପଚାରେ ବଡ଼ ହୋଇ କ'ଣ ହେବୁ –କିଏ କୁହେ ଡାକ୍ତର, ପୋଲିସ ନଚେତ୍ ଶିକ୍ଷକ। ଆପଣମାନେ ବି ଛୋଟବେଳେ ଏହି ପ୍ରଶ୍ନର ସମ୍ମୁଖୀନ ହୋଇଥିବେ। ଏହା ମଧ୍ୟ ଭଲ କଥା କି ଗୋଟିଏ ଲକ୍ଷ୍ୟ ନେଇ ଆଗକୁ ବଢ଼ିବା। ଏଥିପ୍ରତି ଏତେ ଭାବ ଆସିବାର କାରଣ ହେଉଛି ଘରୋଇ ସଂସ୍ଥା ଭଳି ସରକାରୀ ଚାକିରିରେ ଛଟେଇହେବାର ଭୟ ନାହିଁ। କାମ ହେଉ କି ନ ହେଉ ଠିକ୍ ସମୟରେ ଆକାଉଣ୍ଟକୁ ଟଙ୍କା ପଳାଇଆସେ। ତେଣୁ ଏହା ପ୍ରତି ସମସ୍ତଙ୍କ ଲୋଭ ରହିବା ସ୍ୱାଭାବିକ। ସେଥିପାଇଁ ତ ଆମ ଦେଶର ଯୁବପିଢ଼ି ପାଠପଢ଼ା ସରିବା ମାତ୍ରେ ସରକାରୀ ଚାକିରିଟିଏ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି।

ତେବେ ଏଠି ଏକ ପ୍ରଶ୍ନ ଉଠେ କି ସରକାରୀ ଚାକିରି ପ୍ରତି ଆସକ୍ତି ହେବା କ'ଣ ଭୁଲ୍? ନା, ଆଦୌ ଭୁଲ୍ ନୁହେଁ। କିନ୍ତୁ ଗୋଟିଏ କିଛି ପାଇବା ଆଶାରେ ଅନେକ କିଛି ହରାଇ ବସିଥାଉ। କୁହାଯାଏ ଅପେକ୍ଷାର ଫଳ ମିଠା। ତଥାପି ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଯାଇ ସାଧନାକରନ୍ତି। ଯଦି ଭାଗ୍ୟ ଟିକେ ସାଥ୍ ଦେଲା ତେବେ କୁଳରେ ଲାଗନ୍ତି। ନଚେତ୍ ବୟସ ଥିବା ଯାଏ ସେହି ସରକାରୀ ଚାକିରି ମୋହରେ ପଡ଼ି ଅନ୍ୟ ନିଯୁକ୍ତିକୁ ବି ହାତଛଡ଼ା କରନ୍ତି। ଫଳରେ ବେକାରିର ଆଖ୍ୟା ନେଇ ସମାଜରେ ଘୂରିବୁଲନ୍ତି। ଏକ ରିପୋର୍ଟକୁ ଯଦି ନେବା ୨୦୦୦ରୁ ୨୦୨୪ ମସିହା ମଧ୍ୟରେ ୨୦୦୦ରେ ୫୪% ବେରୋଜଗାରୀ ଥିବାବେଳେ ୨୦୨୪ରେ ଏହା ୬୫.୭% ବୃଦ୍ଧି ପାଇଛି। ଏଥିମଧ୍ୟରୁ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍ଓ) ତଥ୍ୟ ଅନୁଯାୟୀ ୧୫ରୁ ୨୯ ବର୍ଷର ଯୁବବର୍ଗଙ୍କ ସଂଖ୍ୟା ୮୩% କେବଳ। ଗୋଟିଏ ଉକ୍ତି ଅଛି ଆଜିର ଯୁବକ କାଲିର ଭବିଷ୍ୟତ। ଯଦି ଏହି ଭବିଷ୍ୟତ ଏମିତି ବେକାରି ହେବେ ତେବେ ଦେଶର ଅର୍ଥନୀତି ସୁଦୃଢ଼ ହେବ ନା ଅବନତି ଘଟିବ ଏଥିରୁ ଅନୁମେୟ କରିହେବ। ଉଦାହରଣ ସ୍ୱରୂପ ୨୦୨୨ରେ ୟୁପିଏସ୍‌ସି ପରୀକ୍ଷା ପାଇଁ ୧୧ଲକ୍ଷ ୩୫ହଜାର ୬୯୭ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ସେଥିରୁ ୯୩୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ। କିନ୍ତୁ ଆଉ ଏତେ ପରିମାଣରେ ଯେଉଁ ବଳିପଡ଼ିଲେ ସେମାନେ କ'ଣ କରିବେ। ପୁଣି ପ୍ରତିବର୍ଷ ୧୦ଲକ୍ଷ ପିଲା ଗ୍ରାଜୁଏଶନ ପାସ୍ କରୁଛନ୍ତି। ତେବେ ଏଠାରେ ସ୍ପଷ୍ଟ ବାରି ହେଉଥିବ କି ଆମ ଦେଶରେ ଯୁବବର୍ଗଙ୍କ ତୁଳନାରେ ସେତିକି ନିଯୁକ୍ତି ସୁଯୋଗ ନାହିଁ କହିଲେ ଚଳେ। ଏହି କଥା ଲେଖିବାବେଳେ ମୋର ଭଲ କଥା ଗୋଟେ ମନେପଡ଼େ। ଜଣେ ସମ୍ପର୍କୀୟ ଭାଇଙ୍କ ସହ କଥା ହେବା ଛଳରେ ଗୋଟିଏ କଥା ପଚାରିଦେଲି, ଆଉ ଭାଇ ଆପଣ ବିବାହ କରୁଛନ୍ତି କେବେ? ସେ ଉତ୍ତର ଦେଲେ ଚାକିରି ନାହିଁ, କିଏ ମୋତେ ଝିଅ ଦେବ। ଯେତେ ଝିଅ ଦେଖିଯାଉଛି ସବୁ ସରକାରୀ ଚାକିରିଆ ଖୋଜୁଛନ୍ତି। ସେହି ଚାକିରି ଖୋଜି ଖୋଜି ତ ବୟସ ଆସି ୩୧ ହେଲାଣି। ଆଉ ଏ ଜନ୍ମରେ ଚାକିରି ନାହିଁ କି ବିବାହ ଯୋଗ ବି ନାହିଁ। ଆଉ କିଛି ନ କହି ତାଙ୍କ ଉତ୍ତର ଶୁଣି ବିଦାୟ ନେଇ ତାଙ୍କ ପାଖରୁ ଚାଲିଆସିଲି। ପରେ ଆସି ଭାବିଲି ଚାକିରି ମୋହ ଲୋକଙ୍କୁ ଏତେ ପାଗଳ କଲାଣି କି ବିବାହ କରିବାକୁ ହେଲେ ବି ସରକାରୀ ଷ୍ଟାମ୍ପ ଲାଗିବା ବି ଅତ୍ୟନ୍ତ ଜରୁରୀ ହୋଇପଡ଼େ ନଚେତ୍ ଝିଅ ମିଳୁନାହିଁ। ଆଶ୍ଚର୍ଯ୍ୟ କଥା ନୁହେଁ କି ? ଛାଡ଼, ଏଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ।

୨୦୧୮ରେ ଉତ୍ତରପ୍ରଦେଶ ପୋଲିସ ବିଭାଗ ପକ୍ଷରୁ ୪ର୍ଥ ଶ୍ରେଣୀ କର୍ମଚାରୀରେ ୬୨ଟି ପୋଷ୍ଟ ବାହାରିଥିଲା। କିନ୍ତୁ ଆବେଦନକାରୀଙ୍କ ସଂଖ୍ୟା ଥିଲା ୫୨ ହଜାର। ତେବେ ଗୋଟିଏ ସାଧାରଣ ୪ର୍ଥ ଶ୍ରେଣୀର କର୍ମଚାରୀ ଚାକିରି ପାଇଁ ମଧ୍ୟ ଆମ ଯୁବପିଢ଼ି ବିକଳ। କେମିତି ବା ନ ହେବେ, କମ୍ ଦରମା ହେଉ ପଛେ କିନ୍ତୁ ନିଯୁକ୍ତିରେ ସ୍ଥାୟିତ୍ୱ ଅଛି। ଏହି ବିଷୟକୁ ଯଦି ତର୍ଜମା କରାଯାଏ ତେବେ ଏହା ଅତି ଗମ୍ଭୀର ଏବଂ ଅତି ଦୁଃଖଦ ବିଷୟ। ଯୁବବର୍ଗ ଯଦି ଚାକିରି ପଛରେ ନ ଗୋଡ଼ାଇ ନିଜେ କିଛି ଉଦ୍ୟୋଗ କରିପାରନ୍ତେ ତେବେ କେମିତି ହୁଅନ୍ତା। ପାଠପଢ଼ାକୁ ପାଠପଢ଼ା ହୁଅନ୍ତା, ତା'ସହ ନିଜେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। କିନ୍ତୁ ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରଥମେ ପରିବର୍ତ୍ତନ ଆଣିପାରିଲେ ଯାଇ ଏହା ସମ୍ଭବ ହୋଇପାରିବ। କିନ୍ତୁ ଏଥିପ୍ରତି ସରକାରୀ ସ୍ତରରେ ମଧ୍ୟ ଅଧିକ ମାତ୍ରାରେ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି।

ଢେଙ୍କାନାଳ
ମୋ: ୭୬୦୬୯୯୬୦୫୩

## ଏଇ ଭାରତରେ

କୌଣସି ପ୍ରଶିକ୍ଷଣ ନ ନେଇ ଅଗଣାରେ ବଗିଚା କରି ସେଥିରେ ୫୦୦ରୁ ଊର୍ଦ୍ଧ୍ୱ ଗଛ ବଢ଼ାଇଛନ୍ତି ମାଧବୀ ଗୁଥିକୋଣ୍ଡା। ତାଙ୍କ ସରଳ ଓ ଦକ୍ଷ ପ୍ରଯୁକ୍ତି ସହରରେ ବଗିଚା କରୁଥିବା ଲୋକଙ୍କୁ ପ୍ରେରଣା ଯୋଗାଉଛି। ମାଧବୀ ବଗିଚାରେ ପରିବା, ଫଳ, ଫୁଲ ଏବଂ ବିଭିନ୍ନ ଔଷଧୀୟ ଗଛ ଲଗାଇଛନ୍ତି। ପରିବା ମଧ୍ୟରେ ଅଛି ବିଭିନ୍ନ ପ୍ରକାର ଶାଗ, ବାଇଗଣ, ଗାଜର, କାକୁଡ଼ି ଇତ୍ୟାଦି। ଏହା ସହ କିଛି ବିଦେଶୀ ପରିବା ମଧ୍ୟ ଉତ୍ପାଦନ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ମାଧବୀ ଧଳା ହଳଦୀ ଓ କଳା ଅଦା ମଧ୍ୟ ଅମଳ କରୁଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୧୦ ବର୍ଷ ଧରି କରିଆସୁଛନ୍ତି। ସେ ବଗିଚାରେ ଗଛ ବଢ଼ାଇବା ପାଇଁ କୌଣସି ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରନ୍ତି ନାହିଁ। ସେ ପାରମ୍ପରିକ ପଦ୍ଧତି 'ଜୀବାମୃତ' ଏବଂ ଏପରିକି କୋରିଆର ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ କରୁଛନ୍ତି। ମାଧବୀ କୌଣସି ପ୍ରଶିକ୍ଷଣ ନେଇନାହାନ୍ତି, ହେଲେ ନିଜ ଅନୁଭବ, ତ୍ରୁଟି ଓ ଟ୍ରାଏଲ୍ ସବୁକିଛିରୁ ଶିକ୍ଷା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୩ ଫେବୃଆରୀ ୧୯୭୬

- ଆଠଗଡ଼ରେ ୧୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା କଣ୍ଟିଆ ସେତୁ ନିର୍ମାଣ କାର୍ଯ୍ୟର ଶୁଭ ପ୍ରଦାନ।
- ଗୁଜରାଟରେ ଲୋକପକ୍ଷ ଦଳର ସମର୍ଥନ ପ୍ରତ୍ୟାହୃତ ହୋଇଯିବା ପରେ ରାଜ୍ୟର ଜନତା ସାମ୍ମୁଖ୍ୟ ସରକାର ଏକ ସଂଖ୍ୟାଲଘୁ ସରକାରରେ ପରିଣତ ହୋଇଛି।
- ଡକ୍ଟର ନେଟୋଙ୍କ ନେତୃତ୍ୱରେ ପରିଚାଳିତ ଏମ୍‌ପିଏଲ୍ଏ ସରକାରଙ୍କୁ ଆଫ୍ରିକୀୟ ଐକ୍ୟ ସଙ୍ଗଠନର ପୂର୍ଣ୍ଣାଙ୍ଗ ସଭ୍ୟ ଭାବେ ଗ୍ରହଣ କରାଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 9 | | | | 4 | | |
| | | | | | 4 | | 3 | |
| | 4 | | 5 | 3 | | 6 | | |
| | | | 2 | 1 | | | 7 | 9 |
| 7 | | | 6 | | | | | |
| | 1 | | 7 | | | | | |
| | | 5 | 3 | | | | | 4 |
| | | | | | 6 | | | 8 |
| | 3 | 1 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 6 | 5 | 9 | 1 | 4 | 7 |
| 4 | 5 | 1 | 7 | 3 | 2 | 6 | 8 | 9 |
| 7 | 6 | 9 | 1 | 4 | 8 | 5 | 2 | 3 |
| 2 | 1 | 5 | 9 | 7 | 4 | 8 | 3 | 6 |
| 3 | 7 | 8 | 5 | 6 | 1 | 4 | 9 | 2 |
| 9 | 4 | 6 | 2 | 8 | 3 | 7 | 1 | 5 |
| 6 | 2 | 3 | 4 | 1 | 7 | 9 | 5 | 8 |
| 1 | 8 | 7 | 3 | 9 | 5 | 2 | 6 | 4 |
| 5 | 9 | 4 | 8 | 2 | 6 | 3 | 7 | 1 |

ଗତକାଲିର ଉତ୍ତର

# ଡାକସେବାର ସ୍ମୃତି



ବୈକୁଣ୍ଠନାଥ ମିଶ୍ର

ଚିଠି ନିଅ ଚିଠି। ଗାଁ ଦାଣ୍ଡରେ ଡାକବାଲାର ଏ ଉଚ୍ଚାଟ ସ୍ୱରକୁ କାନଡେରି ଚାହିଁ ରହିଥା'ନ୍ତି ବୃଦ୍ଧ ମାତାପିତା, ବୋହୂ ଭୁଆସୁଣୀ ଓ ଆବାଳବୃଦ୍ଧବନିତା। ସଭିଙ୍କର ଉତ୍କଣ୍ଠାର ଉତ୍ସ ଥିଲେ ଡାକବାଲା, ଯେ ହେଉଛନ୍ତି ଫକୀର ମୋହନଙ୍କ ଭାଷାରେ 'ଡାକମୁନ୍‌ସୀ'। ଖାକି ହାଫ୍ ପ୍ୟାଣ୍ଟ ଓ ହାଫ୍ ଶାର୍ଟ ପରିହିତ ଡାକବାଲାଙ୍କୁ ଦେଖିଲେ ଅଧସ୍ତନ ପୋଲିସ ବାବୁଙ୍କର ଭ୍ରମ ସୃଷ୍ଟି ହୁଏ। ସମାଜର ସବୁ ଶ୍ରେଣୀର ଲୋକଙ୍କର ଖବର ନେଣଦେଣର ଏକମାତ୍ର ଗୌରବାବହ ଅନୁଷ୍ଠାନ ଥିଲା ଡାକଘର। ଗାଁ ଦାଣ୍ଡରେ, ଗଛଗଣ୍ଡିରେ ଝୁଲୁଥିବା ଡାକବାକ୍ସ ଥିଲା ସୁଖଦୁଃଖ ଓ ଆଶା ନିରାଶାର ଏକ ନିବୁଜ କୋଠରି। ଚିଠି ଖଣ୍ଡେ ଲେଖି ତା' ଭିତରେ ପକାଇଦେଲେ ମନ ହାଲୁକା ହୋଇ ଯାଉଥିଲା। କୌଣସି ଗମ୍ଭୀର ଏବଂ ଗୋପନୀୟ ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହୃତ ହେଉଥିଲା ଅନ୍ତର୍ଦେଶୀୟ ପତ୍ର କିମ୍ବା ଲଫାପା। ନବବଧୂ ରଙ୍ଗିନ୍ କାଗଜରେ ସୁନ୍ଦର ସାଙ୍କେତିକ ଭାଷାରେ କାମନା ବାସନାର ଅପୂରଣୀୟ ଖେଦକୁ ଲଫାପା ମାଧ୍ୟମରେ ପ୍ରେରଣ କରୁଥିଲା। ସେହିପରି ବିଦେଶସ୍ଥିତ ନବ ବିବାହିତ ଯୁବକଟି ପତ୍ନୀ ପାଖକୁ ପ୍ରେରଣ କରୁଥିଲା ପ୍ରୀତି ଅର୍ଘ୍ୟ ସ୍ୱରୂପ ହୃଦୟର ଅକୁହା ବେଦନା। ସେ ଅଶିକ୍ଷିତ ଗ୍ରାମ୍ୟ ବଧୂ ହେଉ କିମ୍ବା ସ୍ୱଳ୍ପ ଶିକ୍ଷିତ ତା'ର ଯୁବ ସ୍ୱାମୀ ହେଉ, ପରସ୍ପର ପ୍ରତି ଯେଉଁ ଭାଷାରେ ପତ୍ରଲିଖନ ହେଉଥିଲା ତାହା ଥିଲା କାବ୍ୟିକ ସମ୍ଭାରର ନିଚ୍ଛକ ପ୍ରତିବେଦନ। ସେଥିପାଇଁ ରସିକ ରସରାଜ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଲେଖିଲେ–

ବିଦେଶେ ନାୟକ ଭାଳଇ ବସି,<br>
କି କରୁଥିବ ମୋ ପ୍ରୀତି ଲାଳସୀ।<br>
ଭାଳୁଥିବ ବସି ରଜନୀ ଦିବା,<br>
ଧିକ ଜୀବନ ବିଦେଶେ ରହିବା ॥

କିଛି ବର୍ଷ ପୂର୍ବେ ଡାକଘର ମାଧ୍ୟମରେ ଖବରକାଗଜ ଆସୁଥିଲା, ଯାହାର ପାଠକ ଓ ଖବର ଜିଜ୍ଞାସୁଙ୍କର ଭିଡ଼ ଲାଗି ରହୁଥିଲା ଡାକଘର ବାରଣ୍ଡାରେ। ଏପରିକି ପ୍ରାୟ ପଚାଶ ବର୍ଷ ପୂର୍ବେ ମାଟ୍ରିକ୍ ରେଜଲ୍ଟ ଖବରକାଗଜରେ ପ୍ରକାଶ ପାଉଥିଲା, ଯାହା ଜାଣିବା ପାଇଁ ଡାକଘରେ ଆଶାୟୀଙ୍କ ଭିଡ଼ ଜମୁଥିଲା। ବିଦେଶସ୍ଥିତ ପୁଅଟି ମନିଅର୍ଡର ମାଧ୍ୟମରେ ଟଙ୍କା ପ୍ରେରଣ କରୁଥିଲା। ମନିଅର୍ଡର ଆସିବାର ବିଳମ୍ବ ମାତାପିତାଙ୍କ ମନରେ ସୃଷ୍ଟି କରୁଥିବା ନାନା ସନ୍ଦେହର ଉଦ୍‌ବେଳନ। ଘରକୁ ଆସୁଥିଲା ତାରବାର୍ତ୍ତା। ଗ୍ରାମର ମୁରବି ଶ୍ରେଣୀୟ ବୟସ୍କ ବ୍ୟକ୍ତି ଜଣେ ପୋଷ୍ଟମାଷ୍ଟର ହେଉଥିଲେ ଯେ ନିଜ ପ୍ରଜ୍ଞା ବଳରେ ଅଶୁଭସୂଚକ ତାରବାର୍ତ୍ତାକୁ ସୁଚାରୁ ରୂପେ ପ୍ରାପକକୁ ପ୍ରାପ୍ତି କରାଉଥିଲେ। ପୋଷ୍ଟ ମାଷ୍ଟର ଥିଲେ ସର୍ବମାନ୍ୟ ଓ ବିଶ୍ୱାସଯୋଗ୍ୟ ବ୍ୟକ୍ତି।

ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, ଭାରତରେ ପ୍ରଥମେ ୧୨୯୬ ଖ୍ରୀଷ୍ଟାବ୍ଦରେ ଆଲ୍ଲାଉଦ୍ଦିନ ଖିଲିଜ୍‌ଙ୍କ ଶାସନ କାଳରେ ଆରମ୍ଭ ହୋଇଥିବା ଡାକଘର ବ୍ୟବସ୍ଥା ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୭୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲା ଜନସେବାରେ ବ୍ରତୀ ହୋଇଆସିଛି। ତା' ପୂର୍ବରୁ ପାରା, ପକ୍ଷୀକୁ ଚିଠି ପରିବେଷଣର ମାଧ୍ୟମ ରୂପେ ବ୍ୟବହାର କରାଯାଉଥିଲା। ଖିଲିଜ୍‌ଙ୍କ ସମୟରେ ଆରମ୍ଭ ହୋଇଥିବା ଡାକସେବାର ମାଧ୍ୟମ ଥିଲା ଘୋଡ଼ା। ଡାକବାଲା ଘୋଡ଼ା ପିଠିରେ ସବାର ହୋଇ ନଗରର କୋଣ ଅନୁକୋଣରେ ଚିଠି ବଣ୍ଟନ କରିବା ସହ ଚିଠି ସଂଗ୍ରହ ମଧ୍ୟ କରୁଥିଲେ। ସ୍ଥଳ ବିଶେଷରେ ପାଦରେ ଚାଲିଚାଲି ଦୀର୍ଘପଥ ଅତିକ୍ରମ କରି ଡାକବାଲା ଚିଠି ବାଣ୍ଟୁଥିଲେ ଓ ପ୍ରେରଣ ଉଦ୍ଦେଶ୍ୟରେ ଚିଠି ସଂଗ୍ରହ କରୁଥିଲେ। ୧୮୫୭ର ସିପାହି ବିଦ୍ରୋହ ପରେ ୧୮୫୮ରେ ଡାକତାର ପ୍ରଚଳନର ଆବଶ୍ୟକତା ଅନୁଭବ କରି ବଡ଼ଲାଟ୍ (ପରେ ଭାଇସ୍‌ରାୟ) ଲର୍ଡ ଡେଲ୍‌ହାଉସୀ ପୂର୍ବ ପ୍ରଚଳିତ ଡାକତାର ବିଭାଗର ପୁନର୍ବିନ୍ୟାସ କରି ଏକ ନୂତନ ରୂପ ପ୍ରଦାନ କଲେ। ସିପାହି ବିଦ୍ରୋହ ଅବସାନର ଖବର ପ୍ରଥମେ ଦିଲ୍ଲୀସ୍ଥିତ ଟେଲିଗ୍ରାଫ୍ ଅଫିସ୍‌ରୁ ପଞ୍ଜାବ ରେଜିମେଣ୍ଟର ସୈନ୍ୟମାନଙ୍କୁ ଅବଗତ କରାଯାଇଥିଲା। ଡାକ ଓ ତାର ବିଭାଗର ସୁପରିଚାଳନା ପାଇଁ ବ୍ରିଟିଶ୍ ସରକାର କେତେକ ଆଇନ ପ୍ରଣୟନ କଲେ, ଯଦ୍ୱାରା ପ୍ରେରିତ ଚିଠିର ଗୋପନୀୟତା ରକ୍ଷା କରାଯାଇ ପାରିଲା। ୧୮ ଫେବୃଆରୀ ୧୯୧୧ରେ ପ୍ରଥମ କରି ସରକାରୀ ବିମାନ ଯୋଗେ ଡାକ ଉଡାଣର ଶୁଭାରମ୍ଭ ହୋଇଥିଲା। ବ୍ରିଟିଶ୍ ଶାସକମାନେ ସୁଦୂର ଇଂଲଣ୍ଡ ସହ ବାର୍ତ୍ତାଳାପର ସୁବିଧା ଉପଭୋଗ କଲେ। ସେହି ସମୟରେ ରାଜା, ମହାରାଜା ଓ ଜମିଦାରମାନେ ବିଶ୍ୱସ୍ତ ଦୂତମାନଙ୍କ ହାତରେ ପତ୍ର ପ୍ରେରଣ କରୁଥିଲେ। ୧୯୩୩ରେ ଭାରତୀୟ ଟେଲିଗ୍ରାଫି ଆଇନ ପ୍ରଣୟନ କରାଯାଇ ବିପର୍ଯ୍ୟସ୍ତ ଡାକସେବାକୁ ଦେଶବ୍ୟାପୀ ବିସ୍ତୃତ କରାଗଲା। ଦେଶ ସ୍ୱାଧୀନ ବେଳକୁ ସମଗ୍ର ଭାରତରେ ଡାକଘର ସଂଖ୍ୟାଥିଲା ୨୩,୩୪୪; ଯାହା କେବଳ ସହରାଞ୍ଚଳରେ ସୀମାବଦ୍ଧ ଥିଲା। ପରବର୍ତ୍ତୀ ସମୟରେ ଡାକସେବାକୁ ବ୍ୟାପକ କରାଯାଇ ଗ୍ରାମାଞ୍ଚଳକୁ ସମ୍ପ୍ରସାରିତ କରାଗଲା। ୨୦୨୫ ସୁଦ୍ଧା ଦେଶର ପ୍ରାୟ ପ୍ରତି ପଞ୍ଚାୟତରେ ଡାକଘର ପ୍ରତିଷ୍ଠିତ ହୋଇଛି।

ଡାକଘର କେବଳ ଚିଠିପତ୍ର ଆଦାନ ପ୍ରଦାନରେ ସୀମିତ ନ ରହି ବ୍ୟାଙ୍କ ସେବା ପରି ସଞ୍ଚୟ ଜମା କରିବାକୁ ଆପଣେଇ ନେଇଛି। ସବୁପ୍ରକାର ଜମା ଯେପରିକି ସଞ୍ଚୟ ଜମା (ସେଭିଂସ୍ ଆକାଉଣ୍ଟ), ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍), ପୁନଃ ପୌନିକ ଜମା (ରେକରିଂ ଡିପୋଜିଟ୍) ଇତ୍ୟାଦି ସହ ଡାକଘର ଜୀବନବୀମା (ପୋଷ୍ଟାଲ ଲାଇଫ୍ ଇନ୍‌ସ୍ୟୁରାନ୍ସ) ଭଳି ସେବାକୁ ଆପଣେଇ ଜନସାଧାରଣଙ୍କ ପ୍ରଭୂତ ଉପକାର କରୁଛି। ମେଧାବୀ ତଥା ଉପଯୁକ୍ତ ଜ୍ଞାନ କୌଶଳରେ ସମୃଦ୍ଧ ପ୍ରବୀଣ ଝିଅ ପୁଅମାନଙ୍କୁ ନିଯୁକ୍ତି ଦିଆଯାଇ ଡାକସେବାକୁ ଉନ୍ନୀତ କରିବାର ସମସ୍ତ ପ୍ରଚେଷ୍ଟା କରାଯାଉଛି। କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ଆଧୁନିକ ଜ୍ଞାନ କୌଶଳରେ ଡାକସେବା ଆଜି ସମୃଦ୍ଧ। ବେସରକାରୀ ଚିଠିପତ୍ର ଆଦାନପ୍ରଦାନ ହ୍ରାସ ପାଇଥିଲେ ମଧ୍ୟ ସରକାରୀ ଚିଠି ଏବେ ମଧ୍ୟ ଡାକ ମାଧ୍ୟମରେ ପ୍ରେରଣ କରାଯାଉଛି।




ମୋବାଇଲ ଫୋନର ଆବୃତ୍ତି ସତ୍ତ୍ୱେ ଏବେ ମଧ୍ୟ ଡାକଘରର ଗୁରୁତ୍ୱ ହ୍ରାସ ପାଇନାହିଁ। ଡାକସେବାରୁ ତାରସେବାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଗଲା ପରେ ଡାକସେବା ତା'ର ସେବା ଜାରି ରଖିଛି। ଏବେ ମଧ୍ୟ ପୋଷ୍ଟମାଷ୍ଟର ଓ ପୋଷ୍ଟମ୍ୟାନ ନିଯୁକ୍ତି ପାଉଛନ୍ତି। ଡାକଘର ଦିନେ ଥିଲା ଗ୍ରାମ୍ୟ ଜୀବନର ଆଶାର ଆଲୋକ। ବିବିଧ ସରକାରୀ ଯୋଜନା ଅର୍ଥ ସଞ୍ଚୟର ସର୍ବନିମ୍ନ ଅନୁଷ୍ଠାନ ଓ ଅନନ୍ୟ ସେବା ଯୋଗାଣର ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ ଡାକଘର ଦଣ୍ଡାୟମାନ। ଡାକଘରର ଅନବଦ୍ୟ ସେବା ଏକ ଅଭୁଲା ସ୍ମୃତି ହୋଇ ଜନମାନସରେ ରହିଆସିଛି ଓ କାଳ କାଳକୁ ରହିଥିବ ମଧ୍ୟ। କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ଗ୍ରାମୀଣ ଅନୁଷ୍ଠାନ ହିସାବରେ ଡାକସେବାର ପୂର୍ବ ଗୌରବ ଫେରାଇ ଆଣିବାର ଉଦ୍ୟମ କରାଯିବା ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିବୃଦ୍ଧି ହ୍ରାସ ସମ୍ଭାବନା

ମହାଶୟ,

ଆଗରୁ ପଞ୍ଚବାର୍ଷିକ ଯୋଜନା ସମୟରେ ବଜେଟ ମାଧ୍ୟମରେ ଯୋଜନା କାର୍ଯ୍ୟକାରୀ ହେଉଥିଲା। ଏବେ ଆଉ ଯୋଜନା ନାହିଁ, ମାତ୍ର ଏହା ନିଶ୍ଚିତ ଯେ ସରକାରଙ୍କ କିଛି ମଧ୍ୟବର୍ତ୍ତିକାଳୀନ ଓ କିଛି ଦୀର୍ଘକାଳୀନ ଉଦ୍ଦେଶ୍ୟ ରହିଛି। ବିଶିଷ୍ଟ ଅର୍ଥଶାସ୍ତ୍ରୀ ସାଇମନ କୁଜନେଟ୍ କହିଛନ୍ତି, ଆମେ ଅତୀତ ତଥ୍ୟ ଆଧାରରେ ଭବିଷ୍ୟତର ପୂର୍ବାନୁମାନ କରିପାରିବା। ଯୁକ୍ତରାଷ୍ଟ୍ର ଆମେରିକାରେ କେବେ ପଞ୍ଚବାର୍ଷିକ ଯୋଜନା ନ ଥିଲା, ମାତ୍ର ସେଠାରେ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ପୂର୍ବାନୁମାନ କରାଯାଏ। ଆମେ ମଧ୍ୟ ସେଇ ପଥରେ ପଥିକ। ଆମ ଅର୍ଥ ବ୍ୟବସ୍ଥାର ସଞ୍ଚୟ ହାର ଭଲ ଅଛି, ମାତ୍ର ଏହା ବିନିଯୋଗ ହେଲେ ହିଁ ଅର୍ଥବ୍ୟବସ୍ଥା ଗତିଶୀଳ ହେବ। ସରକାର ଦେଶର ସଞ୍ଚୟ ଉପରେ ବେଶି ନିର୍ଭରଶୀଳ। କାରଣ ବର୍ତ୍ତମାନର ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଆମେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମାଧ୍ୟମରେ ଟଙ୍କା ସୃଷ୍ଟି କରିବା ଉଚିତ ନୁହେଁ। ବିଦେଶୀ ପୁଞ୍ଜି ମଧ୍ୟ ଦେଶୀ ସଞ୍ଚୟ ସହ ମିଶି ସାମଗ୍ରିକ ସଞ୍ଚୟକୁ ବଢ଼ାଇଥାଏ। ସଞ୍ଚୟ ଓ ନିବେଶ ହାର, କୃଷି ,ଶିଳ୍ପ ଓ ସେବାର ବୃଦ୍ଧିହାର ଦେଖିଲେ ଜଣାପଡ଼େ ଆଗାମୀ ବର୍ଷେ ଦୁଇ ବର୍ଷ ପାଇଁ ଭାରତୀୟ ଅର୍ଥବ୍ୟବସ୍ଥାକୁ ବିଶେଷ ବିପଦ ନାହିଁ। ହେଲେ ଏବକାର ସଙ୍କୁଚିତ ବଜେଟ ଚିନ୍ତାର ବିଷୟ। ଏଥିରେ ଅଭିବୃଦ୍ଧି ହାର ହ୍ରାସ ହେବାର ସମ୍ଭାବନା ରହିଛି।

– ପ୍ରଦ୍ୟୋତ ମହାପାତ୍ର, ବମିଖାଲ , ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ<br>
ଆକାଶ ନଇଁଛି ଧରିଣୀର ତଳେ<br>
ମୋ ବିରହେ ସତେ ସାଗର ବକ୍ଷେ<br>
ଲାଗିଛି ଚିର ପରାସ<br>
ଆଜି ଚଳିବି ମୁଁ ପରବାସ।<br>
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

ଚଣ୍ଡିଖୋଲ,୧୨।୨ (ପ୍ରଦୀପ୍ତ କୁମାର ପୃଷ୍ଟି):



ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ଗ୍ରାମର ସାମାଜିକ କର୍ମୀ ମନୋରଞ୍ଜନ ମହାନ୍ତି(୭୦)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ ବାଲିଚନ୍ଦ୍ରପୁର ଅଞ୍ଚଳରେ ବେଶ ପରିଚିତ ଥିଲେ। ଗତ କିଛି ମାସ ଧରି ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଡାକ୍ତରଖାନାରୁ ଫେରିବା ପରେ ୧୫ ଦିନ ହେବ ଘରେ ରହି ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଲୋକ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ନାନପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଓ ବିଧାୟକ ଅମର କୁମାର ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମୁଗ ବିହନ ବଣ୍ଟନରେ ଅଣଚାଷୀଙ୍କୁ ପ୍ରାଧାନ୍ୟ

- ୬ ପଞ୍ଚାୟତର ଚାଷୀ ବିହନ ପାଇବାରୁ ବଞ୍ଚିତ
- ଜିଲାପାଳଙ୍କ ନିକଟରେ ଅଭିଯୋଗକଲେ ଚାଷୀ

ଦଶରଥପୁର,୧୨।୨ (ସୁଶାନ୍ତ କୁମାର ବେହୁରିଆ):

ଧାନ ଚାଷ ପରେ ଖାଲି ପଡ଼ିଥିବା ଚାଷ ଜମିକୁ ଉପଯୋଗୀ କରିବା ପାଇଁ ସରକାର ଚାଷୀଙ୍କୁ ମୁଗ ବିହନ ସମେତ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀ ଯୋଗାଇ ଦେଇଥାନ୍ତି। ମାତ୍ର କେତେକ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ଖମାଖିଆଲି ମନୋଭାବ ଯୋଗୁ ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହାର ଉଦାହରଣ ଯାଜପୁର ଜିଲାର ଦଶରଥପୁର ବ୍ଲକରେ ଦେଖିବାକୁ ମିଳିଛି। ଚଳିତ ବର୍ଷ ବ୍ଲକର ୨୨୭୦ ହେକ୍ଟର ଜମିରେ ମୁଗଚାଷ ନିମନ୍ତେ ସରକାରଙ୍କ ତରଫରୁ ମୁଗ ବିହନ, ସାର, ବିଶୋଧକ ଓ ସୋଲାର ଲାଇଟ ଆଦି ଯୋଗାଇ ଦିଆଯାଇଛି। ବଣ୍ଟନ ଦାୟିତ୍ୱ 'ସିଡ' ନାମକ ଏକ ଏନଜିଓ ହାତରେ ରହିଛି। ମାତ୍ର ଉକ୍ତ ଏନଜିଓ ପ୍ରକୃତ ଚାଷୀଙ୍କ ବଦଳରେ ଅଣଚାଷୀଙ୍କୁ ପ୍ରାଧାନ୍ୟ ଦେଉଥିବା ଜିଲାପାଳଙ୍କ ନିକଟରେ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ହେକ୍ଟର ପିଛା ୨୦ କେଜି ବିହନ ଓ ତତ୍ସହିତ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରିବାକୁ ବ୍ୟବସ୍ଥା ଥିବାବେଳେ ପଞ୍ଚାୟତ ପ୍ରତି ପ୍ରାୟ ୧୩ କୁଇଣ୍ଟାଲ ଲେଖାଏ ମୁଗ ବିହନ ବଣ୍ଟା ହେବା କଥା। ମାତ୍ର ଏନଜିଓ ପକ୍ଷରୁ ମାତ୍ର ୮/୧୦ କୁଇଣ୍ଟାଲ ଲେଖାଏ ବିହନ ବଣ୍ଟନ କରାଯାଉଥିବା ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି।



କୃଷି ବିଭାଗ ଗୋଦାମରେ ମହଜୁଦ ବିହନ ଓ ଆନୁଷଙ୍ଗିକ ସାମଗ୍ରୀ।

ବ୍ଲକ୍‌ର ୬ ପଞ୍ଚାୟତ ଯଥା; ବିରଜାପୁର, ଚମ୍ପେଇପାଳ, କୟାଁ, କମାରଡ଼ିହି, ଖାନନଗର ଓ ଜାଫରପୁରର ଚାଷୀଙ୍କୁ ଆଜି ପର୍ଯ୍ୟନ୍ତ ମୁଗ ବିହନ ପ୍ରଦାନ କରାଯାଇନାହିଁ। ଚାଷ ସମୟରେ ମୁଗ ବିହନ ପ୍ରଦାନ କରା ନ ଯାଇ ପରବର୍ତ୍ତୀ ସମୟରେ କାଁଭାଁ ଚାଷୀଙ୍କୁ ବିହନ ଯୋଗାଇଦେଇ ବଳକା ବିହନ, ସାର ଓ କୀଟନାଶକ ଆଦିକୁ ଭାଗ ବଣ୍ଟି ନେବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷ କାର୍ଯ୍ୟ ନିମନ୍ତେ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ଅଦ୍ୟାବଧି ୫୦ ପ୍ରତିଶତ ବିହନ ବଣ୍ଟା ଯାଇନାହିଁ। ବିଭାଗୀୟ ଅଧିକାରୀ ଓ ଏନଜିଓ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ମୁଗ ଚାଷ ବ୍ଲକରେ ଦିଗହରା ପାଲଟିଛି। ଯେଉଁ କେତେକ ଅଞ୍ଚଳରେ ମୁଗ ଚାଷ ସୁଚାରୁରୂପେ ସମ୍ପାଦିତ ହୋଇଛି ତାହା ଚାଷୀଙ୍କ ନିଜସ୍ୱ ଉଦ୍ୟମ ଯୋଗୁ ହୋଇଛି। ଫଳରେ ପ୍ରକୃତ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାବେଳେ ଅଣଚାଷୀ, ସରକାରୀ କର୍ମଚାରୀ ଓ ଏନଜିଓ ଯୋଜନାର ଲାଭ ଉଠାଉଛନ୍ତି ବୋଲି ଚାଷୀମାନେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ଶୁଭ୍ରଜିତ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମୁଗ ବିହନ ବଣ୍ଟନ ଦାୟିତ୍ୱ ଏନଜିଓ ହାତରେ ପ୍ରଦାନ କରାଯାଇଛି। ବଣ୍ଟନ କାର୍ଯ୍ୟ ଅଦ୍ୟାବଧି ଚାଲୁରହିଛି।

### ଏମାନେ କୁହନ୍ତି...

"ଚାଷୀଙ୍କୁ ଠିକ୍ ସମୟରେ ମୁଗ ବିହନ ପ୍ରଦାନରେ କୃଷି ବିଭାଗର ବିଫଳତା ଯୋଗୁ ଚଳିତ ବର୍ଷ ବ୍ଲକର ଅଧିକାଂଶ ପଞ୍ଚାୟତରେ ମୁଗ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

–ନିରାକାର ସାହୁ, ସରପଞ୍ଚ, ବିରଜାପୁର ଗ୍ରାମ ପଞ୍ଚାୟତ

"ଅଦ୍ୟାବଧି ଚାଷୀଙ୍କୁ ମୁଗ ବିହନ ପ୍ରଦାନ କରା ନ ଯିବା ଯୋଗୁ ଚାଷୀ ବଜାରରୁ ଚଢ଼ା ଦରରେ ବିହନ କିଣି ଚାଷ କରିବାକୁ ବାଧ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

–ହିମାଂଶୁ ନାୟକ, ସରପଞ୍ଚ, ଚାମ୍ପେଇପାଳ ଗ୍ରାମ ପଞ୍ଚାୟତ।

"ଆବଶ୍ୟକ ଦସ୍ତାବିଜ ଓ ଚାଷୀମାନଙ୍କ ତାଲିକା ପ୍ରଦାନ ସତ୍ତ୍ୱେ ଏନଜିଓ ଚାଷୀଙ୍କୁ ବିହନ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

–ଶୈରେନ୍ଦ୍ର ସାମଲ, ସମିତିସଭ୍ୟ, ଜାଫରପୁର ଗ୍ରାମ ପଞ୍ଚାୟତ

"ପ୍ରଦାନ କରାଯାଉଥିବା ମୁଗ ବିହନ ସମୁଦ୍ରକୁ ଶଙ୍ଖେ ସଦୃଶ। ପଞ୍ଚାୟତରେ ଶତାଧିକ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହେଉଥିବାବେଳେ ସରକାର ମାତ୍ର ୪୦/୫୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ନିମନ୍ତେ ସାମଗ୍ରୀ ଯୋଗାଇ ଦେଉଛନ୍ତି।

-ସୁବାସ ଚନ୍ଦ୍ର ଦେବତା, ସରପଞ୍ଚ, ବିରୁହାଁ ଗ୍ରାମ ପଞ୍ଚାୟତ।

## ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ

ଧର୍ମଶାଳା,୧୨।୨ (ବଟକୃଷ୍ଣ ପରିଡ଼ା): ସର୍ବଭାରତୀୟ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା ପିସିସି ସଭାପତି ରୂପେ ନିଯୁକ୍ତ କରାଯାଇଛି। ଏହାକୁ ଧର୍ମଶାଳା କଂଗ୍ରେସ୍ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା ଜାରକାଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଭକ୍ତ କଳାହାଣ୍ଡି ଆସନରୁ ୩ଥର ଲୋକସଭାକୁ ନିର୍ବାଚିତ ହେବା ସହ ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ ଓ ୧୯୯୦ରୁ ୧୯୯୧ ପର୍ଯ୍ୟନ୍ତ ରେଳ ରାଷ୍ଟ୍ର ମନ୍ତ୍ରୀ ରହି ଓଡ଼ିଶାର ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ। ଜଣେ ଆଦିବାସୀ ନେତାଙ୍କୁ ଏଆଇସିସି ସଭାପତି ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ପୂର୍ବତନ ସଭାନେତ୍ରୀ ସୋନିଆ ଗାନ୍ଧୀ, ଲୋକସେବାର ବିରୋଧୀଦଳ ନେତା ରାହୁଲ୍ ଗାନ୍ଧୀ ପିସିସି ସଭାପତି ରୂପେ ନିଯୁକ୍ତ କରିଥିବାରୁ ଓଡ଼ିଶା କଂଗ୍ରେସ ଆଗାମୀ ଦିନରେ ଦୃଢ଼ ସଂଗଠିତ ହେବ। ଏହି ଖବରଦାତା ସମ୍ମିଳନୀରେ କୃଷକ ନେତା ବସନ୍ତ ପରିଡ଼ା, ପ୍ରଫୁଲ ରାୟ, ସଞ୍ଜୟ କୁମାର ରାଉତ, ନରୋତ୍ତମ ନାୟକ, ପୂର୍ଣ୍ଣଚନ୍ଦ୍ର ତରାଇ, ନକୁଳ ଜେନା, ବାବୁ ପରିଡ଼ା, କାର୍ତ୍ତିକ ସାହୁ, ଅମରେନ୍ଦ୍ର ସାମଲ, ଦୀପକ ବଳ, ଗଗନ ରାଉତ ଓ ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମାଘ ପୂର୍ଣ୍ଣିମାରେ ଅଗ୍ନି ଉତ୍ସବ



ଯାଜପୁରରୋଡ୍,୧୨।୨ (ପବିତ୍ର ରଞ୍ଜନ ମହାନ୍ତି): ମାଘ ପୂର୍ଣ୍ଣିମାରେ ପୂରପଲ୍ଲିରେ ଅଗ୍ନି ଉତ୍ସବ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗରସ୍ଥିତ ଚୋରଦା ଗ୍ରାମରେ ବୁଧବାର ସନ୍ଧ୍ୟାରେ ପାଳଗଦାକୁ ପୂଜାର୍ଚ୍ଚନା କରାଯାଇ ଅଗ୍ନିଦେବଙ୍କୁ ଆହ୍ୱାନ କରାଯାଇଛି। ଅଗ୍ନିରେ ପ୍ରସାଦ ଭାବେ ବିଭିନ୍ନ ପରିବା ଓ ଫଳ ନଡ଼ିଆ ଅର୍ପଣ କରାଯାଇଛି। ଏହି ପ୍ରସାଦ ପାଇଲେ ଚର୍ମରୋଗରୁ ମୁକ୍ତି ମିଳିଥାଏ। ଗ୍ରାମବାସୀ ନାମ ସଂକୀର୍ତ୍ତନ କରି ଏକ ଆଧ୍ୟାତ୍ମିକ ପରିବେଶରେ ଏହି ଉତ୍ସବ ପାଳନ କରିଥିଲେ। ଲୋକକଥା ଅନୁଯାୟୀ, ଏହି ସମୟରେ ଧରା ପୃଷ୍ଠରେ ଋତୁ ପରିବର୍ତ୍ତନ ହୋଇ ଶୀତକୁ ବିଦାୟ ଦେଇ ଗ୍ରୀଷ୍ମର ଆଗମନ ହୋଇଥାଏ। ଉତ୍ସବ ଆୟୋଜନରେ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

## ଭୀମ ଭୋଇ ସାମର୍ଥ୍ୟ ଶିବିରରେ ୩୪୦ ନାମ ପଞ୍ଜୀକୃତ



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଧର୍ମଶାଳା,୧୨।୨ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଲିସାହିସ୍ଥିତ ବାଘୁଆ ବ୍ରହ୍ମଣୀ ଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪୦ ଜଣ ନାମ ପଞ୍ଜୀକୃତ କରିଥିବାବେଳେ ୨୮୫ଜଣ ଚିହ୍ନଟ ହୋଇଛନ୍ତି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଭୀମଭୋଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ଚିକିତ୍ସକ ଯୋଗଦେଇ ପଞ୍ଜୀକୃତ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୪ଜଣ ଭିନ୍ନକ୍ଷମଙ୍କୁ ବସ ଓ ଟ୍ରେନ୍ ପାସ୍, ୫ଜଣଙ୍କୁ ଭତ୍ତା, ଜଣେ ବୃଦ୍ଧଙ୍କୁ ଟ୍ରାଇସାଇକେଲ, ୧୭ ବୃଦ୍ଧଙ୍କୁ ହୁଇଲ୍ ଚେୟାର, ୩ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୪ ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ ପ୍ରଦାନ କରାଯିବା ପାଇଁ ପଞ୍ଜୀକୃତ କରାଯାଇଥିବା ବିଡିଓ ସୂଚନା ଦେଇଥିଲେ। ଏବିଡିଓ ଅସିତ ପାତ୍ର, ଡିଏସ୍ଏସ୍ଓ ରବୀନ୍ଦ୍ର ବେହେରା, ବିଏସ୍ଏସ୍ଓ ଜ୍ଞାନରଞ୍ଜନ ବେହେରା, ଜିଆର୍ଏସ୍ ରାଜଲକ୍ଷ୍ମୀ ମହାପାତ୍ର, ତାପସ କୁମାର ବେହେରା, ପିଇଓ ସୁଲଗ୍ନା ସାମଲ, ଦୁଷ୍ମନ୍ତ କୁମାର ଗୋଚ୍ଛାୟତଙ୍କ ସମେତ କଲେଜର ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।

## ୧୦ ବିଦ୍ୟୁତ୍ ଖୁଣ୍ଟରୁ ତାର କାଟିନେଲେ

ଚଣ୍ଡିଖୋଲ,୧୨।୨ (ପ୍ରଦୀପ୍ତ କୁମାର ପୃଷ୍ଟି):

### ପୋଲିସକୁ ଚ୍ୟାଲେଞ୍ଜ

ବିଦ୍ୟୁତ୍ ତାର ଓ ଖୁଣ୍ଟ ଚୋରି କରୁଥିବା ଅଭିଯୋଗରେ ଗତ ୫ତାରିଖରେ ପୋଲିସ ୫ଜଣଙ୍କ ସମେତ ଏହାକୁ କ୍ରୟବିକ୍ରୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାର ଠିକ ୬ ଦିନ ପରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ପୁଣି ୧୦ ଖୁଣ୍ଟରୁ ୩୩ କେଭି ବିଦ୍ୟୁତ୍ ତାର ଚୋରି କରିଛନ୍ତି ଦୁର୍ବୃତ୍ତ। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ। ମଙ୍ଗଳବାର ରାତିରେ ଦୁର୍ବୃତ୍ତ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର-ରତ୍ନଗିରି ପୂର୍ତ୍ତ ବିଭାଗ ରାସ୍ତା କଡ଼ ମାଣ୍ଡୁକା ଓ ଚାରିନଙ୍ଗଳ ଗ୍ରାମ ମଝିରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଚୋରି କରିଛନ୍ତି। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ରାତି ପ୍ରାୟ ୧ଟା୩୦ରେ ଏକ ପୋଲିସ ଗାଡି ସାଇରନ ମାରି ଆସିଲା ଓ ଚୋରି ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ନିକଟରେ ରହିଥିଲା। ସେମାନେ ଭାବି ନେଲେ ପୋଲିସ ଗାଡି ରାତିରେ ପାଟ୍ରୋଲିଂ କରୁଛି। ମାତ୍ର ସକାଳୁ ଦେଖିବା ବେଳକୁ ତାର ଚୋରି ହୋଇଛି। ଗତ ନଭେମ୍ବର ୨୪ ତାରିଖ ରାତିରେ ଠିକ ସେହି ସ୍ଥାନରୁ ଦୁର୍ବୃତ୍ତ ୬ଟି ୩୩ କେଭି ବିଦ୍ୟୁତ୍ ଖୁଣ୍ଟ କାଟି ନେଇଥିଲେ। ଏନେଇ ଠିକା ସଂସ୍ଥା ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ସେହି ଆଧାରରେ ତଦନ୍ତ କରି ଫେବୃୟାରୀ ୪ରେ ଏକ ଗ୍ୟାଙ୍ଗକୁ ପୋଲିସ ଧରିଥିଲା। ୫ ତାରିଖରେ ସେମାନଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ପୋଲିସ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ କରିଥିଲା। ୫ ଜଣ ବ୍ୟକ୍ତି ଏକ ବୋଲେରୋରେ ସନ୍ଦେହ ଅବସ୍ଥାରେ ଚୋରି କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସେମାନଙ୍କୁ ପୋଲିସ ଧରିଥିଲା। ସେମାନଙ୍କ ନିକଟରୁ ବିଦ୍ୟୁତ୍ ଖୁଣ୍ଟ ଓ ତାର କାଟିବା ପାଇଁ ପ୍ରସ୍ତୁତ ସମସ୍ତ ଯନ୍ତ୍ରାଂଶ ଜବତ କରିଥିଲା। ଏପରିକି ସେମାନେ ଗାଡ଼ିରେ ନାଲିବତି ବ୍ୟବହାର କରି ଚୋରି କରୁଥିବା ପୋଲିସ ସୂଚନା ଦେଇଥିଲା। ନାଲିବତି, ଖେଳନା ବନ୍ଧୁକ, ଖଣ୍ଡା ସମେତ ୪ଟି ଗାଡ଼ିକୁ ପୋଲିସ ଜବତ କରିଥିଲା। ଦୁର୍ବୃତ୍ତ ପୁନର୍ବାର ବିଦ୍ୟୁତ୍ ଖୁଣ୍ଟରୁ ତାର କାଟି ଚୋରି କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ସମରଜିତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଠିକା ସଂସ୍ଥା ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯିବ।



ଦୁର୍ବୃତ୍ତମାନେ ବିଦ୍ୟୁତ୍ ଖୁଣ୍ଟରୁ ତାର ଚୋରିକରି ନେଇଛନ୍ତି।

## ଦୀନ୍ ଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ



ଦୀନ ଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ବିଶେଷ।

କୋରେଇ,୧୨।୨ (ଚନ୍ଦ୍ରକାନ୍ତ ପତି):

କୋରେଇ ଭାଜପାର ବ୍ରାହ୍ମଣୀଦେବୀ ମଣ୍ଡଳ ପକ୍ଷରୁ କଣ୍ଟାଝରିସ୍ଥିତ କାର୍ଯ୍ୟାଳୟଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଓ ସମର୍ପଣ ଦିବସ ମଣ୍ଡଳ ସଭାପତି ରାକେଶ ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ନରେଶ କୁମାର ହୋତା ଯୋଗଦେଇ ଦିନଦୟାଲ ଉପାଧ୍ୟାୟ ଦୁଃଖ ଓ ଆର୍ଥିକ ଅନାଟନର ବୋଝକୁ ବହନ କରିଥିଲେ ସୁଦ୍ଧା ଦେଶକୁ ଆଗେଇ ନେବାରେ ବ୍ରତୀ ଥିଲେ ବୋଲି ପ୍ରକାଶ କରିଥିଲେ। ସେ ନିଜର ସମ୍ପୂର୍ଣ୍ଣ ଜୀବନ ସମାଜ ସେବା ପାଇଁ ସମର୍ପଣ କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପ୍ରଚାରକ ଭାବେ ଜୀବନ ବିତାଇ ଥିଲେ ବୋଲି ହୋତାଙ୍କ ସମେତ ଅନ୍ୟ ଭାଜପା ନେତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ଗୋପାଳ ଚନ୍ଦ୍ର ସାହୁ, ଯୁବ ସଭାପତି ସନ୍ତୋଷ ସ୍ୱାଇଁ, ଯୁବନେତା ସୁଶାନ୍ତ ସ୍ୱାଇଁ, ଅକ୍ଷୟ କୁମାର ରାଉତ, ସୁରେନ୍ଦ୍ର ରାଉତ, ସନ୍ତୋଷ ବେହେରା ଓ ଖଗେଶ୍ୱର ଲେଙ୍କାଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଶ୍ରେଣୀଗୃହରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଯୁବକଙ୍କ ଗୋଇଠା

କାଏମା,୧୨।୨ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଗୋଇଠା ମାରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ ଶଙ୍କର ମହାନ୍ତି। ବୁଧବାର ସ୍କୁଲରେ ପିଲାମାନେ ପାଠ ପଢୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ରେ ଶଙ୍କର ଶ୍ରେଣୀ ଗୃହରେ ପଶି ପିଲାଙ୍କୁ ଧମକଚମକ ଦେଇଥିଲେ। ଏହା ଦେଖି ପ୍ରଧାନଶିକ୍ଷୟିତ୍ରୀ ରୁନାମଣୀ ଗୋଚ୍ଛାୟତ ଆସି କାହିଁକି ସ୍କୁଲରେ ପଶି ଏଭଳି କାଣ୍ଡ କରୁଛ ବୋଲି ଶଙ୍କରଙ୍କୁ ପଚାରିଥିଲେ। ଏହାପରେ ଶଙ୍କର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ମାରିଥିଲେ। ଏପରିକି ହାତରେ ପଥର ଧରି ଗୋଡ଼ାଇଥିଲେ। ଫଳରେ ସ୍କୁଲର ଛାତ୍ରୀଛାତ୍ର ଭୟଭିତ ହୋଇ ଏଣେ ତେଣେ ଧାଇଁଥିଲେ। ଏହି ସମୟରେ ଗ୍ରାମର କେତେଜଣ ଯୁବକ ଆସି ଶଙ୍କରଙ୍କୁ କାବୁ କରିବା ପରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ପରେ ପ୍ରଧାନଶିକ୍ଷୟିତ୍ରୀ ବ୍ଲକ ଶିକ୍ଷାଧିକାରୀ ଓ ସାଧନକେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ସହ ସନ୍ଧ୍ୟାରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୀଘ୍ର ଏହି ଘଟଣାରେ ପୋଲିସ ନ୍ୟାୟ ପ୍ରଦାନ କରିବା ସହିତ ସ୍କୁଲକୁ ସୁରକ୍ଷା ଦେବାକୁ ସାଧାଣରେ ଦାବି ହୋଇଛି।

## ହାଇଲେଭଲ କେନାଲ ବନ୍ଧରୁ ମାଟି ଲୁଟ୍



କେନାଲ ବନ୍ଧରୁ ଲୁଟ୍ ହୋଇଥିବା ମାଟି।

ଚଣ୍ଡିଖୋଲ,୧୨।୨ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣାର ବୈରୀଠାରେ ମାଟି ମାଫିଆଙ୍କ ଉତ୍ପାତ ବଢ଼ି ଚାଲିଛି। ଏବେ ଏମାନେ ଦିନ ରାତି ବୈରୀ ହାଇଲେଭଲ କେନାଲ ବନ୍ଧରୁ ମାଟି ଲୁଟ କରୁଛନ୍ତି। ଫଳରେ ଇଂରେଜ ସରକାର ଅମଳରେ ନିର୍ମାଣ ହୋଇଥିବା ଏହି କେନାଲ ବନ୍ଧ ଏବେ ବିପଦରେ। ବୈରୀ ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଲୁଟ ହେଉଛି ଏହି ମାଟି। ହେଲେ ପୋଲିସ ନୀରବ ଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି କେହି ପ୍ରତିବାଦ କଲେ ମାଟି ମାଫିଆ ସେମାନଙ୍କୁ ନାନା ଧମକ ଦେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମାଟି ବୋଝେଇ କରି ହାଇୱାଗୁଡ଼ିକ ବୈରୀ ଥାନା ରାସ୍ତା ଦେଇ ଯାଉଥିଲେ ମଧ୍ୟ ପୋଲିସ ନୀରବ ରହୁଛି। ସେହିପରି ବୈରୀ, ସୋଲର, ବାଘୁଆ ଓ ମୁଲିଝର ଅଞ୍ଚଳରୁ ଶହ ଶହ ଟ୍ରିପ ମାଟି ଲୁଟ କରୁଛନ୍ତି ମାଫିଆ। ତେଣୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗବତ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଯଦି କେହି ଜଳ ସମ୍ପଦ ବିଭାଗ ସ୍ଥାନରୁ ମାଟି ଉଠାଉ ଥିବେ ତେବେ ତାଙ୍କ ନାମରେ ମାମଲା ରୁଜୁ ହେବ।

## ବ୍ୟାସ ସରୋବର ମହୋତ୍ସବ ଫିକା

### ଅଧ୍ୟକ୍ଷା, କାଉନସିଲରଙ୍କ ବିବାଦ

ଯାଜପୁରରୋଡ୍,୧୨।୨ (ପବିତ୍ର ରଞ୍ଜନ ମହାନ୍ତି) :

ବ୍ୟାସନଗର ସହରର ପରିଚୟ ବ୍ୟାସ ସରୋବର ମହୋତ୍ସବ ରାଜନୀତିର ଚକ୍ରବ୍ୟୁହରେ ଶ୍ରୀହୀନ ହୋଇପଡିଛି। ପୌରାଧ୍ୟକ୍ଷା ଓ କେତେକ କାଉନସିଲରଙ୍କ ବିବାଦରେ ଏହି ପୌରାଣିକ ମହୋତ୍ସବ ଛନ୍ଦି ହୋଇଥିବାରୁ ମେଳା ଆରମ୍ଭ ହେବାର ୪ ଦିନ ବିତିଯାଇଥିଲେ ସୁଧା ଖାଁ ଖାଁ ଲାଗୁଛି । ମହୋତ୍ସବ ସ୍ଥଳରେ ପଲିଶ୍ରୀ ମେଳା ପାଇଁ ଉଦ୍ଦିଷ୍ଟ ଷ୍ଟଲ ନିର୍ମାଣ କାର୍ଯ୍ୟ ସରିନାହିଁ । ଅନେକ ସ୍ଥାନରେ ଆଲୋକ ନ ଥିବାରୁ ଅନ୍ଧକାର ରହିଛି । ମହୋତ୍ସବ ସ୍ଥଳକୁ ଯିବାପାଇଁ ଥିବା ରାସ୍ତା ଅନ୍ଧାର ଥିବାରୁ ଲୋକମାନେ ଯାତାୟତ କରିବାରେ ସୁରକ୍ଷିତ ମଣୁ ନୁହନ୍ତି । ସର୍ବନିମ୍ନ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ଅଗ୍ନି ନିରାପତ୍ତା ପ୍ରତି ଧ୍ୟାନ ଦିଆଯାଇନାହିଁ । ପୌରାଧ୍ୟକ୍ଷା ଶାସକ ଦଳ ନେତାଙ୍କ ପ୍ରରୋଚନାରେ ସମସ୍ତ ନିଷ୍ପତ୍ତି ନେଉଥିବା ଏବଂ ଉପନଗରପାଳ ଓ ପାରିଷଦଙ୍କୁ ଉପେକ୍ଷା କରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରା ନ ଯାଇ ଅଧ୍ୟକ୍ଷା ତାର ଓଲଟା କାର୍ଯ୍ୟ କରୁଥିବାରୁ ବିଜେଡି ଓ କଂଗ୍ରେସ ପାରିଷଦମାନେ ଅସହଯୋଗ କରୁଛନ୍ତି । ନିମନ୍ତ୍ରଣ କାର୍ଡରେ ଅତିଥି ମାନଙ୍କ ନାମ ଉଲ୍ଲେଖ ନାହିଁ। ପୌରାଧ୍ୟକ୍ଷା ନିଜ ଲେଟର ପ୍ୟାଡ଼ରେ ଅତିଥିମାନଙ୍କୁ ନିମନ୍ତ୍ରଣ କରିଥିବାରୁ ସେମାନେ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେଉ ନ ଥିବା ଦେଖାଯାଇଛି । ବ୍ୟାସସରୋବର ଇତିହାସରେ ଏଭଳି ଘଟଣା ପ୍ରଥମ ବୋଲି ସହରବାସୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ମହୋତ୍ସବ ଉଦ୍‌ଘାଟନରେ ଅଧ୍ୟକ୍ଷାଙ୍କ ସହ ଯୋଗଦେଇଥିବ କଂଗ୍ରେସର କାଉନସିଲରମାନେ ବିଜେଡି କାଉନସିଲରଙ୍କ ସହ ହାତ ମିଳାଇଛନ୍ତି। ଯାହା ଫଳରେ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅଧ୍ୟକ୍ଷାଙ୍କ ସହ କେବଳ ଜଣେ ମାତ୍ର ଭାଜପା କାଉନସିଲ ମଞ୍ଚରେ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ନାମିଦାମୀ କଳାକାରମାନଙ୍କୁ ନେଇ ଅନୁଷ୍ଠିତ ହୋଇଆସୁଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚଳିତ ବର୍ଷ ଦେଖିବାକୁ ମିଳୁନାହିଁ । ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ମହୋତ୍ସବର ଗାରିମାକୁ କ୍ଷୁର୍ଣ୍ଣ କରାଯାଇ ସହରବାସୀଙ୍କ ଭାବାବେଗ ସହ ଖେଳାଯାଉଥିବା ଉପନଗରପାଳଙ୍କ ସହ ୨୪ ଜଣ କାଉନସିଲର କ୍ଷୋଭ ପ୍ରକାଶ କରି କହିଛନ୍ତି । ଚଳିତ ବର୍ଷ ମହୋତ୍ସବ ପରିଚାଳନା ପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସେଭଳି ଆଖିଦୃଶିଆ କାର୍ଯ୍ୟକ୍ରମ କିଛି କରାଯାଇ ନ ଥିବା ଉପନଗରପାଳ ସୁବାସ ବଳ ସୂଚନା ଦେଇଛନ୍ତି।

## ବକେୟା ଦରମା ଦାବି
# କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ପାରାଦୀପ,୧୨ା୨ (ଶରତ ରାଉତ)**

ପାରାଦୀପ ବନ୍ଦରରେ ଦୀର୍ଘବର୍ଷ ହେଲା କାମ କରୁଥିବା ବହୁ ଚର୍ଚ୍ଚିତ କମ୍ପାନୀ ସି. ୱେଜ ଶିପିଂ ଆଣ୍ଡ ଲଜେଷ୍ଟିକ୍ ଲିମିଟେଡ ଆଗରେ ବୁଧବାର ସକାଳୁ କର୍ମଚାରୀ ଓ ଶ୍ରମିକମାନେ ତାଲା ପକାଇ ଧାରଣା ଦେଇଛନ୍ତି। କମ୍ପାନୀ କର୍ମଚାରୀ ଓ ଶ୍ରମିକଙ୍କ ଦରମା ବକେୟା ରଖିବା ଏବଂ ହଠାତ ବରଖାସ୍ତ କରିବା ଘଟଣାରେ ଶ୍ରମିକମାନେ ଏପରି ଧାରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ବକେୟା ଅର୍ଥ ନ ମିଳିଛି ସେ ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ସେମାନେ କହିଛନ୍ତି। ଦିନତମାମ ତାଲା ପକାଇ ଧାରଣା ଦେବା ଯୋଗୁ କମ୍ପାନୀ କାର୍ଯ୍ୟାଳୟ ଖୋଲିନାହିଁ। ସେଠାରେ କାର୍ଯ୍ୟରତ କର୍ମଚାରୀ କାମ କରି ପାରିନାହାନ୍ତି। ଧାରଣାକାରୀ ଶ୍ରମିକମାନେ ଏବେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ (ଏଲଇଓ) ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି।

ଧାରଣାକାରୀ କର୍ମଚାରୀ ବିଶ୍ୱରଞ୍ଜନ ରାଉତ କହିଛନ୍ତି, ଆମେ ୧୫ରୁ ୨୦ବର୍ଷ ହେଲା ସ୍ଥାୟୀ କର୍ମଚାରୀ ଭାବେ କାମ କରୁଛୁ। ହଠାତ୍ ଗତ ୭ ତାରିଖରେ ୧୨ ଜଣ କର୍ମଚାରୀଙ୍କୁ ଟର୍ମିନେଶନ ଚିଠି ମିଳିଥିଲା। ତୁରନ୍ତ ଅଫିସ ଛାଡ଼ି ଯିବା ପାଇଁ ଦର୍ଶାଯାଇଥିଲା। କିନ୍ତୁ କମ୍ପାନୀ ଆମର ପିଏଫ (ପ୍ରୋଭିଡେଣ୍ଟ ଫଣ୍ଡ) ୧୪ ମାସ ହେଲା ଡିପୋଜିଟ କରିନାହାନ୍ତି। ମାସିକ ଦରମା ୨୦୨୪ ଡିସେମ୍ବରରୁ ବନ୍ଦ ରହିଛି। ହଠାତ ଚାକିରିରୁ ବାହାର କରିଦେବା ପରେ ଆମେ ହତାଶ ହୋଇଛୁ। ସେଥିପାଇଁ ଆମେ ଏଲଇଓଙ୍କ ପାଖରେ ଲିଖିତ ଅଭିଯୋଗ କରିଛୁ। ସେହିପରି ଶ୍ରମିକ ପ୍ରଶାନ୍ତ କୁମାର ରଥ କହିଛନ୍ତି, ୩୦ରୁ ୩୫ ଜଣଙ୍କୁ ଗତ ୬ ମାସ ହେଲା ଦରମା ମିଳିନାହିଁ। ମାଗିଲେ ବିଭିନ୍ନ ବାହାନା ଦେଖାଇ ସମୟ ଗଡେଇ ଚାଲିଛନ୍ତି। ଏଲଇଓଙ୍କ ପାଖରେ ଅଭିଯୋଗ କରିବା ପରେ ଚାକିରିରୁ ବାହାର କରି ଦେଉଛନ୍ତି। ଆମେ ଏ କାର୍ଯ୍ୟାଳୟ ସେ କାର୍ଯ୍ୟକାଳୟ ଦୌଡି ନୟାନ୍ତ ହେଲୁଣି। ବାଧ ହୋଇ କମ୍ପାନୀ ଅଫିସ ତାଲା ପକାଇ ଧାରଣା ଦେଇଛୁ। ଯେ ପର୍ଯ୍ୟନ୍ତ ଦରମା ମିଳିନାହିଁ ଏମିତି ଧାରଣା ଜାରି ରହିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦରରେ ବର୍ଥଗୁଡିକ ଘରୋଇକରଣ ହେବା ପରେ ଅନେକ କମ୍ପାନୀ ଦେବାଳିଆ ସ୍ଥିତିରେ ଗତି କରୁଛନ୍ତି। କେତେକ ବନ୍ଦ ହୋଇ ଗଲାଣି। ସେହି ପ୍ରଭାବ ସିୱେଜ କମ୍ପାନୀ ଉପରେ ପଡିଥିବା ଜଣାଯାଏ। କାରଣ ଅନେକ ଭେଣ୍ଡର ତାଙ୍କ ବକେୟ ଘଟଣାକୁ ନେଇ କମ୍ପାନୀ ଆଗରେ ଏକାଧିକ ବାର ଧାରଣା ଦେଲେଣି। କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଭାଇଜାଗଠାରେ ଅଛି। ବର୍ତ୍ତମାନ ଧାରଣା ପ୍ରସଙ୍ଗରେ ପାରାଦୀପ କାର୍ଯ୍ୟାଳୟ ମୁଖ୍ୟ ମନୋଜ ପ୍ରଧାନ କିଛି କହିବାକୁ ମନା କରିଥିଲେ। ଏଲଇଓ ଯଦୁମଣି ବେହେରାଙ୍କୁ ପଚାରିଲେ କହିଛନ୍ତି, ଘଟଣା ଉପରେ ବ୍ୟକ୍ତିଗତ ଭାବେ ଯାଇ ତଦନ୍ତ କରିଛି। ଏଠାରେ କମ୍ପାନୀ ପକ୍ଷରୁ କେହି ଆଲୋଚନାକୁ ଆସୁନାହାନ୍ତି। ଆମେ ମୁଖ୍ୟ କାର୍ଯ୍ୟାଳୟ ଭାଇଜଗକୁ ଚିଠି କରିଛୁ। ସେମାନେ ଆସି ଆଲୋଚନା କଲେ ସମାଧାନ ବାଟ ବାହାରି ପାରିବ।



କମ୍ପାନୀ ପରିସର କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ଧାରଣା।

## ଜିଲାରେ ଗଡ଼ିଲା ଶ୍ରମିକ ସଚେତନତା ରଥ


ଜିଲାପାଳ ଜେ. ସୋନାଲ ଓ ଅନ୍ୟମାନେ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରୁଛନ୍ତି।

**ଜଗତ୍‌ସିଂହପୁର, ୧୨ା୨ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଜିଲାପାଳ ଜେ. ସୋନାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏକ ମାସ ଧରି ଜିଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଜନବହୁଳ ସ୍ଥାନ ଓ ନିର୍ମାଣାଧୀନ କାର୍ଯ୍ୟ କ୍ଷେତ୍ରରେ ଶ୍ରମ ବିଭାଗର ବିଭିନ୍ନ ଜନାଭିମୁଖୀ, ଶ୍ରମିକ କଲ୍ୟାଣ ଯୋଜନା ଗୁଡ଼ିକ ଯଥା ଓଡ଼ିଶା କୋଠାବାଡ଼ି, ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକରଣ, ତତସହ ପଞ୍ଜୀକୃତ ଶ୍ରମିକଙ୍କ ବିଭିନ୍ନ ସହାୟତା ରାଶି, ପ୍ରବାସୀ ଶ୍ରମିକଙ୍କ ଅଧିକାର, ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ରଥ ସଚେତନତା ସୃଷ୍ଟି କରିବ। ଜିଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶିବ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ସ୍ମୃତିରେଖା ନାୟକ, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ସହକାରୀ ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଶାନ୍ତନୁ କୁମାର ବ୍ରହ୍ମା, ସୌମ୍ୟା ସ୍ଥିତପ୍ରଜ୍ଞା, ଦେବାଶିଷ ମିଶ୍ର ଓ ଜିଲା ଶ୍ରମ କାର୍ଯ୍ୟାୟଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ସମର୍ପଣ ଦିବସ



ସମର୍ପଣ ଦିବସରେ ମଞ୍ଚାସୀନ ଅତିଥି।

**ଡେରାବିଶ, ୧୨ା୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ କୃଷି ଗବେଷଣା କେନ୍ଦ୍ର ପରିସରରେ ବୁଧବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି ଅବସରରେ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଚାନ୍ଦୋଳ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରିୟଦର୍ଶନ ସ୍ୱାଇଁ ସଂଯୋଜନା କରିଥିଲାବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଭାଜପା ଜିଲା ସାଧାରଣ ସମ୍ପାଦିକା ମନୀଷା ପଣ୍ଡା, ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ, ମଣ୍ଡଳ ସମ୍ପାଦକ ସରୋଜକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ତ୍ୟାଗ ଓ ରାଷ୍ଟ୍ର ଗଠନରେ ତାଙ୍କ ଅବଦାନ ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମିତା ବଳ, ଅଜୟ କୁମାର ମଲ୍ଲ, ପ୍ରଦୀପ୍ତ ବାରିକ, ମମତା ସେଠୀ, ଧୀରେନ୍ଦ୍ର ଶତପଥୀ, ସୁରେଶ ପଟ୍ଟନାୟକ, ଲକ୍ଷ୍ମୀଧର ପ୍ରଧାନ, ଧନଞ୍ଜୟ ପଣ୍ଡା ଓ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ ପଞ୍ଚାୟତରୁ ବହୁ ସଂଖ୍ୟାରେ ସଙ୍ଗଠକ ଓ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ବେଳେ ଶେଷରେ ଅତନୁ କୁମାର ଘୋଷାଲ ଧନ୍ୟବାଦ ଦେଇଥିଲେ।

# ୮୯ କେନ୍ଦ୍ରରେ ୧୨.୬୦୨ ହଜାର ପରୀକ୍ଷାର୍ଥୀ

### ୨୧ରୁ ମାଟ୍ରିକ ପରୀକ୍ଷା
### ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୮ଟି ନୋଡାଲ ସେଣ୍ଟର

**ଜଗତ୍‌ସିଂହପୁର, ୧୨ା୨ (ପ୍ରମୋଦ କୁମାର ନାୟକ)**

ଆସନ୍ତା ୨୧ ତାରିଖରୁ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ମାଟ୍ରିକ ରେଗୁଲାର, ମଧ୍ୟମା ଓ ଏସ୍‌ଓଏସ୍‌ସି (ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍ ଏକଜାମିନେସନ୍) ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ସାରା ଜିଲାରେ ନିଆରା ପରିବେଶ ସୃଷ୍ଟି ହୋଇଛି। ବିଶେଷକରି ଛାତ୍ରୀଛାତ୍ର ପରୀକ୍ଷା କିପରି ଭଲ କରିବେ ସେନେଇ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ପରୀକ୍ଷା ଯେତିକି ପାଖେଇ ଆସୁଛି ଏହି ପିଲାମାନଙ୍କ ଉପରେ ଚାପ ବଢ଼ି ବଢ଼ି ଚାଲିଛି। ଛାତ୍ର ଅଭିଭାବକମାନେ ମଧ୍ୟ ଚିନ୍ତାରେ ଅଛନ୍ତି। ତେବେ ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକ ଅଞ୍ଚଳରେ ୮୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରଗୁଡିକରେ ଅଧୀନରେ ୧୨,୬୦୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ସୁଯୋଗ ପାଇବେ। ସେମାନଙ୍କ ମଧ୍ୟରୁ ଏସ୍‌ଓଏସ୍‌ସି ୮୮, ମଧ୍ୟମା ୧୬ ଥିବାବେଳେ ଅବଶିଷ୍ଟ ରେଗୁଲାର ପରୀକ୍ଷା ଦେବେ। ପରୀକ୍ଷା ଯେପରି ଶାନ୍ତି, ଶୃଙ୍ଖଳାର ସହ ହେବ ସେନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ନୋଡାଲ ସେଣ୍ଟରରେ ପୋଲିସ ବ୍ୟବସ୍ଥା କଡାକଡି କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କେବଳ ଗଣିତକୁ ଛାଡ଼ି ଦେଲେ ଅବଶିଷ୍ଟ ସମସ୍ତ ପରୀକ୍ଷା ସକାଳ ୯ରୁ ପୂର୍ବାହ୍ନ ସାଢ଼େ ୧୧ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ସକାଳ ୯ରୁ ୧୧.୪୫ ପର୍ଯ୍ୟନ୍ତ ହେବ। ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ଅବଜର୍ଭର, ନୋଡାଲ ସେଣ୍ଟର ଅବଜର୍ଭର ଓ ନୋଡାଲ ଇନଚାର୍ଜ ନିଯୁକ୍ତ ରହିବେ। ଜିଲାର ନୋଡାଲ ସେଣ୍ଟରଗୁଡ଼ିକ ହେଲା ବାଲିକୁଦାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବିରିଡ଼ି ଚାନ୍ଦପୁରସ୍ଥିତ ପଞ୍ଚାୟତରାଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଏରସମାସ୍ଥିତ, ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଜଙ୍ଗସ୍ଥିତ ବନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ସ୍ଥିତ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ତିର୍ତ୍ତୋଲସ୍ଥିତ ଏମ୍. ଏସ୍. ଏକାଡେମୀ।

## ଦୁର୍ବୃତ୍ତଙ୍କ ଠେଙ୍ଗା ମାଡ଼ରେ ଜଣେ ଗୁରୁତର

### ଆବାସ ସର୍ଭେକୁ କେନ୍ଦ୍ରକରି ପୁରୁଣାଗୋପୀନାଥପୁରରେ ଗଣ୍ଡଗୋଳ

**ପାଟକୁରା ,୧୨ା୨ (ରବୀନ୍ଦ୍ର ନାଥ ବାରିକ)**

ପ୍ରଧାନମନ୍ତ୍ରୀ ଆବାସ ସର୍ଭେକୁ କେନ୍ଦ୍ରକରି କୁଦାନଗରୀ ଥାନା ଅନ୍ତର୍ଗତ ବନ୍ତଲା ପଞ୍ଚାୟତ ପୁରୁଣାଗୋପୀନାଥପୁରରେ ବୁଧବାର ଗଣ୍ଡଗୋଳ ହୋଇଛି। ଦୁର୍ବୃତ୍ତଙ୍କ ଠେଙ୍ଗା ମାଡ଼ରେ ଗାଁର ନାରାୟଣ ମଳିକ ଗୁରୁତର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଗରିବ ଲୋକଙ୍କୁ ଯୋଗାଇ ଦେବା ପାଇଁ ସର୍ଭେ ହେଉଛି। ଗରଦପୁର ବ୍ଲକ୍ ବନ୍ତଲା ପଞ୍ଚାୟତର ନିଶ୍ଚିନ୍ତା ଶାସନ, ତାରଡ଼ ଓ ନେଦାଲ ଗାଁରେ ବ୍ଲକ ପକ୍ଷରୁ ନିଯୁକ୍ତ ଅଧିକାରୀ ଘରକୁ ଘର ବୁଲି ସର୍ଭେ କରୁଥିଲେ। ଏହି ସର୍ଭେକୁ ବାଟବଣା କରିବା ପାଇଁ କେତେଜଣ ଯୁବକ ପୁରୁଣା ଗୋପୀନାଥପୁର ଗାଁର ଦଳିତ ସାହିରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ମଧ୍ୟ ଦଳିତ ଲୋକମାନଙ୍କୁ ଡ଼ାକି ସର୍ଭେ କରୁଥିଲେ। ସରକାରୀ ସ୍ତରରେ ନିଶ୍ଚିନ୍ତା ଶାସନ, ତାରଡ଼ ଓ ନେଦାଲରେ ସର୍ଭେ ହେଉଥିବାବେଳେ ପୁରୁଣା ଗୋପୀନାଥପୁର ଦଳିତ ସାହିରେ କେଉଁମାନେ, କାହିଁକି କେଉଁ ଅଧିକାରରେ ସର୍ଭେ କରୁଥିବା ପ୍ରଶ୍ନ ଉଠିବାରୁ କେତେଜଣ ଲୋକଙ୍କ ମନରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଲୋକେ ଏକାଠି ହୋଇ ଗାଁରେ ସର୍ଭେର ବୈଧତା ସମ୍ପର୍କରେ ପଚାରିବାରେ ସେଠାରେ ସର୍ଭେ କରୁଥିବା ଯୁବକମାନେ ପଳାଇ ଯାଇଥିଲେ। ପରେ ୪ ଜଣ ଯୁବକ ଏକତ୍ରିତ ହୋଇ ପୁରୁଣା ଗୋପୀନାଥପୁର ଗାଁର ନାରାୟଣ ମଳିକ (୬୫)ଙ୍କୁ ଘର ସମ୍ମୁଖ ରାସ୍ତା ଉପରେ ଆକ୍ରମଣ କରିଥିଲେ। ନାରାୟଣଙ୍କ ପାଇଁ ପୁରୁଣା ଗୋପୀନାଥପୁର ଦଳିତ ସାହିରେ କରାଯାଉଥିବା ସର୍ଭେ ଭଣ୍ଡୁର ହେଲା ବୋଲି ଅଭିଯୋଗ କରି ଦୁର୍ବୃତ୍ତମାନେ ତାଙ୍କୁ ଠେଙ୍ଗାରେ ପିଟିଥିଲେ। ଫଳରେ ନାରାୟଣଙ୍କ ମୁଣ୍ଡ ଫାଟି ଯିବାରେ ସେ ଗୁରୁତର ହୋଇଛନ୍ତି। ପରିବାର ଲୋକ ତାଙ୍କୁ କୁଦାନଗରୀ ଥାନାକୁ ନେଇଥିଲେ। ପ୍ରଥମେ ନାରାୟଣଙ୍କୁ ଚିକିତ୍ସା ପାଇଁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଥାନାରେ ନାରାୟଣଙ୍କ ବୋହୂ ସୁମିତ୍ରା ମଳିକ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୫୩/୨୫ ଓ ୫୫/୨୫ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି।

## ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଡେରାବିଶ, ୧୨ା୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ସବଳଙ୍ଗ କଣିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମଲ୍ଲିକେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ବାଙ୍କିମୁଣ୍ଡାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଅଧିନ ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ମେଳାରେ ଯୋଗଦେଇଥିଲେ। ପୂର୍ବାହ୍ନରେ ସରପଞ୍ଚ ଅକ୍ଷୟ କୁମାର ସାହୁ ଓ ସମିତି ସଭ୍ୟା ତୃପ୍ତିମୟୀ ଜେନା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଂଯୋଜନା, ଅଜୟ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଇଓ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି, ଏବିଇଓ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ରଙ୍କ ସମେତ ସାଧନ କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ପତି, ପ୍ରମୋଦ ମଲ୍ଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ସଂଖ୍ୟା ଜ୍ଞାନ ସମ୍ପର୍କରେ ଅବଗତ କରାଇବା ସହ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ପଢ଼ି ବୁଝିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଲୀପ କୁମାର ଦାଶ, ଅଜୟ କୁମାର ଦାସ, ସେକ ଶାମସୁଦ୍ଦିନ, ମଞ୍ଜୁଲତା ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ-ବିଶାଖାପାଟଣା ମଧ୍ୟରେ ପ୍ରଥମ ମ୍ୟାଚ



ଫୁଟ୍‌ବଲ ଟୁର୍ନାମେଣ୍ଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ସର୍ବଭାରତୀୟ ବୃହତ୍ ବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟ

**ପାରାଦୀପ,୧୨ା୨(ଶରତ ରାଉତ)**

ସ୍ଥାନୀୟ ନୂଆବଜାରସ୍ଥ ଗୋପବନ୍ଧୁ ଷ୍ଟାଡିୟମରେ ବୁଧବାର ୪୬ ତମ ବୃହତବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ. କେ. ବୋଷ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ କ୍ରୀଡା ସଂସଦ (ଜିକେଏସ୍)ର ସଭାପତି ତଥା ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ, ସଂଯୋଜକ ରବି ଦାସ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଉପସ୍ଥିତ ଥିଲେ। ଏଥିରେ ଦେଶର ୮ଟି ବୃହତ ବନ୍ଦର ସାମିଲ ହୋଇଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ପାରାଦୀପ ବନ୍ଦର ଓ ବିଶାଖାପାଟଣା ବନ୍ଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପାରାଦୀପ ବିଶାଖାପାଟଣା ବନ୍ଦରକୁ ୬-୦ଗୋଲରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ଭି. ଚିଦାମ୍ବରମ୍ ବନ୍ଦରକୁ ୫-୧ଗୋଲରେ ଏବଂ ମୁମ୍ବାଇ କୋଚିନ୍ ବନ୍ଦରକୁ ୧-୦ଗୋଲରେ ପରାସ୍ତ କରିଛି।

## ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା

**ତିର୍ତ୍ତୋଲ, ୧୨ା୨ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଖଣ୍ଡାସାହିସ୍ଥିତ ଜଗଦୀଶ ପଞ୍ଚଗ୍ରାମ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ବୁଧବାର ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନୀତ ଅତିଥି ସରପଞ୍ଚ ସରୋଜିନୀ ପରିଡା, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ବିଇଓ ଅକ୍ଷୟ କୁମାର ବେହେରା, ଏବିଇଓ ବିଷ୍ଣୁପ୍ରିୟା ଦେବୀ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସମ୍ବଳ ଶିକ୍ଷକ ଉଦ୍ୟୋଗ ଟୁଟୁ ଦାଶ ସଭା ସଞ୍ଚାଳନ କରିଥିଲେ। ସିଆର୍‌ସିସି ଦୀପକ କୁମାର ମହାନ୍ତି, ପ୍ରଦୀପ କୁମାର ରଥ, ସ୍ମୃତିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିରସ୍ମିତା ମିଶ୍ର, ଶିକ୍ଷୟିତ୍ରୀ ବିନ୍ଦୁ ପରିଡା, ଶିକ୍ଷକ ମନୋଜ ବେହେରା, ସବିତା ନାୟକ ଆଖଣ୍ଡଳ କ୍ଲଷ୍ଟରର ସମସ୍ତ ଆମନ୍ତ୍ରିତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ ଅଂଶଗ୍ରହଣ କରିଥିଲେ। ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ନାଉଗାଁ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା



ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ନାଉଗାଁ,୧୨ା୨(ସୁଧା ବେହୁରା)**

ନାଉଗାଁ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଇଓ କୈଳାସ ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ତପନ କୁମାର ନନ୍ଦ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ବାମଦେବ ସ୍ୱାଇଁ, ସମ୍ମାନୀୟ ଅତିଥି ଶିକ୍ଷାବିତ୍ ଉପେନ୍ଦ୍ରନାଥ ବିଶ୍ୱାଳ, ଶିଖର ସରପଞ୍ଚ କବିତା ନାୟକ, ପରିଚାଳନା କମିଟି ସଭାପତି ସୁନିଲ ମାଣ୍ଡୋଇ ଆଦି ଯୋଗଦେଇଥିଲେ। ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ କେନ୍ଦ୍ର ସରକାର ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯାହାର ମୁଖ୍ୟ ଲକ୍ଷ୍ୟ ଥିଲା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ। ଏବେ ଏହା ନିପୁଣ ଓଡ଼ିଶା ମେଳା ହେଉଛି। ଯାହା ମାଧ୍ୟମରେ ପିଲାମାନେ ଭାଷା ଓ ସଂଖ୍ୟା ଉପରେ ଦକ୍ଷତା ହାସଲ କରିବେ। ତାଙ୍କର ମୌଖିକ ଭାଷାର ଉନ୍ନତି ହେବ, ତତ୍‌ସହ ପିଲାମାନେ ଯେକୌଣସି ବିଷୟକୁ ବୁଝି କରି ପଢ଼ି ପାରିବେ। ସେମାନଙ୍କ ସୁନ୍ଦର ଅଭିବ୍ୟକ୍ତି ପ୍ରଦାନ କରିପାରିବେ ଏବଂ ସଂଖ୍ୟା କ୍ଷେତ୍ରରେ ମଧ୍ୟ ପିଲାମାନେ ଆଗେଇ ଯିବେ, ଜ୍ୟାମିତିକ ଧାରଣା ବିଷୟରେ ପିଲାମାନେ ଅବଗତ ହେବେ। ଫଳରେ ଆମେ ଏକ ଗୁଣାତ୍ମକ ଶିକ୍ଷା ପରିକଳ୍ପନା କରିପାରିବା ବୋଲି ମଣ୍ଡଳ ଶିକ୍ଷାଧିକାରୀ ପାଢୀ କହିଥିଲେ। ଏହି ନିପୁଣ ଓଡ଼ିଶା ମେଳାରେ ଲାଇଭ କ୍ଲାସ ଷ୍ଟଲ, ଟିସିଏମ୍ ଷ୍ଟଲ ଓ ମୁକ୍ତ ଆଲୋଚନା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବ୍ଲକର ୯ଟି କ୍ଲଷ୍ଟର ଅଧୀନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅଙ୍ଗେଶ୍ୱରପଡ଼ା କ୍ଲଷ୍ଟରର ସମସ୍ତ ଛାତ୍ରୀଛାତ୍ରୀ ଯୋଗଦାନ କରିଥିଲେ। ସିଆର୍‌ସିସି ଅକ୍ଷୟ କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ସିଆର୍‌ସିସି ପୀତାମ୍ବର ପରିଡା, ଗଙ୍ଗାଧର ବିଶ୍ୱାଳ, କମଳଲୋଚନ ନାୟକ, ଜିତେନ୍ଦ୍ର ସେଠୀ, କାଶୀନାଥ ବେହେରା, ସୁକାନ୍ତ ଝଙ୍କାର, ଶିକ୍ଷକ ସାରଦା ପ୍ରସନ୍ନ ଓଝା ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

### ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ



ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବ ସାହୁ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ,୧୨ା୨(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ଅଧିବେଶନ ବୁଧବାର ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ରାଜନଗରର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ସୁନାକର ବେହେରା ଯୋଗ ଦେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଶେଷ ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବାକି ଥିବା ୧୩୭ ଅଙ୍ଗନୱାଡି ଗୃହ ନିର୍ମାଣ, ଧାନ ମଣ୍ଡିରୁ ମିଲରମାନେ ଜାଣିଶୁଣି ଚାଷୀମାନଙ୍କ ଧାନକୁ ନ ଉଠାଇବା, ଅଖା ଫେରସ୍ତ ନ କରିବା ଓ କୁଇଣ୍ଟାଲ ପିଛା ୬/୮ କିଗ୍ରା କଟ୍‌ନିଛଟନି କରିବା ନେଇ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ସମିତିକୁ ବିଭିନ୍ନ ଯୋଜନାରେ ମିଳୁଥିବା ସରକାରୀ ଅନୁଦାନ ଅର୍ଥ ରାଶିକୁ ଠିକ୍ ଭାବେ ଜନହିତରେ କାର୍ଯ୍ୟକାରିତା ପାଇଁ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନ ଓ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟାସଦସ୍ୟ ସରକାରଙ୍କଠାରେ ଦାବି କରିଥିଲେ। ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରସ୍ତାବର ଗୁରୁତ୍ୱକୁ ଉପଲବ୍ଧି କରି ସମିତିର ବିଭିନ୍ନ ସରକାରୀ ଅନୁଦାନ ବିଶେଷ ଭାବେ ବାତ୍ୟା 'ଦାନା'ରେ କ୍ଷୟକ୍ଷତିର ପୁନଃ ବିନାଶ ପାଇଁ ସମିତିକୁ ଆସିଥିବା ସରକାରୀ ଅନୁଦାନରେ ହେବାକୁ ଥିବା କାର୍ଯ୍ୟଗୁଡିକୁ ୨ ବିଧାୟକଙ୍କ ପରାମର୍ଶରେ ଓ ଅଧ୍ୟକ୍ଷଙ୍କ ସହଯୋଗରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯିବା ପାଇଁ ସର୍ବସମ୍ମତି ପ୍ରସ୍ତାବ ଗୃହିତ ହୋଇଥିଲା । ଏହାର ନକଲ ଜିଲାପାଳ ଓ ଜିଲା ପରିଷଦର ନିର୍ବାହୀ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବାକୁ ବିଡିଓଙ୍କୁ ଅନୁରୋଧ କରାଯାଇଥିଲା । ପଞ୍ଚାୟତ ସମିତି ବୈଠକରେ ନିୟମିତ ଭାବେ ବିଭିନ୍ନ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ରହୁ ଥିବାରୁ ଆସୁଥିବା ପଞ୍ଚାୟତ ପ୍ରତିନିଧିଙ୍କ ଅଭିଯୋଗ ଓ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ କରି ଏ ଦିଗରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବାକୁ ଦାବି କରାଯାଇଥିଲା। ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ମୁଣ୍ଡିଆ ହନୁମାନ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଲା

ଖଣ୍ଡପଡ଼ା,୧୨।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ଗ୍ରାମସ୍ଥିତ ମୁଣ୍ଡିଆହନୁମାନଙ୍କ ପୀଠକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି । ଏ ସଂକ୍ରାନ୍ତରେ ଜଣାପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୨୦ଟି ପର୍ଯ୍ୟଟନସ୍ଥଳୀକୁ ଇତି ମଧ୍ୟରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି । ସେଥିରେ ମୁଣ୍ଡିଆ ହନୁମାନଙ୍କ ପୀଠ ଅନ୍ୟତମ ବୋଲି ଜଣାପଡିଛି । ନୟାଗଡ ଜିଲା ପର୍ଯ୍ୟଟନ ଅଧିକାରୀ ମିରା କୁମାରୀ ବେହେରା ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ଜେନା ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଇତି ମଧ୍ୟରେ ମୁଣ୍ଡିଆ ହନୁମାନଙ୍କ ପୀଠ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ଏହି କ୍ଷେତ୍ରର ସାମଗ୍ରୀକ ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତୀ ସମୟରେ ମୁଣ୍ଡିଆ ହନୁମାନଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବାରୁ ମର୍ଦ୍ଦରାଜପୁରବାସୀ ଏଥିପ୍ରତି ରାଜ୍ୟ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ରାତି ୧୨ଟାରେ ଲଡୁବାବାଙ୍କ ମନ୍ଦିରରେ ଉଠିବ ମହାଦୀପ

## ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ଶରଣକୁଳ,୧୨।୨(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ଆସନ୍ତା ୨୬ରେ ଅନୁଷ୍ଠିତ ହେବ। ଏହି ଯାତ୍ରାର ସୁପରିଚାଳନା ପାଇଁ ବୁଧବାର ଶରଣକୁଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦରଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ସାମାଜିକ କର୍ମୀ ବିପନ ବିହାରୀ ପାଢ଼ୀ, ଶରଣକୁଳ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଜାଗର ଯାତ୍ରା ଦିନ ଅବକାଶ ନୀତିଠାରୁ ସକାଳ ପୂଜାନୀତି ପୂର୍ବ ରାତ୍ର ୧୨ ଘଣ୍ଟାରୁ ଆରମ୍ଭ ହୋଇ ଭୋର ୩ଟା ମଧ୍ୟରେ ସମ୍ପାଦନ କରାଯିବ। ପ୍ରାତଃ ୪ଟାରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ସନ୍ଧ୍ୟା ୬.୩୦ରୁ ରାତି ୭.୩୦ ମଧ୍ୟରେ ସନ୍ଧ୍ୟାପୂଜା ନୀତି ଶେଷ କରାଯିବ। ରାତ୍ର ୭.୩୦ରୁ ରାତ୍ର ୧୦.୩୦ ପର୍ଯ୍ୟନ୍ତ ପୁଣି ସର୍ବସାଧାରଣ ଦର୍ଶନ କରାଯିବ। ରାତ୍ର ୧୦.୩୦ରୁ ମହାଶିବରାତ୍ରି ବେଢ଼ା ପରିକ୍ରମା ଆରମ୍ଭ ହୋଇ ବେଢ଼ା ଶେଷରେ ଅନ୍ୟାନ୍ୟ ଦେବନୀତି ସମ୍ପାଦନ କରାଯାଇ ମନ୍ଦିର ବନ୍ଦ ହେବ। ଚଳିତ ବର୍ଷ ରାତି ୧୨ଟା ମଧ୍ୟରେ ଠାକୁରଙ୍କ ମହାଦୀପ ଉଠିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ନୀତି ଓ ଯାତ୍ରୀ ଦର୍ଶନ କାର୍ଯ୍ୟ ଶୃଙ୍ଖଳାରେ କରାଯିବା ପାଇଁ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ଶରଣକୁଳ ଏସ୍‌ଡିପିଓ ଓ ଶରଣକୁଳ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଜାଗର ଯାତ୍ରାରେ ଶ୍ରଦ୍ଧାଳୁ, ଭକ୍ତ ଓ ଯାତ୍ରୀ ସିଂହଦ୍ୱାରଠାରୁ ବାରିକେଡ୍‌ଦେଇ ଠାକୁରଙ୍କୁ ଦର୍ଶନ କରି ମନ୍ଦିର ଦକ୍ଷିଣ ଦ୍ୱାର ବାଟ ଦେଇ ବାହାରକୁ ଯିବେ। ପାଳିଆ ସେବାୟତମାନଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପରିଚୟପତ୍ର ଯୋଗାଇ ଦେବା ନିମନ୍ତେ ସ୍ଥିର କରାଯାଇଛି । ମହାଶିବରାତ୍ରି ଦିନ ବୋଲବମ୍ ଭକ୍ତମାନେ ଆଣିଥିବା ଜଳକୁ ବାବାଙ୍କୁ ଲାଗି କରିବା ପାଇଁ ଅନୁମତି ଦିଆଯିବ ନାହିଁ ଏବଂ ନଡ଼ିଆ, କଦଳୀ ଆଦି ଫଳଭୋଗ ସବୁ ବେଢ଼ା ମଧ୍ୟରେ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଦେବୋତ୍ତର ବିଭାଗ ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ, ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼, ଶୈବ ସେବାୟତ ସଂଘ ସମ୍ପାଦକ, ବଣିକ ସଂଘର ସଭାପତି ଦିଲୀପ କୁମାର ମିଶ୍ର, ଶରଣକୂଳର ସମସ୍ତ ଖବରଦାତାଙ୍କ ସମେତ ବହୁ ବୁଦ୍ଧଜୀବୀ ଏହି ବୈଠକରେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

# ଏସ୍‌ସିବିରେ ଆଖିବୁଜିଲେ ଯକୃତ ପ୍ରତିରୋପିତ ମାନସ

## ୨୧ ଦିନ ଧରି ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିଲେ

କଟକ,୧୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ଯକୃତ ପ୍ରତିରୋପିତ ନୟାଗଡ଼ ଅଞ୍ଚଳର ମାନସ ମୁଦୁଲି (୩୯) ବୁଧବାର ଆଖି ବୁଜିଛନ୍ତି। ସେ ଗତ ଜାନୁଆରୀ ୨୨ ତାରିଖରେ ଅସୁସ୍ଥ ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ତାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମେଡିକାଲର ଅତିରିକ୍ତ ଅଧୀକ୍ଷକ ତଥା ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍‌ର ନୋଡାଲ ଅଫିସର ପ୍ରଫେସର ଡା. ମନୋଜ ପଟ୍ଟନାୟକ କହିଛନ୍ତି, ଶରୀର ସଂକ୍ରମିତ ହେବାରୁ ମାନସ ଅସୁସ୍ଥ ହୋଇଥିଲେ। ଏପରି କି ପୂର୍ବରୁ ଥରେ ସେ ଏଭଳି ଅସୁସ୍ଥ ହେବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପେଟରେ ପାଣି ଜମିବା, ଧଇଁସଇଁ ହେବାରୁ ସେ ଦ୍ୱିତୀୟଥର ସଂକ୍ରମିତ ହୋଇଥିଲେ। ସଂକ୍ରମଣ ବଢ଼ିବାରୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ମାନସ ଲିଭର ସିରୋସିସ ରୋଗରେ ୬ ବର୍ଷ ହେବ ପୀଡିତ ଥିଲେ। ୨୦୨୪ ସେପ୍ଟେମ୍ବର ୯ରେ ଏସ୍‌ସିବିରେ ତାଙ୍କର ଯକୃତ ପ୍ରତିରୋପଣ କରାଯାଇଥିଲା। ପତ୍ନୀ ଛବି ମୁଦୁଲିଙ୍କ ଯକୃତର ୫୫ ପ୍ରତିଶତ ଅଂଶ ମାନସଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଏହି ପ୍ରତିରୋପଣ କାର୍ଯ୍ୟରେ ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନ ମେନନ୍‌ଙ୍କ ସମେତ ୪ ଜଣିଆ ଡାକ୍ତରୀ ଟିମ୍ ସହ ଏସ୍‌ସିବିର ଡାକ୍ତରୀ ଟିମ୍ ସାମିଲ ଥିଲେ। ହେଲେ ଇତିମଧ୍ୟରେ ମାନସଙ୍କ ଶରୀର ଦୁଇଥର ଅସୁସ୍ଥ ହେବାରୁ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ତେବେ ଏସ୍‌ସିବିରେ ଦ୍ୱିତୀୟ ଯକୃତ ପ୍ରତିରୋପଣ ପରେ ଏବେ ଏଦିଗରେ ଏକ ପ୍ରକାର ରୋକ୍ ଲାଗିଛି। ଏପରି କି ଏଆଇଜି ଟିମ୍ ପ୍ରାୟ ୫ ମାସ ହେବ ଏସ୍‌ସିବିକୁ ଆସୁ ନ ଥିବା ଏବଂ ପ୍ରତିରୋପିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ମେଡିକାଲର ଡା. ମନୋଜ କହିଛନ୍ତି, ଏଆଇଜି ଟିମ୍ ମେଡିକାଲ ନ ଆସି ଆଭାସୀ ମାଧ୍ୟମରେ ରୋଗୀଙ୍କ ସହ କଥା ହୋଇ ସମସ୍ୟା ବୁଝିଥାନ୍ତି। ଟିମ୍‌ର ଡାକ୍ତର ଯେକୌଣସି ଔଷଧ ଓ ଚିକିତ୍ସା କରିବାକୁ କହିଥାନ୍ତି ତାହାକୁ ଏସ୍‌ସିବିର ଡାକ୍ତର କରିଥାନ୍ତି। ଅନ୍ୟପଟେ ଟିମ୍ ଭାରତରେ ଉପସ୍ଥିତ ନ ଥିବା ଯୋଗୁ ଏସ୍‌ସିବି ଆସି ପାରୁ ନ ଥିବା ମନୋଜ କହିଛନ୍ତି।

# ମହାନଦୀ ଆରତି ମହୋତ୍ସବ

ଖଣ୍ଡପଡା,୧୨।୨
(ଅଜୟ କୁମାର ମହାରଣା)

ବୁଧବାର ମାଘ ପୂର୍ଣ୍ଣମୀ ତିଥି ଅବସରରେ ମହାନଦୀ ଆରତି ମହୋତ୍ସବ ପ୍ରତିବର୍ଷ ପରି ଯଥାରୀତି ଭାବରେ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠ ମହାନଦୀ ତଟରେ ଆରମ୍ଭ ହୋଇଛି । ଆୟୋଜିତ ମହାନଦୀ ଆରତି ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥିଲା । ମହାନଦୀର ତଟ ଦେଶ ସନ୍ଧ୍ୟା ସମୟରେ ମା'ଗଙ୍ଗାଙ୍କ ଆରତି ଦେଖିବା ପାଇଁ ଜନ ସମାଗମ ହୋଇଥିଲା । ଶତାଧିକ ମହିଳା ପୁରୁଷ ତଥା ଶ୍ରଦ୍ଧାଳୁମାନେ ହାତରେ ଦୀପ ଧରି ଗଙ୍ଗା ମାତାଙ୍କୁ ଆରତି କରିଥିଲେ । ଏହି କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ସୂଚନାଯୋଗ୍ୟ, ନୀଳମାଧବଜୀଉଙ୍କ ଆଜ୍ଞାମାଳ ଓ ସନ୍ଧ୍ୟା ଦୀପ ଆସିବା ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଗଙ୍ଗା ମନ୍ଦିର ପ୍ରତିଷ୍ଠାତା ଗୋବିନ୍ଦ ମହାରଣାଙ୍କ ସହ ମହାନଦୀ ମାତାଙ୍କୁ ଆରତୀ କରିଥିଲେ ।


ମହାନଦୀ ଆରତି ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ଅସୀମା ପଣ୍ଡାଙ୍କ ମେଲୋଡ଼ି ଦର୍ଶକଙ୍କ ମନମୋହିଲା



ମାଘମେଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

## ମାଘମେଳା ମହୋତ୍ସବ

### ନୀଳମାଧବଙ୍କ ପାଇଁ କର୍ପସ ଫଣ୍ଡର ବ୍ୟବସ୍ଥା କରାଯିବ: ବିଧାୟକ

ଖଣ୍ଡପଡ଼ା,୧୨।୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପବିତ୍ର ମାଘମେଳାର ୪ର୍ଥ ଦିନରେ ପଲଟନ ମେଳା ପଡ଼ିଆ(ମିନି ଷ୍ଟାଡିୟମ) ଖାଁ ଖାଁ ଲାଗୁଥିବା ବେଳେ ମାଘମେଳା ମହୋତ୍ସବ-୨୦୨୫ରେ ଭିଡ଼ ଜମୁଛି । ମଙ୍ଗଳବାର ମହୋତ୍ସବର ୩ୟ ସନ୍ଧ୍ୟାରେ ଆୟୋଜିତ ଅସୀମା ପଣ୍ଡା ମେଲୋଡି ଗ୍ରୁପ ଓ ବେଣାଗାଡିଆ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା । ପ୍ରଥମେ ନିର୍ମଳ ସାହୁଙ୍କ ଦ୍ୱାରା ସ୍ୱରଚିତ କବିତା 'ଆମ ପାଇଁ ଭଲ ଆମ କଣ୍ଟିଲୋ' ଦର୍ଶକ ମାନଙ୍କୁ ଭାବବିହ୍ୱଳ କରିଥିଲା । ମାଘମେଳା ମହୋତ୍ସବ କମିଟି ସଭାପତି ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ କମିଟି, କଣ୍ଟିଲୋ ଗ୍ରାମ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଦର୍ଶକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ବାନ୍ଧି ରଖିଥିଲା । ମହୋତ୍ସବ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିଙ୍କୁ ବିଧାୟକ ସ୍ୱାଇଁ ଖଣ୍ଡୁଆପାଟ ସହ କଂସାପିତଳ ବାସନ ଓ ପିତଳର ମୂର୍ତ୍ତି ପ୍ରଦାନ କରି ସ୍ୱାଗତ କରିଥିଲେ । ବିଧାୟକ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲ, ସମ୍ମାନୀତ ଅତିଥି ଭାବେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ପୂର୍ବତନ କନ୍ଧମାଳ ଏମ୍‌ପି ରାଣୀ ପ୍ରତ୍ୟୁଷା ରାଜେଶ୍ୱରୀ, ଦଶପଲ୍ଲାର ଭାଜପା ନେତା ରାଘବ ମଲ୍ଲିକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡା ବିଡିଓ ଅଙ୍କୁର ଅଭିଲାଷ, ଅନୁଷ୍ଠାନର ଉପଦେଷ୍ଟା ଅଖିଳ କୁମାର ମହାରଣା ଓ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ । ନୀଳମାଧବଙ୍କ ପାଇଁ ଏକ କର୍ପସଫଣ୍ଡର ବ୍ୟବସ୍ଥା କରାଯିବା ପାଇଁ ବିଧାନ ସଭାରେ ଦାବି ଉପସ୍ଥାପନ କରିବା ପାଇଁ ବିଧାୟକ ମତ ରଖିଥିଲେ । ଗୃହ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନୀଳମାଧବ ମନ୍ଦିର ପାଇଁ ଏକ ମ୍ୟାନେଜମେଣ୍ଟ ଟ୍ରଷ୍ଟ କରାଯିବା ସହ ପ୍ରତିବର୍ଷ ଶ୍ରୀଜୀଉଙ୍କ ବିଭନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅର୍ଥର ବ୍ୟବସ୍ଥା କରାଯିବ ବୋଲି ସହମତି ପ୍ରକାଶ କରିଥିବା ବିଧାୟକ ସ୍ୱାଇଁ ସୂଚନା ଦେଇଥିଲେ । ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ଓ ରାଜୀବ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଖିଳ କୁମାର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ ।

# କୋରଡାଗଡ଼ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ନୂଆଗାଁ,୧୨।୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡାଗଡ଼ରେ ୫ ଦିନ ଧରି ଚାଲିଥିବା ଅଷ୍ଟବିଂଶତିତମ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଛି । ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡ଼ରେ ଅଷ୍ଟବିଶତିତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁକ୍ରବାର ଅଙ୍କୁରାରୋପଣ କରାଯାଇ ଶନିବାର ତୀର୍ଥ ଜଳ ଆବାହନ ସହ ଘୃତାହୁତି ଆରମ୍ଭ ହୋଇଥିଲା । ପ୍ରତିଦିନ ସୂର୍ଯ୍ୟପୂଜା , ଗୋ-ପୂଜା, ନାମଯଜ୍ଞ, ଘୃତଯଜ୍ଞ , ଘୃତାହୁତି ପ୍ରଦାନ , ଅନ୍ନଯଜ୍ଞ , ଜ୍ଞାନଯଜ୍ଞ ଓ ସାନ୍ଧ୍ୟ ପ୍ରବଚନ ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ୫ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ନୂଆଗାଁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଯଜ୍ଞରେ ଯୋଗ ଦେଇଥିଲେ । ଆଖପାଖ ଅଞ୍ଚଳରୁ ନାମଯଜ୍ଞ ଦଳ ଆସି ନାମଯଜ୍ଞ ପରିବେଷଣ କରିଥିଲେ ।

# ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଦଶପଲ୍ଲା,୧୨।୨(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିନ ତମାମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମ୍ୟାନ ଇଓ ପୁନମ ପ୍ରିୟଦର୍ଶିନୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁଦତ୍ତ ମହାପାତ୍ର, ସମ୍ମାନୀତ ଅତିଥି ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଶିକ୍ଷାବିତ୍ ଡ.ନାରାୟଣ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଅଞ୍ଜନ ଦାଶ, ବିଦ୍ୟାଳୟ କମିଟି ସଭ୍ୟ ବିରଞ୍ଚି ନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ପଠାଣି ସାମନ୍ତ କପ ଫୁଟବଲ ଟୁର୍ନାମେଣ୍ଟ: ଇଟାମାଟି ବିଜୟୀ

ଖଣ୍ଡପଡା,୧୨।୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ମଧୁବନ ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ୪ର୍ଥ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ମ୍ୟାଚରେ ଇଟାମାଟି ଫୁଟବଲ କ୍ଲବ ଶରଣକୁଳକୁ ୪-୧ ଗୋଲରେ ହରାଇ ୨ୟ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଇଟାମାଟି ଦଳ ୪ଟି ଗୋଲ ସ୍କୋର କରିଥିବା ବେଳେ ଅନ୍ତିମ ପର୍ଯ୍ୟାୟରେ ଶରଣକୂଳ ଦଳ ମାତ୍ର ଗୋଟିଏ ଗୋଲ ଶୁଝାଇବାରେ ସକ୍ଷମ ହୋଇଥିଲା । ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ପ୍ରତାପ କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।


ଖେଳ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଶୈବ ଯଜ୍ଞ, ସପ୍ତଶମ୍ଭୁ ମିଳନ ମହୋତ୍ସବ ଉଦ୍‌ଯାପିତ

## ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ଓଡ଼ଗାଁ,୧୨।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ନିକଟ ଜାମୁପାଟଣା ଶୁଳିଆ ପାହାଡ଼ ପାଦଦେଶରେ ବିଜେ ବାବା ଦୂତୀକେଶ୍ୱର ମହାଦେବଙ୍କପୀଠରେ ୮୩ତମ ଶୈବଯଜ୍ଞ ଓ ୩୯ତମ ସପ୍ତଶମ୍ଭୁ ମିଳନ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ଶୁକ୍ରବାର ଅଙ୍କୁରାରୋପଣ ପରେ ମଣ୍ଡଳ କରଣ, ଜଳଯାତ୍ରା, ବ୍ରାହ୍ମଣ ବରଣ, ପୀଠପୂଜା କର୍ମ ପରେ ଆହୁତି ପ୍ରଦାନ କରାଯାଇଥିଲା। ପ୍ରତିଦିନ ପ୍ରାତଃକାଳରେ ସୂର୍ଯ୍ୟ ପୂଜା, ମଧ୍ୟାହ୍ନରେ ପୀଠ ପୂଜା ଏବଂ ଅପରାହ୍ନରେ ଆହୁତି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ କୋରପିଠାରୁ ବାଲୁଙ୍କେଶ୍ୱର, ଗୋଡ଼ିପାଟଣାରୁ ନିମେଶ୍ୱର, ବାହାଡାଖୋଲାରୁ ଫୁଲେଶ୍ୱର, ସୁନାମୁହିଁରୁ ଚମ୍ପେଶ୍ୱର, ହାତିଆଶିଳାରୁ ସୋମନାଥ ଦେବ ଏବଂ ଆମ୍ବପଡ଼ାରୁ ବାଲୁଙ୍କେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରି ଆଟପାଟ ପଟୁଆର ସହିତ ଦୂତୀକେଶ୍ୱରଙ୍କ ପୀଠରେ ପହଞ୍ଚି ଥିଲେ। ବାବା ଦୂତୀକେଶ୍ୱର ସେମାନଙ୍କୁ ସ୍ୱାଗତ ଜଣାଇ ପୋଛୋଟି ଆଣିବା ପରେ ସପ୍ତଶମ୍ଭୁ ଯଜ୍ଞ ସ୍ଥଳରେ ବିରାଜମାନ କରିଥିଲେ। ବୁଧବାର ଦୂତୀକେଶ୍ୱର ମହାଦେବଙ୍କ ସହିତ ଅନ୍ୟ ଶମ୍ଭୁମାନେ ଯଜ୍ଞ ବେଦୀରେ ବିରାଜମାନ କରିଥିଲେ। ପୂଜାନୀତି ସରିବା ପରେ ଆହୁତି ପ୍ରଦାନ କରି ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ପଣ୍ଡିଖାରୀ ଗ୍ରାମର ସତ୍ୟନାରାୟଣ ଷଡ଼ଙ୍ଗୀ, ଜଳନ୍ଧର ରଥ, ନାରାୟଣ ଦାଶ, ଶାନ୍ତନୁ ଦାଶ, ଦୁର୍ଗା ମାଧବ ଷଡ଼ଙ୍ଗୀ, ହେମନ୍ତ ହୋତା, ସର୍ବେଶ୍ୱର ଦାଶ, ଗୋଦାବରୀଶ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ବୈଦିକ କର୍ମ ସମ୍ପାଦନ କରିଥିଲେ। ପ୍ରତାପ କିଶୋର ଦେଓ ଓ ହେମଲତା ଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତଥା ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଉପସଭାପତି ପ୍ରଫୁଲ୍ଲ ମାଝୀ, କୋଷାଧ୍ୟକ୍ଷ ପ୍ରତାପ କୁମାର ଜେନା ଏବଂ ୨୭ ଖଣ୍ଡ ମୌଜାବାସୀ ଓ ସେମାନଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ୫ ଦିନ ଧରି ଆୟୋଜିତ ଯଜ୍ଞ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ।


ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଉଛି।

# ହସାଇଲେ ଦେବାର୍ଚ୍ଚନ, ନଚାଇଲେ ଦୀପ୍ତିରେଖା




ମୁମ୍ବାଇର ହାସ୍ୟ ଅଭିନେତା ଦେବାର୍ଚ୍ଚନ ମିଶ୍ର । ଓଡ଼ିଶାର କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

**ଯାଜପୁର ଟାଉନ,୧୨।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ପ୍ରଶାସନିକ ଭବନ ପଡିଆରେ ଚାଲିଥିବା ଜିଲା ମହୋତ୍ସବ ଯଯାତି ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବକୁ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ଲମ୍ବୋଦର ଖୁଣ୍ଟିଆ, ଜିଲା ସଂସ୍କୃତି ଅଧିକାରୀ ଓ ଯାଜପୁର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ପ୍ରମୁଖ ଯୋଗଦେଇଥିଲେ।

ଏହି ମହୋତ୍ସବରେ ମୁମ୍ବାଇର ହାସ୍ୟ ଅଭିନେତା ଦେବାର୍ଚ୍ଚନ ମିଶ୍ର ଯୋଗଦେଇ ଦର୍ଶକମାନଙ୍କୁ ହସାଇଥିଲେ। ପ୍ରଥମରୁ ଯାଜପୁରର କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣା ଉପରେ ଆଧାରିତ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। କଳାହାଣ୍ଡି ଜିଲାରୁ ଆସିଥିବା କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ। ମୁମ୍ବାଇର କଳାକାରମାନଙ୍କ ଦ୍ୱାରା ଏରିଆଲ୍ ଡ୍ୟାନ୍ସ ପ୍ରଦର୍ଶନ କରାଯାଇଥିଲା। ପରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ତାଙ୍କ କଣ୍ଠର ଯାଦୁରେ ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଦୀପ୍ତିରେଖାଙ୍କ ''ପହିଲି ରଜ'', ''ଟିକେ ଟିକେ ଅଚିହ୍ନା ତୁ'', ''ତୁ ମୋର ଲାଗିଲୁ ତୁ ମୋର'', ''ହାଏରେ ତୋ ପ୍ରେମର ରଙ୍ଗୋଲି'' ''ଧୀରେ ଧୀରେ'' ଆଦି ଗିତରେ ଦର୍ଶକ ନାଚି ଉଠିଥିଲେ। ଘୋଷକ ପିୟୁଷ ଏବଂ ଘୋଷିକା ପ୍ରେରଣା ମଞ୍ଚ ପରିଚାଳନା କରିଥିଲେ।

## ସରିଲା ଯାଜପୁର ଜିଲା ମହୋତ୍ସବ ଯଯାତି



ମହୋତ୍ସବର ଅନ୍ତିମ ଦିବସରେ କଳାହାଣ୍ଡିର ଘୁମୁରା ନୃତ୍ୟ ପରିବେଷଣ କରାଯାଉଛି ।



ମୁମ୍ବାଇର କଳାକାରଙ୍କ ଦ୍ୱାରା ଏରିଆଲ୍ ଡ୍ୟାନ୍ସ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପାୟଲ



@ ଶରତ



@ ଶାନ୍ତନୁ



@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେଙ୍କର ବେଦାନ୍ତ ପକ୍ଷରୁ ସ୍ୱୟଂସହାୟକ ଗୋଷ୍ଠୀ ସମ୍ମିଳନୀ

**କାଳିଆପାଣି,୧୨।୨(ଅସିତ ମହାନ୍ତ):**

ଫେଙ୍କର ବେଦାନ୍ତ ପକ୍ଷରୁ ଏକ ଦିନିକିଆ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଅନୁଦାନରେ ଓସ୍ତପାଳ କାର୍ଯ୍ୟାଳୟ ନିକଟରେ ଚାଲିଥିବା ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୧୨ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଭାଗ ନେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜେ ଉତ୍ପାଦନ କରୁଥିବା ଫିନାଇଲ, ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀ, ଚପଲ ଓ ଧୂପ କାଠି ଆଦି ପ୍ରଦର୍ଶନ କରିଥିଲେ। ସେହିପରି ଗୋଷ୍ଠୀର ମହିଳାମାନେ ସ୍ଥାନୀୟ ଲୋକ ନୃତ୍ୟର ତାଳେ ତାଳେ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଫେଙ୍କର କମ୍ପାନୀ ଅନ୍ୱେଷଣ ମୁଖ୍ୟ ସେମିଲେଲେ ନଟସାଙ୍ଗାସେ ମୁଖ୍ୟଅତିଥି ଭାବ ଯୋଗଦେଇ ଉଦ୍‌ବୋଧନ ଦେବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ।



ଫେଙ୍କର ବେଦାନ୍ତ ପକ୍ଷରୁ ଅନୁଷ୍ଠିତ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀରେ ଯୋଗଦେଇଥିବା ସଦସ୍ୟା ଓ କମ୍ପାନୀ ଅଧିକାରୀ ।

# ରାଜ୍ୟ ମହିଳା କବାଡ଼ି ଦଳରେ ସୌଦାମିନୀ

## ଜାତୀୟ ମହିଳା କବାଡ଼ି ଚାମ୍ପିୟନଶିପ୍‌ରେ ଭାଗନେବେ



**ରସୁଲପୁର,୧୨।୨(ରଞ୍ଜିତ ରାଉତ):**

ଆର୍ମେଚର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ହରିୟାଣା ରାଜ୍ୟ କବାଡ଼ି ଫେଡେରେଶନ ଆନୁକୂଲ୍ୟରେ ଚଳିତ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ କବାଡ଼ି ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା କବାଡି ଦଳ ବୁଧବାର ହରିୟାଣା ଅଭିମୁଖେ ଯାତ୍ରା କରିଛି। ଓଡ଼ିଶା ରାଜ୍ୟ ମହିଳା ସିନିୟର କବାଡ଼ି ଦଳରେ ଯାଜପୁର ଜିଲାରୁ ସୌଦାମିନୀ ଦାଶ ଏକମାତ୍ର ମହିଳା ଖେଳାଳି ଭାବରେ ସ୍ଥାନ ପାଇଛନ୍ତି। ସେ ହରିୟାଣାର ପାନିପଥଠାରେ ହେବାକୁ ଥିବା ୭୧ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟଶିପ୍-୨୦୨୫ରେ ଯୋଗଦେଇ ନିଜର କ୍ରୀଡ଼ାନୈପୁଣ୍ୟତା ପ୍ରଦର୍ଶନ କରିବେ। ତାଙ୍କୁ ଯାଜପୁର ଜିଲା ଆଥଲେଟି୍ ଆସୋସିଏଶନର କାର୍ଯ୍ୟକର୍ତ୍ତା, ଯାଜପୁର ଜିଲା କବାଡି ଆସୋସିଏଶନର କାର୍ଯ୍ୟକର୍ତ୍ତା, ସାଥୀ ଖେଳାଳି, କବାଡ଼ି ପ୍ରେମୀଙ୍କ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ଏହି ଖବର ପ୍ରଚାରିତ ହେବା କ୍ଷଣି ମହିଳା ଖେଳାଳିଙ୍କ ଜନ୍ମ ମାଟି ରସୁଲପୁର ବ୍ଲକର ଚଣ୍ଡିପୁର ଗ୍ରାମ, କୁଆଖିଆ ବାଜର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ତାଙ୍କୁ ଗାଁ ମାଟିରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ସାମାଜିକ କର୍ମୀ ଶିଶିର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ପଲିଥିନ ବଣ୍ଟନକୁ ନେଇ ଅସନ୍ତୋଷ

**ବରୀ ପଞ୍ଚାୟତ ସମିତି ବୈଠକ**

- ଗଣମାଧମ ପ୍ରତିନିଧିଙ୍କୁ ବୈଠକକୁ ଡାକିଲେନି

**ବରୀ,୧୨।୨(ମହେନ୍ଦ୍ର ସ୍ୱାଇଁ):**

ବରୀ ପଞ୍ଚାୟତ ସମିତିର ଏକ ବୈଠକ ସମିତି ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ସଭାପତିତ୍ୱ କରିଥିଲେ। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ବିଡିଓ ଅସିତ କୁମାର ମହାନ୍ତି, ଏବିଡିଓ ମହେଶ୍ୱର ସେଠୀଙ୍କ ସମେତ ୪ ଜିଲା ପରିଷଦ ଜୋନ ସଭ୍ୟାସଭ୍ୟ ଏବଂ ବ୍ଲକ ଅଧୀନ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବାତ୍ୟା ଦାନା ସମୟରେ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ନିର୍ଦ୍ଦିଷ୍ଟ ପଞ୍ଚାୟତର ଲୋକଙ୍କୁ ପଲିଥିନ ଯୋଗାଇ ଦେବା ଓ ବହୁ କ୍ଷତିଗ୍ରସ୍ତ ପରିବାର ପଲିଥିନ ପାଇବାରୁ ବଞ୍ଚିତ ହେବା ଘଟଣାକୁ ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସରକାର ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବାବେଳେ ବ୍ଲକ ପ୍ରଶାସନର କାଳକ୍ଷେପଣ ନୀତି ଯୋଗୁ ଏହା ଠିକ୍‌ରେ କାର୍ଯ୍ୟ ହୋଇ ପାରୁନାହିଁ। ଫଳରେ ଲୋକ ପ୍ରତିନିଧି ସାଧାରଣ ଲୋକଙ୍କ ନିକଟରେ ଅପଦସ୍ଥ ହେବା ସହିତ ଆକ୍ରୋଶର ଶିକାର ହେଉଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ଉକ୍ତ ବୈଠକକୁ ବରୀ ଅଞ୍ଚଳର ଗଣମାଧମ ପ୍ରତିନିଧିଙ୍କୁ ଡକା ନ ଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଗତ ଦିନରେ ବୈଠକରେ ଉପସ୍ଥିତ ରହି ସହଯୋଗ କରିବାକୁ ବ୍ଲକ ପ୍ରଶାସନ ତରଫରୁ ପତ୍ର ମାଧମରେ ଗଣମାଧମ ପ୍ରତିନିଧିଙ୍କୁ ଅବଗତ କରାଯାଇଥାଏ। ତେବେ ଏଥର ଗଣମାଧମ ପ୍ରତିନିଧିଙ୍କୁ ଡକା ନ ଯିବା ପଛରେ କ'ଣ ରହସ୍ୟ ରହିଛି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏନେଇ ଗଣମାଧମ ପ୍ରତିନିଧିମାନେ ଜିଲାପାଳଙ୍କୁ ଇ-ମେଲ୍ ଯୋଗେ ଅବଗତ କରିଛନ୍ତି। ଏ ସମ୍ପର୍କରେ ଏବିଡିଓ ମହେଶ୍ୱର ସେଠୀଙ୍କୁ ପଚାରିବାରେ ସେ ବ୍ୟସ୍ତତା ଦର୍ଶାଇ କୌଣସି ଉତ୍ତର ଦେଇନାହାନ୍ତି।



ବରୀ ବ୍ଲକ କାର୍ଯ୍ୟାଳୟ ।

# ୫୫ କି.ମି. ବାମପାର୍ଶ୍ୱ କେନାଲ କାମ ବାକି

**ରେଙ୍ଗାଲି ବହୁମୁଖୀ ଯୋଜନା**

- ୨୦୨୭ ସୁଦ୍ଧା ସାରିବାକୁ ବିଭାଗୀୟ ଲକ୍ଷ୍ୟ
- ବାଧକ ସାଜିଛି ଜଙ୍ଗଲ ଜମି କିସମ ପରିବର୍ତ୍ତନ
- ଚାଷୀଙ୍କ ଜଳସେଚନ ଆଶା କ୍ଷୀଣ

**ଯାଜପୁର,୧୨।୨(ହର୍ଷବର୍ଦ୍ଧନ ବେହେରା):**

ସରକାର ରାଜ୍ୟବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଛି । ପ୍ରତିବର୍ଷ ଅଧିକରୁ ଅଧିକ କ୍ଷେତ୍ର ସେଚନାଳୀ ନିର୍ମାଣ, ଓଡ଼ିଶା ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ପୁନରୁଦ୍ଧାର ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଗତ ପ୍ରାୟ ୫ ବର୍ଷ ହେବ ବ୍ରାହ୍ମଣୀ ନଦୀ ଉପରେ ରେଙ୍ଗାଲି ବହୁମୁଖୀ ଯୋଜନାର ବାମ ପାର୍ଶ୍ୱ କେନାଲ କାର୍ଯ୍ୟ ୫୫.୧୭୮ କିମି ବାକି ପଡିଛି। ବିଭାଗୀୟ ରିପୋର୍ଟ ଅନୁସାରେ ଜାନୁଆରୀ ୨୦୨୫ ସୁଦ୍ଧା ଧାର୍ଯ୍ୟ ୩୩୩.୨୮୭ କିମି ମଧ୍ୟରୁ ମାତ୍ର ୨୭୮.୧୦୯ କିମି କାମ ଶେଷ ହୋଇଥିବା ଦର୍ଶାଯାଇଛି। ପୂର୍ବରୁ ଜୁଲାଇ ୨୦୨୪ ସୁଦ୍ଧା ପ୍ରକଳ୍ପ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଆକଳନ ହୋଇଥିଲା। ଏବେ ପୁଣି ବିଭାଗ ପକ୍ଷରୁ ୨୦୨୭କୁ ଘୁଞ୍ଚାଇ ଦିଆଯାଇଛି। ଫଳରେ ଯାଜପୁର ଜିଲାର ଚାଷୀମାନେ ଜଳସେଚନ ସୁବିଧା ପାଇଁ ଚାତକ ପକ୍ଷୀ ଭଳି ଅନେଇ ରହିଛନ୍ତି।



ରେଙ୍ଗାଲି ବାମପାର୍ଶ୍ୱ କେନାଲ ।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ମଞ୍ଜୁର ହୋଇଥିବା ୨୮୦୯.୧୨ କୋଟି ଟଙ୍କାରୁ ଜାନୁଆରୀ ସୁଦ୍ଧା ପ୍ରାୟ ୧୨୯୫ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ଏହାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର ୭୧.୩୧୩ ରୁ ୧୨୩.୫୫୦ କିମି ପର୍ଯ୍ୟନ୍ତ ୩୯୪୧୬ ହେକ୍ଟର ଜମିରେ ପାଣି ମାଡିବ ବୋଲି ପରିକଳ୍ପନା ହୋଇଥିଲା। ହେଲେ ବିଭାଗୀୟ ରିପୋର୍ଟ ଅନୁସାରେ ଏଯାଏ ମାତ୍ର ୧୭୧୫୮ ହେକ୍ଟର ଜମିରେ ପାଣି ମାଡୁଛି। ସେଥିରୁ ଯାଜପୁର ଜିଲାରେ ୮,୫୪୩ ହେକ୍ଟର ଜମିରେ ପାଣି ମାଡୁଛି ବୋଲି ସୂଚନା ମିଳିଛି। କେନାଲ ପରିଚାଳନାରେ ତ୍ରୁଟି ଏବଂ ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଣି ଝରିବା ଭଳି ପରିସ୍ଥିତି ସୃଷ୍ଟି ହେବା ଏହାର ପ୍ରମୁଖ କାରଣ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ରେଙ୍ଗାଲି ବହୁମୁଖୀ ଯୋଜନା ୮୦ଦଶକରେ ପରିକଳ୍ପନା କରାଯାଇଥିଲା । ଜାଇକା(ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି) ଜରିଆରେ ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ନିର୍ମାଣ କରିବାକୁ ୮ ବର୍ଷ ତଥା ୨୦୧୫-୧୬ ରୁ ୨୦୨୨-୨୩ ପର୍ଯ୍ୟନ୍ତ ସମୟ ଅବଧି ସ୍ଥିରୀକୃତ ହୋଇଥିଲା। କିନ୍ତୁ ବର୍ତ୍ତମାନର କାର୍ଯ୍ୟ ଅଗ୍ରଗତିକୁ ଦେଖିଲେ ଏହା ସନ୍ତୋଷଜନକ ନୁହେଁ। ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ବିବାଦ ଅଗ୍ରଗତିରେ ବାଧକ ସାଜିଛି ବୋଲି ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ ସେତେବେଳେ ବିରଜା କନଷ୍ଟ୍ରକ୍ସନ, ଡିଡି ବିଲ୍‌ଡର, ଜିଭିଭି କନଷ୍ଟ୍ରକ୍ସନ ଓ ଦୁର୍ଗା କନଷ୍ଟ୍ରକ୍ସନ ଏହି କେନାଲ ନିର୍ମାଣ ଦାୟିତ୍ୱରେ ରହିଥିଲେ। ହେଲେ ଯେନତେନ ପ୍ରକାରେ କେନାଲ କାର୍ଯ୍ୟ କରୁଥିବାରୁ ବିଭାଗ ପକ୍ଷରୁ ଧାର୍ଯ୍ୟ ପରିମାଣ ଜମିରେ ଜଳସେଚନ ଆଶା କ୍ଷୀଣ ବୋଲି ଅଭିଯୋଗ ହୋଇଛି। ଏହାପୂର୍ବରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ତଦନ୍ତରେ ୪ ଜଣ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଚାଷୀଙ୍କ କ୍ଷତିପୂରଣ ଅର୍ଥ ହେରାଫେରି କରିଥିବା ଧରାପଡିଛି। ଏହି ଦୁର୍ନୀତିରେ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ଡମ୍ବରୁଧର ପ୍ରଧାନ, ଗିରିଜା ଭୂଷଣ ପ୍ରଧାନ, ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଭୋଲେଶ୍ୱର ସାହୁଙ୍କୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ନିଲମ୍ବିତ କରିଥିଲେ। ଏହାସହ ଅଭିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିରୁ ରେଙ୍ଗାଲି ଡ୍ୟାମ କେନାଲ ନିର୍ମାଣରେ ସଂପୃକ୍ତ ଅଧିକାରୀଙ୍କ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଏ ସଂକ୍ରାନ୍ତରେ ରେଙ୍ଗାଲି ଡ୍ୟାମ ସୁକିନ୍ଦା ଡିଭିଜନର ଚିଫ୍ ଇଞ୍ଜିନିୟର ଏସ.କେ. ଜାଲିଙ୍କୁ ପଚାରିବାରୁ ସେ କହିଛନ୍ତି, ଜଙ୍ଗଲ ଜମି କିସମ ପରିବର୍ତ୍ତନରେ ବିଳମ୍ବ ହେଉଥିବା ଯୋଗ କେନାଲ କାର୍ଯ୍ୟ ସରି ପାରିନାହିଁ। ଏହାସହ ବିଭାଗରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ନାହାନ୍ତି। ଏନେଇ ସରକାରଙ୍କୁ ଅବଗତ କରାଯାଇଛି।

# ଭୂତ ହିତାଧିକାରୀ ଲୁଟୁଛନ୍ତି ଚାଉଳ

- କଷ୍ଟ ପୂରିବାକୁ ଆଉ ୩ ଦିନ
- ରାଶନକାର୍ଡ ଇ-କେୱାଇସି କରିନାହାନ୍ତି ୨୦ ହଜାର ହିତାଧିକାରୀ

ରାଜନଗର, ୧୨।୨(ଭାସ୍କର ରାଉତରାୟ)

ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସରକାର ମୁଣ୍ଡ ପିଛା ୫ କେଜି ଲେଖାଏ ଚାଉଳ ଯୋଗାଇ ଦେଉଛନ୍ତି। ରାଜ୍ୟରେ ପ୍ରକୃତ ହିତାଧିକାରୀଙ୍କ ବଦଳରେ ଭୂତ ହିତାଧିକାରୀ ରାଶନ ସାମଗ୍ରୀ ଲୁଟି ନେଉଥିବା ଅଭିଯୋଗ ପରେ ସରକାର ରାଶନକାର୍ଡ ଇ-କେୱାଇସି ପ୍ରକ୍ରିୟା ୫ ମାସ ତଳୁ ଆରମ୍ଭ ହୋଇଛି। ଫେବ୍ରୁଆରୀ ୧୫ ତାରିଖ ଏହାର ଶେଷ ଦିନ ରହିଛି। କଷ୍ଟ ପୂରିବାକୁ ଆଉ ମାତ୍ର ୩ ଦିନ ବାକି ଅଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ୧୯,୭୭୧ ହିତାଧିକାରୀ ଇ-କେୱାଇସି ପ୍ରକ୍ରିୟାରେ ବୁଧବାର ସୁଦ୍ଧା ସାମିଲ ହୋଇନାହାନ୍ତି। ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନେ ପ୍ରବାସୀ ଶ୍ରମିକ ନା ଏମାନଙ୍କ ଭିତରେ ଭୂତ ହିତାଧିକାରୀ ଅଛନ୍ତି, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମାତ୍ର ଏହି ଇ-କେୱାଇସି ପ୍ରକ୍ରିୟା ଶେଷ ହେବା ପରେ କେତେ ଭୂତ ହିତାଧିକାରୀ ରାଶନ ସାମଗ୍ରୀ ଲୁଟୁଥିଲେ ତାହା ସ୍ପଷ୍ଟ ହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜନଗର ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୨,୨୮୨ କାର୍ଡରେ ୧ ଲକ୍ଷ ୨୩ ହଜାର ୬୧୮ ହିତାଧିକାରୀ, ଅନ୍ତୋଦୟ ଅନ୍ନ ଯୋଜନାରେ ୩,୬୯୫ କାର୍ଡରେ ୧୩,୧୮୯ ହିତାଧିକାରୀ ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୭,୧୬୦ ହିତାଧିକାରୀଙ୍କୁ ମାସିକ ୫ କେଜି ଲେଖାଏ ଚାଉଳ ବଣ୍ଟନ କରାଯାଉଛି। ରାଜନଗର ବ୍ଲକରେ ୫୧ଜଣ ରିଟେଲର ୧ ଲକ୍ଷ ୪୪ ହଜାର ୦୫୨ ହିତାଧିକାରୀଙ୍କୁ ଏହି ରାଶନ ସାମଗ୍ରୀ ବଣ୍ଟନ କରିଥାନ୍ତି। ଇ-କେୱାଇସି ପ୍ରକ୍ରିୟା ଶେଷ ହେବାକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ବ୍ଲକରେ ବୁଧବାର ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୯,୭୭୧, ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ଯେଉଁମାନେ ଇ-କେୱାଇସି କରି ନାହାନ୍ତି, ସେମାନେ କରି ଦିଅନ୍ତୁ। ଆଉ ଯେଉଁମାନେ ନ କରିବେ। ତାଙ୍କୁ କାର୍ଡ ସରେଣ୍ଡର କରାଗଲା ବୋଲି ଧରି ନିଆଯିବ। ସେହି ଜାଗାରେ ନୂଆ ଲୋକଙ୍କୁ ଦିଆଯିବ। ଆଉ ଇ-କେୱାଇସି ସମୟସୀମା ବୃଦ୍ଧି କରାଯିବ ନାହିଁ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।

ରାଜନଗରରେ ବୁଧବାର ସୁଦ୍ଧା ୮୬.୦୩ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିଥିବା ବେଳେ ୧୩.୯୭ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ଏତେ ସଂଖ୍ୟାରେ ହିତାଧିକାରୀ ଇ-କେୱାଇସି ପ୍ରକ୍ରିୟାରେ ସାମିଲ ନ ହେବା ଆଶ୍ଚର୍ଯ୍ୟ କରିଛି। ଯେଉଁ ହିତାଧିକାରୀ ଏହି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି ସେମାନେ କୁଆଡ଼େ ଗଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଯେଉଁ ପ୍ରବାସୀ ଶ୍ରମିକମାନେ ରାଜ୍ୟ ଓ ଦେଶ ବାହାରେ କାମ କରୁଛନ୍ତି, ଇ-କେୱାଇସି କରିନାହାନ୍ତି, ସେମାନଙ୍କ ସଂଖ୍ୟା ଏତେ ହେବନି, ଏମାନଙ୍କ ଭିତରୁ ହଜାର ହଜାର ଭୂତ ହିତାଧିକାରୀ ଥିବା ନେଇ ଅଭିଯୋଗ ହୋଇଛି। ଏହି ପ୍ରକ୍ରିୟା ଶେଷ ହେବା ପରେ କେତେ ଭୂତ ହିତାଧିକାରୀ ଦୀର୍ଘବର୍ଷ ଧରି ସରକାରଙ୍କ ଯୋଜନାରେ ରାଶନ ସାମଗ୍ରୀ ଲୁଟୁଥିଲେ, ତାହା ସ୍ପଷ୍ଟ ହେବ।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପାୟଲ


@ ଶରତ


@ ଶାନ୍ତନୁ


@ ସୁଶୀଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମାଇନ୍ସ ବିଭାଗର ନମୁନା ସଂଗ୍ରହ

### କ୍ରୋମାଇଟ୍ ଗାଡ଼ି ଭିତରେ ମାଟି ମିଶିବା ଘଟଣା

ପାରାଦୀପ, ୧୨।୨(ଶରତ ରାଉତ)

ପାରାଦୀପ ବନ୍ଦର ଅଭିମୁଖେ ଆସିଥିବା ୪ଟି ଟ୍ରକ୍ ମଧ୍ୟରେ କ୍ରୋମାଇଟ୍ ବଦଳରେ ମାଟି ଥିଲା। ଉକ୍ତ ଗାଡ଼ିକୁ ପାରାଦୀପ ଆଦର୍ଶ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ବୁଧବାର ଯୋଡ଼ା ମାଇନ୍ସ ବିଭାଗର ଅଧିକାରୀମାନେ ଆସି ଟ୍ରକ୍ ମଧ୍ୟରୁ ମାଟିର ନମୁନା ସଂଗ୍ରହ କରିଛନ୍ତି। ଏହାବାଦ୍ କେତେ କ୍ରୋମାଇଟ୍ ଅଛି କେତେ ମାଟି ଅଛି ତା'ର ମଧ୍ୟ ନମୁନା ଓ ଫଟୋ ଭିଡିଓ ସଂଗ୍ରହ କରିଛି। ଘଟଣା ଉପରେ ବୁଧବାର ସନ୍ଧ୍ୟା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ଏ ସମ୍ପର୍କରେ ଆଇଆଇସି କାବୁଲି ବାରିକ କହିଛନ୍ତି, ମାଇନ୍ସ ବିଭାଗର ରିପୋର୍ଟ ଆସିଲା ପରେ ଯାଇ ମାମଲା ହେବ ଏବଂ ଏଥିରେ ଜଡ଼ିତ ପରିବହନକାରୀ ସଂସ୍ଥା, ଗାଡ଼ି ମାଲିକ, ଷ୍ଟିଭେଡର୍ସ ସଂସ୍ଥା, ରପ୍ତାନିକାରୀ ସଂସ୍ଥା ସମ୍ପର୍କରେ ଖୋଳତାଡ଼ କରାଯିବ। ସୂଚନାଯୋଗ୍ୟ, କାଳିଆପାଣି ଖଣିରୁ ୧୦ଟି କ୍ରୋମାଇଟ୍ ୬ ଚକିଆ ଟ୍ରକ୍ ପାରାଦୀପ ବନ୍ଦର ଅଭିମୁଖେ ଆସିଥିଲା। ବାଟରେ କ୍ରୋମାଇଟ୍ କାଢ଼ି ସେଥିରେ ମାଟି ମିଶା ଯାଇଥିଲା। ଉକ୍ତ ଖବର ପାରାଦୀପ ପୋଲିସ ଓ ବନ୍ଦର ସିଆଇଏସ୍ଏଫ ପାଖରେ ଗାଡ଼ି ନମ୍ବର ସହ ପହଞ୍ଚି ଯାଇଥିଲା। କିନ୍ତୁ ଅଠରବାଙ୍କି ଟର୍ମିନାଲ ଛକରେ ପୋଲିସ ମାତ୍ର ୪ ଟ୍ରକ୍ ଜବତ କରିଛି। ଅନ୍ୟ ଟ୍ରକ୍ ଖସି ପଳାଇଥିବା ଜଣାପଡ଼ିଛି। ଏହି ଘଟଣା ପଛରେ କେତେଜଣ ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

## ତୁଳସୀ କ୍ଷେତ୍ରାଧିପତିଙ୍କ କନ୍ଦରାସୁର ବଧ ବେଶ


କନ୍ଦରାସୁର ବଧ ବେଶରେ ଶ୍ରୀବଳଦେବଜୀଉ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

କେନ୍ଦ୍ରାପଡ଼ା, ୧୨।୨ (ଜଗନ୍ନାଥ ଧଳ)

ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ବୁଧବାର ତୁଳସୀ କ୍ଷେତ୍ରାଧିପତି ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ କନ୍ଦରାସୁର ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମନ୍ଦିର ପହଡ଼ ଫିଟାଯାଇ ପୂଜାପଣ୍ଡାମାନେ ଶ୍ରୀଜୀଉଙ୍କ ମଙ୍ଗଳ ଆରତୀ କରିଥିଲେ। ଦୈନିକ ନୀତିକାନ୍ତି ସହ ଅପରାହ୍ନରେ ଶ୍ରୀଜୀଉଙ୍କ ଏହି ବେଶ ସମ୍ପର୍ଣ୍ଣ ହୋଇଥିଲା। ମଣି ସିଂହାସନରେ ବିରାଜିତ ଶ୍ରୀଜୀଉଙ୍କ ଶ୍ରୀଚରଣ, ଶ୍ରୀଭୂଜ, ତୁଳସୀ ଦେବୀଙ୍କ ବିଗ୍ରହ ସହ କାଷ୍ଠ ନିର୍ମିତ କନ୍ଦରାସୁରର ବଧ ବେଶରେ ସଜ୍ଜିତ ହୋଇଥିଲେ। ବାମ ହସ୍ତରେ କନ୍ଦରାସୁରର ମସ୍ତକକୁ ଧାରଣ କରି ଦକ୍ଷିଣ ହସ୍ତରେ ଲଙ୍ଗଳ ଦ୍ୱାରା ବଧ ବେଶ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ଏଥିସହ ବେଶ ରୀତିନୀତି ଅନୁଯାୟୀ, ସାନୁଜ ଶ୍ରୀଜଗନ୍ନାଥ ବାମ ହସ୍ତରେ ଚକ୍ର, ଦକ୍ଷିଣ ହସ୍ତରେ ଶଙ୍ଖ ସହ ଶୋଭା ପାଉଥିଲେ। କନ୍ଦରାସୁରର ପାଳିତା କନ୍ୟା ତୁଳସୀ ଦେବୀ ବରଣମାଳା ସହ ଦକ୍ଷିଣ ପାର୍ଶ୍ୱରେ ରହିଥିଲେ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଭାରତ ଯୁଦ୍ଧରେ ଶ୍ରୀବଳରାମ ଭାଗ ନ ନେଇ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣରେ ଥିଲେ। ଏହି ସମୟରେ ସ୍ଥାନୀୟ କନ୍ଦରାପଡ଼ାରେ ପ୍ରବଳ ପ୍ରତାପୀ କନ୍ଦରାସୁର ଓ ସେନାପତି ଜନ ଉତ୍ପୀଡ଼ନରେ ମାତିଥିଲେ। ଏଠାରେ ଥିବା ମୁନୀ ଋଷିଙ୍କ ଜୀବନଚର୍ଯ୍ୟାକୁ ବ୍ୟାହତ ସହ ଯଜ୍ଞକୁ କନ୍ଦରାସୁରଙ୍କ ଆଦେଶ ଅନୁଯାୟୀ ନଷ୍ଟ କରାଯାଉଥିଲା। ମୁନୀ ଋଷିଙ୍କ ପ୍ରାର୍ଥନା କ୍ରମେ ଶ୍ରୀବଳରାମ ନିକଟସ୍ଥ ଲଳିତଗିରିରେ ଅବସ୍ଥାନ କରୁଥିବା ସେନାପତି ମଧୁଦୈତ୍ୟକୁ ମାରିବା ସହ କନ୍ଦରାସୁର ବଧ କରିଥିଲେ। ଏହାପରେ ପାଳିତା କନ୍ୟା ତୁଳସୀଦେବୀଙ୍କୁ ବିବାହ କରିଥିଲେ। ଏହି ବେଶ ଦେଖିବା ପାଇଁ ମନ୍ଦରରେ ଅପରାହ୍ନରୁ ରାତ୍ର ଯାଏ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଖବରଦାତାଙ୍କୁ ଆକ୍ରମଣର କାର୍ଯ୍ୟାନୁଷ୍ଠାନ ବିଳମ୍ବରେ ଅସନ୍ତୋଷ


ଖବରଦାତାମାନେ ଏଏସ୍‌ପି ଦେବାଶିଷ ଧଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡା, ୧୨।୨ (ଜଗନ୍ନାଥ ଧଳ)

ଖବରଦାତା ଲିଟୁଆ ରାଉତଙ୍କୁ ଗତ ୫ ତାରିଖରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଆଳି ଥାନାରେ ନଂ. ୭୪/୨୫ରେ ମାମଲା ରୁଜୁ ହୋଇଛି। ହେଲେ ଦୁର୍ବୃତ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଫଳରେ ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟସ (ଏସ୍‌ୟୁଜେ) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଏଏସ୍‌ପି ଦେବାଶିଷ ଧଳଙ୍କୁ ବୁଧବାର ପ୍ରଦାନ କରିଛନ୍ତି। ଏଥିସହ ସମ୍ପୃକ୍ତ ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସଭାପତି ଦଇତାରୀ ଜେନା କହିଛନ୍ତି, ୫ ତାରିଖରେ ଖବର ସଂଗ୍ରହ କରି ଗୋବିନ୍ଦପୁରରୁ ଖବରଦାତା ଲିଟୁଆ ଆଳି ଫେରୁଥିଲେ। ଆଳି ଭୁଇଁପୁର ରାସ୍ତାରେ ପୂର୍ବରୁ ଖବର ପ୍ରସାରଣରେ ବ୍ୟଥିତ ଥିବା ମୂଳସାହି ଗାଁର ବିନେଶ ସାମଲ, ସୀତେଶ ସେନାପତି ଓ ଶିବମ ସେନାପତି ପ୍ରମୁଖ ଠେଙ୍ଗା, ବାଡ଼ ଓ ଲୁହା ରଡ଼ରେ ଲିଟୁଆଙ୍କୁ ଆକ୍ରମଣ କରିଥିଲେ। ଏଥିସହ ସେ ବେକରେ ପିନ୍ଧିଥିବା ଏକ ସୁନା ଚେନ ଛଡ଼ାଇ ନେଇଯିବା ସହ ୨ଟି ମୋବାଇଲକୁ ନେଇ ସେଠାରେ ବାଡ଼େଇ ଭାଙ୍ଗି ଥିଲେ। ବାଇକ୍‌କୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ୟୁଜେ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ହେବ ବୋଲି ଜିଲା ସଭାପତି ଜେନା କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ଶାଖାର ୫୦ରୁ ଊର୍ଦ୍ଧ୍ୱ ଖବରଦାତା ଉପସ୍ଥିତ ଥିଲେ।

## ଆଞ୍ଜେଲ ଇଲେଭେନ ଚାମ୍ପିୟନ

### ଭୂଇଁପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଆଳି, ୧୨।୨(ବନମାଳୀ ସେନାପତି)

ଆଳି ବ୍ଲକ ଭୂଇଁପୁର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭୂଇଁପୁର ଖେଳ ପଡ଼ିଆରେ ଅନୁଷ୍ଠିତ ଭୂଇଁପୁର ପ୍ରିମିୟର ଲିଗ୍‌ର ୧୧ ତମ ସଂସ୍କରଣ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏମ୍‌ଏସ୍ ଫାଇଟର ଟିମ୍‌କୁ ହରାଇ ଆଞ୍ଜେଲ ଇଲେଭେନ ଚାମ୍ପିୟନ ହୋଇଛି। ଏମ୍‌ଏସ ଫାଇଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଆଞ୍ଜେଲ ଇଲେଭେନ ୭. ୫ ଓଭରରେ ୧୧୪ ରନ ରନ କରି ଚମ୍ପିୟାନ ହୋଇଥିଲା। ପ୍ରଶାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଟାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଚ୍ୟୁତାନନ୍ଦ ବଳ, ସମ୍ମାନିତ ଅତିଥି ଭାବେ କନିଷ୍ଠଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସରପଞ୍ଚ ରେଷ୍ମାରାଣୀ ମଲିକ,ସମିତିସଭ୍ୟା ମିନତୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଜେଲ ଇଲେଭେନ ଟିମ୍‌କୁ ଚମ୍ପିୟାନ ଟ୍ରଫି ସହ ୫୦ହଜାର ଟଙ୍କା ଓ ଏମ୍‌ଏସ୍ ଫାଇଟରକୁ ରନର୍ସଅପ୍ ଟ୍ରଫି ସହ ୩୦ ହଜାର ଟଙ୍କା ଅର୍ଥରାଶି ଅତିଥି ମାନେ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ମନୋଜ ସାମଲ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ବାସୁ ଠାକୁରଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ଦର୍ଶକ ଏହି ମ୍ୟାଚ୍‌କୁ ଉପଭୋଗ କରିଥିଲେ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଗଲା

ରାଜନଗର, ୧୨।୨(ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ସାନବଡ଼ ଗୋପାଳପୁର ପଞ୍ଚାୟତର ଭାଟପଡା ଗାଁରେ ମଙ୍ଗଳବାର ସନ୍ଧ୍ୟାରେ କୌଶିକ ସେଠୀ, ବିଶନାଥ ସେଠୀଙ୍କ ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ପ୍ରାୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ପୋଡିଯାଇଛି। ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ସମୟରେ ନିଆଁର ତାପ ଏତେ ଜୋରରେ ଥିଲା ଯେ ଗ୍ରାମବାସୀ ଆୟତ କରିବାକୁ ବହୁ ସମୟ ଲାଗିଲାଥିଲା। ସେତେବେଳେକୁ ବିପନ୍ନ ପରିବାରର ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା।

## କ୍ୟାନ୍‌ସର ପୀଡ଼ିତାଙ୍କ ପାଇଁ ୧୮ଇଞ୍ଚ କେଶ ଦାନ

ଆଳି, ୧୨।୨(ବନମାଳୀ ସେନାପତି)


ବିନୋଦ କୁମାର ବେହେରା ନିଜ କେଶ କାଟି ଧରିଛନ୍ତି।

କର୍କଟ ରୋଗରେ ଆକ୍ରାନ୍ତ ହୋଇ କେଶ ହରାଉଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କେଶଦାନ କରିଛନ୍ତି ବିନୋଦ କୁମାର ବେହେରା। ସାମାଜିକ ଅନୁଷ୍ଠାନ 'ଶୋଭା ଟ୍ରଷ୍ଟ' ସହଯୋଗରେ ସେ 'କେଶ ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ' ଅଭିଯାନରେ ସାମିଲ ହୋଇ ପ୍ରାୟ ୧୮ ଇଞ୍ଚ ଲମ୍ବର କେଶ ଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟୀ ପଞ୍ଚାୟତର ନାଗପଡା ଗ୍ରାମର ବାସିନ୍ଦା ବୈକୁଣ୍ଠ ବେହେରା ଓ ବୈଶାଳୀ ବେହେରାଙ୍କ ପୁତ୍ର ବିନୋଦ ଏବେ ହାଇଦ୍ରାବାଦର ଏକ ଘରୋଇ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। କୋଭିଡ ପ୍ରଥମ ଲହର ସମୟରେ ସେଲୁନ ଓ ସ୍ପା କଟକଣା କାରଣରୁ ନିଜ କେଶ କାଟି ପାରି ନ ଥିଲେ। ପରେ ସେ ମନ୍ଦିରରେ ମୁଣ୍ଡନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ହେଲେ କେତେଜଣ ବନ୍ଧୁଙ୍କ ପରାମର୍ଶ କ୍ରମେ କ୍ୟାନସର ପୀଡ଼ିତଙ୍କ କ୍ଷେତ୍ରରେ ଏହି କେଶ ବ୍ୟବହାର ଯୋଗ୍ୟ ଜାଣି ସେ ସେଥିପ୍ରତି ଉତ୍ସାହିତ ହୋଇଥିଲେ। ପରେ ସେ ଆବଶ୍ୟକ ଲମ୍ବ ହେବା ଯାଏ ନିଜ କେଶର ଯତ୍ନ ନେଇଥିଲେ। ୫ ବର୍ଷ ପରେ ସେ ୧୮ ଇଞ୍ଚ ଲମ୍ବର କେଶ ଦାନ କରିଛନ୍ତି। କ୍ୟାନସର ପୀଡିତଙ୍କ ଉଦ୍ଦେଶ୍ୟରେ ନିୟମିତ କେଶ ଦାନ ଅଭିଯାନ ଚଳାଇ ଆସୁଥିବା ଅନୁଷ୍ଠାନ 'ଶୋଭା ଟ୍ରଷ୍ଟ' ପକ୍ଷରୁ ବିନୋଦଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଛି। ଏଥି ସହ ଏକ ପ୍ରମାଣପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ବିନୋଦ କହିଛନ୍ତି, ଦୀର୍ଘଦିନ ହେବ ତାଙ୍କର ଏହି ଇଚ୍ଛା ଥିଲା। ଏମିତି ଛୋଟିଆ ସହଯୋଗ, କ୍ୟାନସରକୁ ହରାଇ ଜୀବନକୁ ଜିତୁଥିବା ଭାଇ ଭଉଣୀମାନଙ୍କ ମନବଳ ବୃଦ୍ଧି କରିବ। ସମାଜର ପ୍ରତ୍ୟେକ ସମ୍ବେଦନଶୀଳ ବର୍ଗ ପ୍ରତି ଆଜିର ଯୁବପିଢ଼ି ମଧ୍ୟରେ ସମବେଦନା, ସେବା ଓ ସହଯୋଗ ମନୋବୃତ୍ତି ରହିବା ଜରୁରୀ। ଏଥିପାଇଁ ସଚେତନତା ସୃଷ୍ଟି କରିବାକୁ ହେବ। ସେ ଏହି କେଶ ଦାନ କରି ଆତ୍ମସନ୍ତୋଷ ପାଇଛନ୍ତି। ଆଗକୁ ସେ ଅଙ୍ଗଦାନ କରିବାକୁ ଇଚ୍ଛୁକ ଥିବା ମଧ୍ୟ ବିନୋଦ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କର୍କଟ ଆକ୍ରାନ୍ତଙ୍କୁ କେମୋଥେରାପି ନେବାକୁ ପଡୁଥିବା କାରଣରୁ ସେମାନଙ୍କ କେଶ ସମ୍ପୂର୍ଣ୍ଣ ଝଡି ଯାଇଥାଏ। ଏପରିକି କ୍ୟାନସରରୁ ସୁସ୍ଥ ହେଉଥିବା ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ମଧ୍ୟ ପୁନର୍ବାର କେଶ ପ୍ରାୟତଃ ଉଠି ନ ଥାଏ। ଏପରିସ୍ଥଳେ ମହିଳାଙ୍କ କ୍ଷେତ୍ରରେ କେଶ ପ୍ରତିରୋପଣର ଆବଶ୍ୟକତା ପଡିଥାଏ। ଏବେ ବିଭିନ୍ନ ସାମାଜିକ ସଙ୍ଗଠନ କେଶ ଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ନିୟମିତ କେଶ ଦାନ ଶିବିର ମଧ୍ୟ ଆୟୋଜନ କରୁଛନ୍ତି।

## ଜନ୍ମୋତ୍ସବରେ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ରଘୁନାଥପୁର, ୧୨।୨
(ରାଜେନ୍ଦ୍ର ନାରାୟଣ ସିଂହ)

ପବିତ୍ର ଅଗ୍ନି ଉତ୍ସବରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରକେରାସ୍ଥିତ ବିଭୂତି କ୍ଷେତ୍ରର ଅଧିଷ୍ଠାତା ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ପ୍ରଭୁଙ୍କୁ ଦର୍ଶନ କରି ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ। ରାତ୍ର ୩ ଟାରେ ପ୍ରଭୁଙ୍କ ମହାସ୍ନାନ ଓ ମଙ୍ଗଳ ଆରତି କାର୍ଯ୍ୟ ସମାପନ ପରେ ଚିତାଲାଗି ବେଶ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଜନ୍ମୋତ୍ସବରେ ପ୍ରଭୁଙ୍କ ନିକଟରେ ପ୍ରିୟ ଖେଚୁଡି ଭୋଗ ଲାଗି କରାଯାଇଥିଲା। ପରେ ପ୍ରଭୁଙ୍କ ଦର୍ଶନ ଲାଗି ପୀଠ ମଧ୍ୟକୁ ଯାତ୍ରୀଙ୍କ ଆଗମନ ହୋଇଥିଲା। ଜନ୍ମୋତ୍ସବ ଉପଲକ୍ଷେ ଆଗନ୍ତୁକ ସମସ୍ତ ଶ୍ରଦ୍ଧାଳୁ ତଥା ଦର୍ଶନାର୍ଥୀଙ୍କ ପାଇଁ ପୀଠ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଓ ରାତ୍ରିରେ ପ୍ରାସାଦ ସେବନରେ ବ୍ୟବସ୍ଥା ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ସହ ଆଇନ ଶୃଙ୍ଖଳା ପ୍ରତି ନଜର ରଖାଯାଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ କଟକ ଡେପୁଟି କମିଶନର ଦିଲୀପ କୁମାର ଶତପଥୀ ଓ ଇନ୍ସପେକ୍ଟର ପ୍ରଦୀପ୍ତ ସାହୁ ପୀଠରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ରମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପ୍ରଶାନ୍ତ ଭୂୟାଁ, ସୁଶାନ୍ତ ଦାଶ, କ୍ଷୀରୋଦ ମହାନ୍ତି ଓ ପୀଠ କିରାଣି ସରୋଜ କୁମାର ସାହାଣୀ ଏଥିରେ ସହଯୋଗ କରିଥିଲେ। ପୂଜକ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ନିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଣ୍ଡା, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଗୋଲେଖ ବିହାରୀ ଦାଶଙ୍କ ସହ ସମସ୍ତ ସେବାୟତମାନେ ପ୍ରାସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଥିଲେ। ୨୦ କୁଇଣ୍ଟାଲ ଚାଉଳର ପ୍ରସାଦ ପ୍ରସ୍ତୁତ କରାଯାଇଥିବାବେଳେ ଆଖପାଖ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଯୁବକ ସଂଘର ସଭ୍ୟମାନେ ଉପସ୍ଥିତ ରହି ସୂଚାରୁ ରୂପେ ପ୍ରସାଦ ପରିବେଷଣ କରିଥିଲେ। ଦିନରାତି ପୀଠରେ ଭଜନ କୀର୍ତ୍ତନ ସହ କୋଳାହଳ ଲାଗିରହିଥିଲା।


ଦେବୋତ୍ତର ଡେପୁଟି କମିଶନର ଦିଲୀପ କୁମାର ଶତପଥୀ ଓ ଅନ୍ୟମାନେ ପ୍ରସାଦ ସେବନ କାର୍ଯ୍ୟକ୍ରମ ବୁଲି ଦେଖୁଛନ୍ତି।

### ପ୍ରଭୁ ଗୋରେଖନାଥଙ୍କ ପୀଠ

# ଟ୍ରକ୍ ଚାଳକଙ୍କୁ ଧକ୍କା ଦେଇ ଦୋକାନରେ ପିଟିହେଲା କାର୍, ୨ ମୃତ

**ନୟାଗଡ଼,୧୨।୨(ଲୋକନାଥ ମିଶ୍ର)**

- ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ
- ବୁଲାଣି କାଟି ନ ପାରି ଦୁର୍ଘଟଣା
- କାର୍ ଚାଳକ ଫେରାର

ମଙ୍ଗଳବାର ବିଳମ୍ବିତ ରାତିରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଇଟାମାଟି ଥାନା ସମ୍ମୁଖ ବଜାରର ବୁଲାଣି କାଟି ନ ପାରି ଏକ ଦୋକାନକୁ ଧକ୍କା ଦେଇ କାର ଦୁର୍ଘଟଣା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ସାଗୁରୁ ଗାଁର ସୂର୍ଯ୍ୟକାନ୍ତ ପ୍ରଧାନ(୪୫) ଓ ମହାରାଷ୍ଟ୍ର ନାଗପୁର ଦୁର୍ଗାନଗରର ଦ୍ୱାରିକା ପ୍ରସାଦର ହରିନ ଖେଡେ(୫୪)। ହରିନ୍ ଜଣେ ଟ୍ରକ ଚାଳକ। କାର ମାଲିକ ସୂର୍ଯ୍ୟକାନ୍ତ କାରରେ ବସିଥିଲେ। ଟ୍ରକ ଡ୍ରାଇଭର ହରିନ୍ ରାଜପଥରେ ଚାଲି ରାସ୍ତା ଅତିକ୍ରମ କରୁଥିଲେ। ଦୁର୍ଘଟଣା ଖବର ପାଇ ଇଟାମାଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଏକ ମାମଲା(ନଂ.୩୦/୨୫) ରୁଜୁ ହୋଇଛି।

ଇଟାମାଟି ଥାନାରେ ମୃତକ ସୂର୍ଯ୍ୟକାନ୍ତଙ୍କ ଭାଇ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଭାଇ ନିଜ କାର(ନଂ.ଓଡି୦୫ ବିଏକ୍ସ ୨୩୭୮)ରେ ନୟାଗଡରୁ ନିଜ ଗାଁକୁ ମଙ୍ଗଳବାର ବିଳମ୍ବିତ ରାତିରେ ଫେରୁଥିଲେ।


ଦୁର୍ଘଟଣାରେ ଭାଙ୍ଗିଥିବା ଦୋକାନ।

ଇଟାମାଟି ବଜାରର ବୁଲାଣି ଅତିକ୍ରମ କରୁଥିବା ବେଳେ କାର ଭାରସାମ୍ୟ ହରାଇ ଜଣେ ପଥଚାରୀଙ୍କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନକୁ ଧକ୍କା ଦେଇଥିଲା। କାର ଧକ୍କାରେ ପଥଚାରୀ ତଥା ଟ୍ରକ ଡ୍ରାଇଭର ହରିନ୍ ଓ ତାଙ୍କ ଭାଇ ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା।

ଏପରି ଘଟଣା ଦେଖି କାର ଡ୍ରାଇଭର ଭୁବନାନନ୍ଦ ପ୍ରଧାନ(ଡାକ) ଫେରାର ହୋଇ ଯାଇଥିଲେ। ଡ୍ରାଇଭରଙ୍କ ବେପାରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣାରେ ୨ଟି ଜୀବନ ଚାଲି ଯାଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଇଟାମାଟି ବଜାରର ବୈଦ୍ୟୁତିକ ଉପକରଣ ବିକ୍ରି ହେଉଥିବା ଦୋକାନର ମାଲିକଙ୍କ ଅଭିଯୋଗ ଅନୁସାରେ ଦୁର୍ଘଟଣାରେ ଦୋକାନର ୩ଟି ଲୁହା ଗ୍ରିଲ ଭାଙ୍ଗି ଯାଇଛି। କାରଟି ଗ୍ରିଲ ଭାଙ୍ଗି ୩ ନୂଆ ଫ୍ରିଜ, ୩ ଏସି, ୪ ଇନଭୋଟର, ୨ ଜେସିୟର, ୪ଟି ଗ୍ୟାସ ଚୁଲା ଭାଙ୍ଗି ଦେଇଛି। ଇଟାମାଟି ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଇଟାମାଟି ବୁଲାଣିରେ ଦୁର୍ଘଟଣା ବଢ଼ୁଛି

ନୟାଗଡ଼ରୁ ଭୁବନେଶ୍ୱର ଯିବା ରାସ୍ତାରେ ୫୭ନଂ. ଜାତୀୟ ରାଜପଥର ଇଟାମାଟି ବୁଲାଣିରେ ଦୁର୍ଘଟଣା ବେଶି ହେଉଛି। ଯାନବାହାନ ଚାଳକ ବୁଲାଣି କାଟିବାବେଳେ ସମ୍ମୁଖରୁ ଯାନବାହାନ ଆସିବା, ଆଗରେ କ'ଣ ଅଛି ଜାଣିବା କାଠିକର ପାଠ ହେଉଛି। ବେଶି ଦୁର୍ଘଟଣା ରାତି ସମୟରେ ହେଉଛି। ଇଟାମାଟିର ବୁଲାଣି ସ୍ଥଳକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣଦେଖା କରନ୍ତୁ ନାହିଁ ବୋଲି ଅଭିଯୋଗ ଉଠିଲାଣି। ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ୨ ଜୀବନ ଯାଇଛି।

# ମଣ୍ଡି ବୁଲି ଅବ୍ୟବସ୍ଥା ଦେଖିଲେ କୃଷକ ମୋର୍ଚ୍ଚା ସଭାପତି

## ପ୍ରଶାସନ ଉପରେ ଦୋଷ ଲଦିଲେ, କ୍ଷୋଭ ପ୍ରକାଶ କଲେ


କୃଷକ ମୋର୍ଚ୍ଚା ସଭାପତି ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ନୂଆଗାଁ,୧୨।୨(ଧନେଶ୍ୱର ସାହୁ)**

ଭାରତୀୟ ଜନତା ପାର୍ଟି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ବୁଧବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡିରେ ଅବ୍ୟବସ୍ଥା ଦେଖି କ୍ଷୋଭ ପ୍ରକାଶ କରିବା ସହିତ ଜିଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। କୃଷକମାନେ ଅମଳ କରିଥିବା ଧାନକୁ ସହଜରେ ଓ ଠିକ୍ ଦରରେ ସ୍ୱଚ୍ଛତାର ସହ ବିକ୍ରୀ କରିବା ପାଇଁ ସରକାର ଧାନ ମଣ୍ଡି ଖୋଲିବାର ବ୍ୟବସ୍ଥା କରିଛନ୍ତି। ମଣ୍ଡିରେ ଧାନ ବିକ୍ରୀ କରିବା ସମୟରେ ଯେଭଳି ଚାଷୀମାନଙ୍କ କୌଣସି ଅସୁବିଧା ନ ହୁଏ ସେଥିପାଇଁ ଧାନ ମଣ୍ଡି ନିକଟରେ ଚାଷୀ ନିଜ ଧାନକୁ ସୁରକ୍ଷିତ ଭାବେ ରଖିବା ସହ ଚାଷୀ ରହିବା ପାଇଁ ସୁରକ୍ଷିତ ରହଣୀସ୍ଥଳ , ପାନୀୟ ଜଳର ସୁବିଧା ଆଦି କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପ୍ରତି ମଣ୍ଡିରେ ଅବ୍ୟବସ୍ଥା ସହ କଟ୍‌ନିଛଟ୍‌ନିରେ ଚାଷୀ ଅଣନିଶ୍ୱାସୀ ହୋଇ ପଡିଲାଣି। ଚାଷୀମାନଙ୍କ ବାରମ୍ବାର ଅଭିଯୋଗ ପରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମଣ୍ଡି ପରିଦର୍ଶନରେ ଆସି ନୂଆଗାଁ ବ୍ଲକ ହରିପୁର , ବେରୁହାଁବାରି ଓ ବାହାଡାଝୋଲା ଧାନ ମଣ୍ଡି ବୁଲି ଦେଖିବା ସହ ଚାଷୀମାନଙ୍କ ଅଭିଯୋଗ ଶୁଣିଥିଲେ। କୌଣସି ମଣ୍ଡିରେ ଚାଷୀ ବିଶ୍ରାମ ନେବା ପାଇଁ କିମ୍ବା ବସିବା ପାଇଁ ସୁବିଧା ନାହିଁ , ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ନାହିଁ। ମଣ୍ଡିରେ ଗୋଦାମ ଗୃହ ନ ଥିବାରୁ ଚାଷୀମାନେ ପ୍ରାଇଭେଟ ଲୋକଙ୍କ ଜାଗାରେ ଖୋଲାରେ ଧାନ ରଖୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ନ ମାନି ଜିଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ବୋଲି କୃଷକ ମୋର୍ଚ୍ଚା ସଭାପତି ସାହୁ କହିଥିଲେ। ଏହି ସମସ୍ୟା ବିଷୟରେ ସେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ। ଏଥିସହିତ ସମସ୍ୟାର ସମାଧାନ କରିବା ପାଇଁ କହିବେ ବୋଲି କୃଷକ ମୋର୍ଚ୍ଚା ସଭାପତି ସାହୁ କହିଛନ୍ତି।

# ଦ୍ୱିତୀୟ ବିବାହ ପାଇଁ ସ୍ତ୍ରୀଙ୍କୁ ହତ୍ୟା

**ନୟାଗଡ଼/ଶରଣକୁଳ,୧୨।୨ (ଲୋକନାଥ ମିଶ୍ର/ଦୀପକ କର)**

- ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସମେତ ୧୦ଜଣଙ୍କ ନାଁରେ ଅଭିଯୋଗ
- ସ୍ତ୍ରୀଙ୍କ ରଙ୍ଗ କଳା ଥିବାରୁ ସ୍ୱାମୀଙ୍କ ପସନ୍ଦ ନ ଥିଲା

ନୟାଗଡ଼ ପୋଲିସ ଜିଲା ଶରଣକୁଳ ଥାନା ବଡ଼ଗୋରଡ଼ା ଗାଁରେ ରଞ୍ଜିତା ପରିଡ଼ା ନାମ୍ନୀ ଜଣେ ମହିଳାଙ୍କୁ ବୁଧବାର ହତ୍ୟା କରାଯାଇଛି। ଏହି ଘଟଣାରେ ସ୍ୱାମୀ, ଶ୍ୱଶୁର, ଶାଶୁ ସମେତ ୧୦ ଜଣ ସାମିଲ ଥିବା ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରଞ୍ଜିତା କଳା ଥିବାରୁ ସ୍ୱାମୀ ଗଦାଧର ତାଙ୍କୁ ପସନ୍ଦ କରୁ ନ ଥିଲେ। ସେ ଦ୍ୱିତୀୟ ବିବାହ ପାଇଁ ରଞ୍ଜିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଶାଶୁଘର ଲୋକମାନେ ଏଥିରେ ସାମିଲ ହୋଇଥିଲେ। ଶେଷରେ ସମସ୍ତେ ମିଶି ତାଙ୍କୁ ହତ୍ୟା କରିଥିବା ମୃତକଙ୍କ ଭାଇ ଇଟାମାଟି ଥାନା ଆଙ୍କୁଲିପାଟଣା ଗାଁର ରଞ୍ଜନ ପ୍ରଧାନ ଅଭିଯୋଗ କରିଛନ୍ତି।

ରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ବର୍ଷ ତଳେ ରଞ୍ଜିତା ଶରଣକୁଳ ଥାନା ବଡଗୋରଡ଼ା ଗାଁର ତ୍ରିନାଥ ପରିଡ଼ାଙ୍କ ପୁଅ ଗଦାଧରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର


ମୃତା ରଞ୍ଜିତା ପରିଡ଼ାଙ୍କ ଫାଇଲ ଫଟୋ।

ଦାବି ମୁତାବକ ଯୌତୁକ କନ୍ୟା ଘର ପକ୍ଷରୁ ଦିଆଯାଇଥିଲା। ରଞ୍ଜିତା କଳା ଝିଅ ହୋଇଥିବାରୁ ଗଦାଧରଙ୍କ ପସନ୍ଦ ନ ଥିଲା। ବିବାହର କିଛି ମାସ ପରେ ରଞ୍ଜିତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ତେବେ ଏହି ଦମ୍ପତିଙ୍କ ୧୧ ବର୍ଷର ଝିଅ ଓ ୮ ବର୍ଷର ପୁଅ ଅଛନ୍ତି। ପୁଅ ଝିଅ ପରେ ବି ନିର୍ଯାତନା କମି ନ ଥିଲା। ଦେଢ଼ ମାସ ତଳେ ସ୍ୱାମୀ ଗଦାଧର ରଞ୍ଜିତାଙ୍କୁ ଛୁରି ମାରିଥିଲେ। ଏପରି କି ଜିଭକୁ କାମୁଡି ଛିଣ୍ଡାଇ ଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ରଞ୍ଜିତା ବାପା ଘରକୁ ଚାଲିଯାଇଥିଲେ। କିଛି ଦିନ ତଳେ ଆଉ ମାରପିଟ୍ କରିବି ନାହିଁ ପ୍ରତିଶ୍ରୁତି ଦେଇ ଗଦାଧର ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ବୁଧବାର ସକାଳ ୮ଟାରେ ପୁଣି ପାଟିତୁଣ୍ଡ ହୋଇଥିଲା। ରଞ୍ଜିତାଙ୍କୁ ସ୍ୱାମୀ ଗଦାଧର, ଶ୍ୱଶୁର ତ୍ରିନାଥ, ଶାଶୁ ନୟନା, ମାମୁ ଶ୍ୱଶୁର ପଦ୍ମାରି ଦଳେଇ, ମାମୁ ଶ୍ୱଶୁରଙ୍କ ପୁଅ ବାପିନି, ନଣନ୍ଦ ରଞ୍ଜୁ ଗୁରୁ, ନଣଦେଇ ଟିଂଟୁ ଗୁରୁ, ନଣନ୍ଦ ବାସନ୍ତୀ ଓ ନଣନ୍ଦେଇ ମିଳିତ ଭାବେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ପତ୍ରରେ ତାଙ୍କ ଭାଇ ଦର୍ଶାଇଛନ୍ତି ।

# ଲଙ୍କାପୋଡ଼ି ଯାତ୍ରା,ଗଣିଆ ମହୋତ୍ସବ ପ୍ରସ୍ତୁତି



**ଗଣିଆ,୧୨।୨(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ରାମ ମନ୍ଦିର ପରିସରରେ ଲଙ୍କାପୋଡ଼ ଯାତ୍ରା ଓ ଗଣିଆ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଲଙ୍କାପୋଡ଼ି ଯାତ୍ରା କମିଟିର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ୮ ପଞ୍ଚାୟତର ସରପଞ୍ଚ ଓ ସମିତସଭ୍ୟ ଓ ସଭ୍ୟା, ଜିଲା ପରିଷଦ ସଭ୍ୟ ନରେଶ ବେହେରା, ମହାବୀର ବଣିକ ସଂଘର ସଭାପତି ଦାଶରଥି ସାହୁ, ସମ୍ପାଦକ ପ୍ରଭାତ କୁମାର ଦାଶ, ମହାବୀର ମୋଟର ଆସୋସିଏଶନର ସଭାପତି ରମାକାନ୍ତ ରାଉତ, ସମ୍ପାଦକ ପ୍ରକାଶ କୁମାର ସାହୁ, ଅଟୋ ଆସୋସିଏଶନର ଶେଷଦେବ ବେହେରା ସମ୍ପାଦକ ସୁଶାନ୍ତ କୁମାର ବେହେରା, ରଘୁନାଥ ଜୀଉ ମନ୍ଦିର କମିଟିର ସମ୍ପାଦକ ଉଦ୍ୟନାଥ ସାହୁ, ମନ୍ଦିର ଟ୍ରଷ୍ଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ଲଙ୍କାପୋଡ଼ ଯାତ୍ରା କମିଟିର ସମସ୍ତ କମକର୍ତାମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ଯାତ୍ରା ୫୩ ବର୍ଷରେ ପଦାର୍ପଣ କରିଥିବାରୁ ଗଣିଆ ଗ୍ରାମବାସୀଙ୍କ ତରଫରୁ ଧୁମଧାମରେ ପାଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଏପ୍ରିଲ ୬ରେ ଶ୍ରୀରାମ ନବମୀଠାରୁ ୨୩ଦିନ ଧରି ରାମ ନାଟକ ପରିବେଷଣ କରାଯାଇ ରାବଣବଧ ଓ ଲଙ୍କାପୋଡ଼ ଯାତ୍ରା ଅନୁଷ୍ଠିତ ହେବ। ଏପ୍ରିଲ ୨୯ରେ ଓଡ଼ିଶା ପ୍ରସିଦ୍ଧ ରାବଣ ପୋଡ଼ି ଉତ୍ସବ ବା ମୁଖ୍ୟ ଲଙ୍କାପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ୩୦ତାରିଖରେ ଶ୍ରୀରାମ ଅଭିଷେକ ହେବା ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମେଲୋଡ଼ି ଅନୁଷ୍ଠିତ ହେବ। ୧ ତାରିଖରୁ ୩ତାରିଖ ପର୍ଯ୍ୟନ୍ତ ପ୍ରଥମଥର ପାଇଁ ଗଣିଆରେ ଗଣିଆ ମହୋତ୍ସବ ହେବା ପାଇଁସର୍ବସମ୍ମତିକ୍ରମେ ନିଷ୍ପତ୍ତିହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପାୟଲ


@ ଶରତ


@ ଶାନ୍ତନୁ


@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରକ୍‌କୁ ଧକ୍କାଦେଇ ସ୍କୁଟି ଚାଳକ ଗୁରୁତର

**ଓଡଗାଁ,୧୨।୨ (ଆଦର୍ଶ କୁମାର ପଟ୍ଟନାୟକ)**

ବୁଧବାର ଅପରାହ୍ଣ ପ୍ରାୟ ୪ଟା ବେଳେ ସ୍ଥାନୀୟ କଲେଜ ଉପକଣ୍ଠ କଦଳୀବନ୍ଧ ପ୍ରାଥମିକ ସ୍କୁଲ ସାମ୍ନାରେ ଏକ ମାଲ ବୋଝେଇ ଟ୍ରକକୁ ସାମ୍ନାରୁ ଧକ୍କା ଦେଇ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି । ଆହତ ସ୍କୁଟି ଚାଳକ ହେଲେ ସ୍ଥାନୀୟ ଏନଏସି ବିଲମାନପୁର ଗ୍ରାମର ବିନୋଦ କୁମାର ଜେନା (୨୫) । ସେ ଓଡ଼ଗାଁ ଅଭିମୁଖେ ଆସୁଥିବା ବେଳେ ଟ୍ରକ ସହିତ ଧକ୍କା ହୋଇଥିଲା । ସ୍କୁଟି ଟ୍ରକ ତଳେ ପଶି ଯାଇଥିବା ବେଳେ ଚାଳକ ଜେନା ଗୁରୁତର ହୋଇଛନ୍ତି ।

# ମା' ତାରେଣୀ ଡାଇମଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଆଜି ଫାଇନାଲ ମ୍ୟାଚ୍

**ଓଡ଼ଗାଁ,୧୨।୨(ଆଦର୍ଶ କୁମାର ପଟ୍ଟନାୟକ)**

## ବାହାଡ଼ାଝୋଲା ଓ ଲକ୍ଷ୍ମୀପ୍ରସାଦ ମଧ୍ୟରେ ମୁକାବିଲା

ନୟାଗଡ଼ ଜିଲା ଓଡ଼ଗାଁ ମା' ତାରେଣୀ ଡାଇମଣ୍ଡ କ୍ରିକେଟ ଆସୋସିଏଶନ, ମଶାବାରୀ ଦ୍ୱାରା ଆୟୋଜିତ ଡିଏସିଏ କପ୍ ମସାବାରୀ ୨୦୨୫ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଶେଷ ହୋଇଛି । ଆୟୋଜକ ମଶାବାରୀକୁ ହରାଇ ବାହାଡ଼ାଝୋଲା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ପ୍ରଥମେ ଟସ୍ ଜିତି ମଶାବାରୀ ବାହାଡ଼ାଝୋଲାକୁ ବ୍ୟାଟିଂ ଦେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ବାହାଡ଼ାଝୋଲା ୧୪୪ ରନ କରିଥିଲା। ଆୟୋଜକ ମଶାବାରୀ ୧୪୫ ରନ୍ ଲକ୍ଷ୍ୟ ହାସଲ କରିବାକୁ ଯାଇ ୯୭ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଥିଲେ। ପ୍ରଫୁଲ୍ଲ ମହାନ୍ତି, ଗଜେନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସାର୍ଥକ ଷଡ଼ଙ୍ଗୀ,ସତ୍ୟଜିତ ଜେନା ଖେଳ ପରିଚାଳନା କରିଥିଲେ।

ସେହିପରି ବୁଧବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ ଶରଣକୁଳକୁ ହରାଇ ଲକ୍ଷ୍ମୀପ୍ରସାଦ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି ଶରଣକୁଳ ଲକ୍ଷ୍ମୀପ୍ରସାଦକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଲକ୍ଷ୍ମୀପ୍ରସାଦ ୨୦ ଓଭରରେ ୧୨୭ରନ କରିଥିଲା। ଶରଣକୁଳ ୧୨୮ ରନର ଲକ୍ଷ୍ୟ ରଖି ବ୍ୟାଟିଂ କରିଥିବା ବେଳେ ୧୪ ଓଭରରେ ସମସ୍ତ ଖେଳାଳୀ ଆଉଟ ହୋଇଥିଲେ। ଫଳରେ ୮୨ ରନ କରି ଶରଣକୁଳ ମ୍ୟାଚରୁ ବାଦ ପଡ଼ିଥିଲା। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ପଦ୍ମ ଲୋଚନ ଜେନା ଏବଂ ପ୍ରଫୁଲ୍ଲ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ବାହାଡ଼ାଝୋଲା ଏବଂ ଲକ୍ଷ୍ମୀପ୍ରସାଦ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।


ବୁଧବାର ଆୟୋଜିତ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ପଦ୍ମପୁର ଗ୍ରାମରେ ପାନୀୟଜଳ ସଙ୍କଟ

**ନୂଆଗାଁ,୧୨।୨(ଧନେଶ୍ୱର ସାହୁ)**

## ନଦୀ, ପୋଖରୀ ପାଣି ଗ୍ରାମବାସୀଙ୍କ ଭରସା

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ପଞ୍ଚାୟତର ପଦ୍ମପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କଲେ କେବଳ ଶୁଖିଲା ପ୍ରତିଶ୍ରୁତି ମିଳୁଛି ବୋଲି ଗ୍ରାମବାସୀ କହିଛନ୍ତି।

ସୂଚନା ମୁତାବକ, ଖଣ୍ଡୁଗାଁ ପଞ୍ଚାୟତ ପଦ୍ମପୁର ଗ୍ରାମରେ ୬୦ ଲୋକ ବସବାସ କରିଥାନ୍ତି। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ କଥା କହିଲେ ଗ୍ରାମରେ ନଳକୂପ ଅଛି ମାତ୍ର ତାହା ଅଚଳ ହୋଇ ପଡିରହିଛି। ଏପରି କି ଏକ ନଳକୂପର ପିଣ୍ଡି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏ ବାବଦରେ ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ଏଜେନ୍ସି ଦ୍ୱାରା ମରାମତି କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାହା ହୋଇପାରିନାହିଁ। ଏହି ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ ପକାଯାଇଛି। ହେଲେ ଏଥିରେ ପାଣି ଆସୁନାହିଁ। ଫଳରେ ଲୋକମାନେ ଗାଁ ପାଖରେ ଥିବା ନଦୀ ଓ ପୋଖରୀ ଉପରେ ନିର୍ଭର କରି ଚଳିଥାନ୍ତି। ଲୋକମାନେ ପିଇବା, ଗାଧୋଇବା, ରୋଷେଇ କରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ନଦୀରୁ ମହିଳାମାନେ ପାଣି ଆଣୁଛନ୍ତି।

ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ ଥିଲେ ସୁଦ୍ଧା ଗ୍ରାମକୁ ପାନୀୟ ଜଳ ଯୋଗାଣ କରିବା ପାଇଁ କେହି ସକ୍ଷମ ହୋଇପାରୁ ନାହାଁନ୍ତି। ନଦୀ, ପୋଖରୀ ପାଣି ପିଇ ଲୋକମାନେ ନାନା ରୋଗରେ ପଡୁଛନ୍ତି। ଲକ୍ଷାଧିକ ଟଙ୍କାର ପାଇପ୍ ବିଛାଇ ପାଣି ଯୋଗାଇ ଦେବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରହସନରେ ପରିଣତ ହୋଇଛି। ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଗ୍ରାମର ମହିଳା କିଛିଦିନ ତଳେ ନୂଆଗାଁ ବିଡିଓଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସିଥିଲେ। ଅଭିଯୋଗ ପାଇବା ପରେ ଗ୍ରାମକୁ କିଭଳି ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ସେ ନେଇ ନୂଆଗାଁ ବିଡିଓ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଏ ବାବଦରେ ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ପଚାରିବାରେ, ସମସ୍ୟାର ସମାଧାନ ପାଇଁ ଯନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା । ଯଦି ତାହା ହୋଇନାହିଁ ପୁଣିଥରେ ଯନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

**ଶେୟାର ବଜାରରେ ହ୍ରାସ**

ମୁମ୍ବାଇ: କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୨୨ (୧୨୨.୫୨) ପଏଣ୍ଟ କମି ୭୬,୧୭୧(୭୬,୧୭୧.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬ (୨୬.୫୫) ପଏଣ୍ଟ ହ୍ରାସ ଘଟି ୨୩,୦୪୫(୨୩,୦୪୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଖୁଚୁରା ମୁଦ୍ରାସ୍ଫୀତି ୪.୩୧%କୁ ହ୍ରାସ

ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)



ପ୍ରଥମେ ସରକାର ଅଷ୍ଟମ ବେତନ କମିଶନକୁ ଅନୁମୋଦନ କରିଥିବାବେଳେ ୨୦୨୫ ବଜେଟରେ ବାର୍ଷିକ ଆୟ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସମୁକ୍ତ କରାଯାଇଛି। ବର୍ତ୍ତମାନ ମୁଦ୍ରାସ୍ଫୀତି ହାର ହ୍ରାସ ଯୋଗୁ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୩୧%କୁ ହ୍ରାସ ପାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରେ ୫.୨୨ ପ୍ରତିଶତ ରହିଥିଲା। ୨୦୨୪ ଜାନୁଆରୀରେ ଏହା ୫.୧ ପ୍ରତିଶତ ରହିଥିଲା।

ଫୁଡ୍ ବାସ୍କେଟରେ ମୁଦ୍ରାସ୍ଫୀତି ୬.୦୨%ରେ ପହଞ୍ଚିଛି, ଯାହା ୨୦୨୪ ଡିସେମ୍ବରରେ ୮.୩୯% ଥିଲା। ୧ବର୍ଷ ପୂର୍ବେ ଅର୍ଥାତ୍ ୨୦୨୪ ଜାନୁଆରୀରେ ଏହା ୮.୩% ଥିଲା। ମୁଦ୍ରାସ୍ଫୀତି ହାର ୪.୩୧ ପ୍ରତିଶତକୁ ଖସି ଆସିଥିବାରୁ ସରକାର ଏବଂ ଆର୍‌ବିଆଇ ଏକ ବଡ ଅଭିବୃଦ୍ଧି ହାସଲ କରିଛନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଯୁଦ୍ଧ ଆରମ୍ଭ କରିବା ପରେ ଦରଦାମ୍ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଥିଲା। ଷ୍ଟକ୍ ମାର୍କେଟର ନିବେଶକମାନେ ମଧ୍ୟ ମୁଦ୍ରାସ୍ଫୀତି ଆକଳନ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଗତ ଅନେକ ବାଣିଜ୍ୟ ଅଧିବେଶନ ପାଇଁ ଷ୍ଟକ୍ ମାର୍କେଟରେ ହ୍ରାସ ଘଟିଛି। ମାତ୍ର ମୁଦ୍ରାସ୍ଫୀତି ହ୍ରାସ ବିଷୟରେ ତଥ୍ୟର ମିଳିବା ସହ ବଜାରରେ ପୁଣି କାରବାର ବୃଦ୍ଧି ହୋଇପାରେ। ଏହା ଆସନ୍ତା ଏମ୍‌ପିସି ବୈଠକରେ ସୁଧ ହାର ହ୍ରାସ କରିବାକୁ ଆର୍‌ବିଆଇ ପାଇଁ ବାଟ ଖୋଲିବ। ଫେବୃଆରୀରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ସୁଧ ହାରକୁ ୦.୨୫% ହ୍ରାସ କରାଯାଇଛି। ଯଦି ଜାନୁଆରୀ ପରେ ଫେବୃଆରୀରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥାଏ, ତେବେ ଆର୍‌ବିଆଇ ପୁନର୍ବାର ଏପ୍ରିଲ ଏମ୍‌ପିସି ବୈଠକରେ ରେପୋ ହାର ହ୍ରାସ କରିବାକୁ ବିଚାରକରିପାରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ଆର୍‌ବିଆଇ ୨୦୨୫ ମସିହାରେ ସୁଧ ହାରକୁ ୦.୭୫% ହ୍ରାସ କରିପାରେ। ଏହା ସାଧାରଣ ଜନତାଙ୍କ ପାଇଁ ଗୃହରଣ ଏବଂ କାର୍ ଋଣର ମୂଲ୍ୟ ହ୍ରାସ କରିବ। ଏହା ବ୍ୟତୀତ ଷ୍ଟକ୍ ମାର୍କେଟରେ ମଧ୍ୟ ଏକ ବଡ଼ ବୃଦ୍ଧି ପାଇବ।

# ବିଏମ୍ଏଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୨।୨

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ-ଏଣ୍ଡେଡ୍ ସ୍କିମ୍ ହୋଇଥିଲାବେଳେ ନିଫ୍ଟି ନେକ୍ସଟ ୫୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଥାଏ, ଯେଉଁଥିରେ ଭାରତର ଶୀର୍ଷ ୧୦୦ ତାଲିକାଭୁକ୍ତ ଷ୍ଟକ୍‌ଗୁଡିକରେ ନିଫ୍ଟି ୫୦ ବାହାରେ ର୍ୟାଙ୍କ ପାଇଥିବା ୫୦ଟି କମ୍ପାନୀ ସାମିଲ ରହିଛି। ଲାର୍ଜକ୍ୟାପ୍ ଭାବେ ବର୍ଗୀକୃତ ହୋଇଥିବାବେଳେ ଏହି କମ୍ପାନୀଗୁଡିକ ମିଡ୍ ଓ ସ୍ମଲ-କ୍ୟାପ ଭଳି ଅଭିବୃଦ୍ଧି କ୍ଷମତା ଧାରଣ କରିଛନ୍ତି। ଏହି ନୂତନ ଫଣ୍ଡ ଅଫର (ଏନ୍ଏଫ୍ଓ) ୨୦୨୫ ଫେବୃଆରୀ ୧୩ ରେ ଖୋଲିବ ଏବଂ ୨୦୨୫ ଫେବୃଆରୀ ୨୫ରେ ଶେଷ ହେବ। ବନ୍ଧନ ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସ ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ, ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏବଂ ସିଧାସଳଖ https://bandhanmutual.com/nfo/bandhan-nifty-next-50-index-fund/ରେ ନିବେଶ କରାଯାଇପାରିବ। ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ନିଫ୍ଟି ନେକ୍ସଟ ୫୦ ନିବେଶକମାନଙ୍କୁ ପ୍ରତିଷ୍ଠିତ କମ୍ପାନୀଗୁଡିକ ପାଇଁ ପହଞ୍ଚ ପ୍ରଦାନ କରିବ। ଯିଏ ଏବେ ବି ନିଜର ଉଚ୍ଚ ଅଭିବୃଦ୍ଧି ପର୍ଯ୍ୟାୟରେ ଅଛନ୍ତି। କଞ୍ଜ୍ୟୁମର ଡିସ୍‌କ୍ରେସନାରି, ଏଫ୍ଏମ୍‌ସିଜି, ଆଇଟି ଭଳି କ୍ଷେତ୍ରଗୁଡିକରେ ପରିବ୍ୟାପ୍ତ ଏହି ସୂଚାଙ୍କରେ ଉଲ୍ଲେଖନୀୟ ସମ୍ଭାବନା ଥିବା ଶିଳ୍ପ ବ୍ୟାଘାତକାରୀମାନେ ସାମିଲ ଅଛନ୍ତି।

# ସୁସ୍ଥ ଶୈଶବ ଏକ ଉଜ୍ଜ୍ୱଳ ଭବିଷ୍ୟତ

ଭୁବନେଶ୍ୱର,୧୨।୨ (ଅଭୟ ଦାଶ)



ଉଦ୍‌ଘାଟନୀ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ବେଦାନ୍ତ ଆଲୁମିନିୟମ ଏବଂ ଝାରସୁଗୁଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ାର ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ସ୍କୁଲରେ ଏକ ବ୍ୟାପକ କୃମିନାଶ ଅଭିଯାନର ଆୟୋଜନ କରାଯାଇଥିଲା। ଏପରିକି ସାମୁଦାୟିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ କମ୍ପାନୀ ପ୍ରଦର୍ଶନ କରିଥିଲା। ଏହି ପଦକ୍ଷେପ ମାଧ୍ୟମରେ ୧,୩୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଏବଂ ସସ୍‌ପେନ୍‌ସନ ଔଷଧ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ଝାରସୁଗୁଡ଼ା ସହାୟକ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଧାରମଣ ଭିର୍ତିଆ, ସହକାରୀ ଜିଲା ଚିକିତ୍ସା ଅଧିକାରୀ ପାର୍ବତୀ ବେହେରା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଡା. ଜୟନାରାୟଣ ପୂଜାରୀ ଏବଂ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁକ୍ତା ଦାଶ ଏବଂ ଝାରସୁଗୁଡା ବେଦାନ୍ତର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ତଥା ରାଜସ୍ୱ ବ୍ରଜବନ୍ଧୁ ଭୋଇ କହିଛନ୍ତି, ଏକ ସୁସ୍ଥ ଶୈଶବ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିଥାଏ ଏବଂ କୃମିନାଶ ପିଲାମାନଙ୍କର ସାମଗ୍ରିକ ସୁସ୍ଥତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସେମାନଙ୍କର ସାମଗ୍ରିକ ବିକାଶକୁ ବୃଦ୍ଧି କରିଥାଏ। ସେମାନଙ୍କ ବୃଦ୍ଧି ଏବଂ ଶିକ୍ଷାକୁ ପ୍ରଭାବିତ କରିପାରୁଥିବା ସଂକ୍ରମଣରୁ ସେମାନଙ୍କୁ ରକ୍ଷାକରି ଏହି ପଦକ୍ଷେପ ସେମାନଙ୍କ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହାକୁ ସମ୍ଭବ କରିବାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସହ ବେଦାନ୍ତ ଆଲୁମିନିୟମର ସହଯୋଗକୁ ମୁଁ ପ୍ରଶଂସା କରୁଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସକରୁ ଯେ ଭଲ ସ୍ୱାସ୍ଥ୍ୟ ହେଉଛି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ। ଏହି ପଦକ୍ଷେପ ମାଧ୍ୟମରେ ଆମେ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ ଯେ ଆମ ସମ୍ପ୍ରଦାୟର ପିଲାମାନେ ସୁସ୍ଥ, ସଶକ୍ତ ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ହାସଲ କରିବାକୁ ପ୍ରସ୍ତୁତ ହୋଇ ବଢ଼ନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସରେ ଆମେ ଜିଲା ସ୍ୱାସ୍ଥ୍ୟ ବିଭାଗ ସହ ସହଯୋଗ କରିବାକୁ ଏବଂ ସମ୍ପ୍ରଦାୟ ପାଇଁ ସକାରାତ୍ମକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପଦକ୍ଷେପ ନେବା ପାଇଁ ପ୍ରତିବଦ୍ଧ।

# ଏଲ୍‌ଜି ଇଣ୍ଡିଆର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୨।୨

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ (ଏଲ୍‌ଜି) ଇଣ୍ଡିଆର ନୂତନ ଅଭିଯାନ 'ମେଗା ରକ୍ତଦାନ ଶିବିର'ର ତୃତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ 'ଲାଇଫ୍ ଇଜ୍ ଗୁଡ୍ ହ୍ୱେନ ଲାଇଫ୍ ଇଜ୍ ଶେୟାରଡ୍' ଶୀର୍ଷକ ବାର୍ତ୍ତା ରହିଛି। ଏହି ଅଭିଯାନ ଜରିଆରେ ୭୦ଟି ସହରରେ ୪୦୦ଟି ରକ୍ତଦାନ ଶିବିର ଆୟୋଜନ କରିବା ସହିତ ଯୁବବର୍ଗଙ୍କୁ ସଚେତନ କରିବାର ଲକ୍ଷ୍ୟ ରହିଛି। ୨୦୧୯ ଏବଂ ୨୦୨୩ରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ସଫଳତାର ସହ ପ୍ରାୟ ୧୮୮ଟି ଶିବିର ଆୟୋଜନ କରିଥିଲା, ଯେଉଁଥିରେ ୧୭,୭୦୦ ରୁ ଅଧିକ ପଞ୍ଜୀକରଣ ହୋଇଥିଲା। ଏହି ସଫଳତାକୁ ଆଧାରକରି ୨୦୨୫ ଅଭିଯାନ ଏହାର ପ୍ରଭାବକୁ ଆହୁରି ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଥିରେ ୩୦,୦୦୦ ପଞ୍ଜୀକରଣ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଶିବିରରେ ଦାତାମାନଙ୍କୁ ଅତ୍ୟାବଶ୍ୟକ ଡାକ୍ତରୀ ଯାଞ୍ଚ, ରିଫ୍ରେସମେଣ୍ଟ ଏବଂ ପ୍ରଶଂସାପତ୍ର ପ୍ରଦାନ କରାଯିବ। କେୟାର ଟୁଡେ ଫଣ୍ଡ, ୟୁନାଇଟେଡ୍ ୱେ ମୁମ୍ବାଇ ଏବଂ ସକ୍ଷମ ଭାରତୀ ଫାଉଣ୍ଡେଶନ ଭଳି ବିଶ୍ୱସନୀୟ ଅଂଶୀଦାର ସହଯୋଗରେ ଏଲ୍‌ଜି ଭାରତରେ ସ୍ୱେଚ୍ଛାକୃତ ରକ୍ତଦାନର ଏକ ସୁଦୃଢ଼ ଧାରାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ଏମ୍‌ଡି ହଙ୍ଗ୍ ଜୁ ଜିଓନ କହିଛନ୍ତି, ଅର୍ଥପୂର୍ଣ୍ଣ ହସ୍ତକ୍ଷେପ ସହ ସିଏସ୍ଆର୍ କାର୍ଯ୍ୟକ୍ରମ ଜାରି ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ମେଗା ରକ୍ତଦାନ ଶିବିରର ଏହି ତୃତୀୟ ସଂସ୍କରଣ ଲୋକଙ୍କ ପାଇଁ ଜୀବନକୁ ଉତ୍ତମ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ଅଂଶଗ୍ରହଣକୁ ସହଜ ଏବଂ ଅଧିକ ସୁଲଭ କରିବା ପାଇଁ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ମେଗା ରକ୍ତଦାନ ଶିବିର ଅଭିଯାନ ପାଇଁ ଏକ ଉତ୍ସର୍ଗୀକୃତ ମାଇକ୍ରୋସାଇଟ୍ https://lg-india.com/blood-donation/ ଆରମ୍ଭ କରିବ। ଏହି ପ୍ଲାଟ୍‌ଫର୍ମ ଦ୍ୱାରା ବ୍ୟକ୍ତିମାନେ ସେମାନଙ୍କର ସମର୍ଥନ ପ୍ରତିଶ୍ରୁତି ଦେଇପାରିବେ। ଦାନ ଶିବିର ପାଇଁ ପଞ୍ଜୀକରଣ ଏବଂ ଅଭିଯାନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ।

# ଆଜି ପିଏନ୍‌ବିର ଏମ୍ଏସ୍ଏମ୍ଇ ଏକ୍ସପୋ

ଭୁବନେଶ୍ୱର,୧୨।୨


ଅଜିତ କୁମାର ମେହେର

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବହୁ ପ୍ରତୀକ୍ଷିତ ଏମ୍ଏସ୍ଏମ୍ଇ ଏକ୍ସପୋ ଗୁରୁବାର ଓଡ଼ିଶାର ବିଭିନ୍ନ ଜିଲାରେ ଅନୁଷ୍ଠିତ ହେବ। ଏପରିକି ସମ୍ବଲପୁର ଜିଲାରେ ମଧ୍ୟ ଏହି ଏକ୍ସପୋ ଓ ଏମ୍ଏସ୍ଏମ୍ଇ ଆଉଟରିଚ୍ ପ୍ରୋଗ୍ରାମର ଆୟୋଜନ କରାଯାଉଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ବଲପୁରର ବୁଢ଼ାରାଜା ରୋଡ୍‌ସ୍ଥିତ ହୋଟେଲ ଗ୍ରାଣ୍ଡ ଶିବାର ସଭାଗୃହରେ ଅନୁଷ୍ଠିତ ହେବ ବୋଲି ସମ୍ବଲପୁର ମଣ୍ଡଳର ପ୍ରମୁଖ ଅଜିତ କୁମାର ମେହେର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ଏହି କାର୍ଯ୍ୟକ୍ରମର ଲାଭନେବା ପାଇଁ ଆଶାୟୀ ହିତାଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଛୋଟବଡ଼ ବ୍ୟବସାୟୀମାନେ ଯୋଗଦାନକରି ମାର୍ଗଦର୍ଶନ ପାଇବା ସହ ବ୍ୟାଙ୍କର ବିଭିନ୍ନ ପ୍ରକାର ଋଣ ବିଷୟରେ ମଧ୍ୟ ଅବଗତହେବା ସହ ଏହାର ଲାଭ ମଧ୍ୟ ନେଇପାରିବେ। ମାର୍ଗଦର୍ଶନ ସହ ଇଚ୍ଛୁକ ବ୍ୟକ୍ତିମାନେ ଇଚ୍ଛାକଲେ ଉଦ୍ୟମ ପଞ୍ଜୀକରଣ କରାଇପାରିବାର ବ୍ୟବସ୍ଥା କରାଯିବ ବୋଲି ମଣ୍ଡଳ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିଭଳି ସରକାରଙ୍କର ମୁଦ୍ରା ଋଣ, ପିଏମ୍ଇଜିପି, ପିଏମ୍ ସ୍ୱନିଧି, ପିଏମ୍ ବିଶ୍ୱକର୍ମା ଓ ଅନ୍ୟାନ୍ୟ ଏମ୍ଏସ୍ଏମ୍ଇ ଋଣ ସହ ବ୍ୟାଙ୍କର ବିଭିନ୍ନ ଉତ୍ପାଦ (ପ୍ରଡ଼କ୍ଟ) ଜିଏସ୍‌ଟି ଏକ୍ସପ୍ରେସ୍, ଏମ୍ଏସ୍ଏମ୍ଇ ପ୍ରାଇମ ପ୍ଲସ୍, ଟ୍ରେଡ୍ ଗ୍ରୋଥ୍ ଆଦିର ବିଭିନ୍ନ ସୁବିଧା ବିଷୟ ବୁଝାଇ ଯୋଗ୍ୟ ବ୍ୟକ୍ତିମାନଙ୍କୁ ସହଜରେ ଏହି ଋଣ ଉପଲବ୍ଧ କରାଯିବ ବୋଲି ମେହେର କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସମସ୍ତ ବ୍ୟବସାୟୀଙ୍କୁ ମେହେର ଆହ୍ୱାନ କରିଥିଲେ। ନୂତନ ରୂପେ ବ୍ୟବସାୟ ପାଇଁ ଆରମ୍ଭ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ କାର୍ଯ୍ୟକ୍ରମର ବିଶେଷ ଲାଭ ନିଅନ୍ତୁ ବୋଲି ସେ କହିଥିଲେ।

# ଏସ୍‌ବିଆଇ ଗ୍ରୀନ୍ ମାରାଥନ ସିଜନ ୫

ଭୁବନେଶ୍ୱର,୧୨।୨


ମାରାଥନରେ ସାମିଲ ପ୍ରତିଯୋଗୀମାନେ ଦୌଡପାଇଁ ପ୍ରସ୍ତୁତ ହେଉଛନ୍ତି।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ରେଡିଓ ମିର୍ଚିର ମିଳିତ ସହଯୋଗରେ ଏସ୍‌ବିଆଇ ଗ୍ରୀନ୍ ମାରାଥନ ସିଜନ ୫ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ବାସିନ୍ଦାମାନେ ଉତ୍ସାହର ସହ ଏହି ମାରାଥନରେ ଅଂଶଗ୍ରହଣକରି ଏକ ସବୁଜ ସୁନ୍ଦର ଭବିଷ୍ୟତର ବାର୍ତ୍ତା ଦେଇଥିଲେ। ମିର୍ଚି ସିଜନ ୫ ସହ ମିଳିତ ଭାବେ ଏସ୍‌ବିଆଇ ଗ୍ରୀନ୍ ମାରାଥନ। ସିଜନ ୫ ଭୁବନେଶ୍ୱର ସଂସ୍କରଣରେ ମଧ୍ୟ ବିଭିନ୍ନ ପୃଷ୍ଠଭୂମି, ବୟସ ଗୋଷ୍ଠୀରୁ ପ୍ରାୟ ୬୦୦୦ ଧାବକ ଯୋଗଦେଇଥିଲେ। ପ୍ରସିଦ୍ଧ କଳିଙ୍ଗ ସ୍ପୋର୍ଟସ କମ୍ପ୍ଲେକ୍ସରେ ଏହି ମାରାଥନ ଆୟୋଜିତ ହୋଇଥିଲା। ଯେଉଁଥିରେ ଅଂଶଗ୍ରହଣକାରୀମାନେ ଶେଷ ରେଖା ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ। ଏହା ସହିତ ଏନ୍‌ସିସି, ସେନା, ନୌସେନା, ସ୍କୁଲ ଏବଂ କଲେଜର ପ୍ରତିନିଧିମାନେ ଏକାଠି ହୋଇ ଏସ୍‌ବିଆଇ ଗ୍ରୀନ୍ ମାରାଥନକୁ ଆହୁରି ସବୁଜ ଏବଂ ପ୍ରଭାବଶାଳୀ କରିବା ପାଇଁ ଉତ୍ସାହିତ କରିଥିଲେ । ମାରାଥନରେ ୫ କି.ମି., ୧୦ କି.ମି. ଏବଂ ୨୧ କି.ମି. ଦୌଡ ଅନ୍ତର୍ଭୁକ୍ତ ଥିଲା, ଯାହାଦ୍ୱାରା ସମସ୍ତ ପ୍ରକାର ଧାବକଙ୍କ ପାଇଁ ଏକ ମାର୍ଗ ସୁନିଶ୍ଚିତ ହୋଇଥିଲା । ଏହି ଅବସରରେ ଧାବକମାନଙ୍କୁ ଏମ୍ସ (ଅନ୍ତର୍ଜାତୀୟ ମାରାଥନ ଏବଂ ଦୂରତା ଦୌଡ ସଂଘ) ଦ୍ୱାରା ପ୍ରମାଣପତ୍ର ମାଧ୍ୟମରେ ବିଶ୍ୱସ୍ତରୀୟ ସ୍ୱୀକୃତ ପ୍ରଦାନ କରାଯାଇଥିଲା। ଏହା ସେମାନଙ୍କୁ ମାରାଥନ ସମ୍ପ୍ରଦାୟ ମଧ୍ୟରେ ଅନ୍ତର୍ଜାତୀୟସ୍ତରରେ ସେମାନଙ୍କର କ୍ଷମତା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିଜର ଅନନ୍ୟ ପଦକ୍ଷେପ ଦ୍ୱାରା ସର୍ବଦା ସବୁଜ ପଦକ୍ଷେପକୁ ସମର୍ଥନ କରିଆସିଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ, ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର (ନେଟ୍‌ୱାର୍କ-୧) ପୋନାମ୍ବାଲମ ଏମ୍, ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର (ନେଟ୍‌ୱାର୍କ-୨) କୌଶଲ କୁମାର ସିଂହ, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବିଏମ୍‌ସିର ମେୟର ସୁଲୋଚନା ଦାସ ଓ ଓଡ଼ିଆ ଅଭିନେତ୍ରୀ ତଥା ସିଦ୍ଧାର୍ଥ ଟିଭି ନେଟ୍‌ୱର୍କର ନିର୍ଦ୍ଦେଶିକା ତମାନା ବ୍ୟାସ ଅଗ୍ରୱାଲ ୩ଟି ଯାକ ବିଭାଗରେ ପତାକା ଦେଖାଇ ଏହି ମାରାଥନ ଆରମ୍ଭ କରିଥିଲେ।

**boyanika** CAD-
EXPRESSION OF INTEREST
No.450 Dt.11.02.2025
Name of the work:- Expression Of Interest for procurement of Blanket. The last date & time for submission of offers 28.02.2025 at 2.00 P.M. Refer website for details- www.boyanika.com. All the information on this EOI will be available in the above website from 11.02.2025
Sd/- Managing Director BOYANIKA
OIPR-31004/11/0079/2425

**omfed** The Odisha State Co-operative Milk Producers' Federation Limited
D-2, Sahid Nagar, Bhubaneswar - 751007
Ph. No. 0674-2546030, 2540273, 2540417, 2540974
Email ID: omfed@yahoo.com
www.omfed.com
Date: 12.02.2025
DISTRIBUTORS WANTED FOR OMFED
No. CAD-2542: Applications are invited from aggressive, experienced & financially sound parties for the appointment of Distributor for marketing OMFED Milk, Milk Products & Ice Cream in **Bhubaneswar, Cuttack, Rourkela, Sambalpur and Berhampur towns**. For details, please visit our website (www.omfed.com) & contact us between 10 AM to 6 PM at 0674-2545747/9439923689 /9777490999. Last Date for Application receipt: 25.02.2025.
Managing Director, OMFED reserves the right to accept or reject any or all applications without assigning any reason thereof.
OIPR-06063/11/0123/2425 Sd./- Managing Director

OFFICE OF THE DEAN & PRINCIPAL
FAKIR MOHAN MEDICAL COLLEGE & HOSPITAL, BALASORE
Remuna, Balasore, Odisha-756019
E-mail: dean.fmmchb@gmail.com, Tel 06782-224901, Web:blsmch.nic.in
WALK-IN-INTERVIEW FOR ENGAGEMENT OF THE POST OF JUNIOR RESIDENT, SENIOR RESIDENT, TUTOR, ASSISTANT PROFESSOR, ASSOCIATE PROFESSOR & PROFESSOR ON CONTRACTUAL BASIS AT FM MCH, BALASORE
No.E-744: Eligible candidates are invited for Walk-in-Interview for the Posts of Junior Resident, Senior Resident, Tutor, Asst. Professor, Assoc. Professor & Professor on contractual basis at FMMCH, Balasore. The Walk-in-Interview is scheduled to be held on 14.02.2025 at 11.00 AM in the Office of the Dean & Principal, FMMCH, Balasore. The details eligibility criteria selection procedure, application form along with other terms & conditions are available in District Website i.e. www.balasore.odisha.gov.in as well as our official website i.e. www.blsmch.nic.in.
Sd./- Dean & Principal
Fakir Mohan Medical College & Hospital, Balasore
OIPR-10134/11/0034/2425

OFFICE OF THE MEDICAL SUPERINTENDENT, T.B. & I.D. HOSPITAL, PURI
No. E-741
No. 160 Dt.29.01.2025
TENDER CALL NOTICE
FOR SUPPLY OF DRUGS, MEDICAL CONSUMBALES, INSTRUMENTS & EQUIPMENTS, LABORATORY ITEMS, X-RAY ITEMS
Last Date & Time of receipt of Tender: Dt.19.02.2025 upto 5 P.M.
Date & Time of Opening of Tender: Dt.20.02.2025 at 11.00 A.M.
Venue: Office Chamber of Medical Superintendent TB & ID Hospital, Puri
For details regarding this tender call notice please visit the website https://puri.odisha.gov.in or contact office of the undersigned during the office hour in all working days.
Sd./- Medical Superintendent, TB & IDH, Puri
OIPR-10098/11/0001/2425

OFFICE OF THE SUPERINTENDING ENGINEER
KENDRAPARA (R&B) DIVISION No.II, KENDRAPARA
E-mail:eerandbdivn2kpd@gmail.com, Tel.No.06727-220408
GOVERNMENT OF ODISHA "e" Procurement Notice
No.B-932: E-Procurement Notice for Civil Work
Bid Identification No.S.E. (RnB) KPD-II-11/2024-25
1. No. of Works : 2 Nos. of Building & 1 No. of Road Work.
2. Estimated Cost : Rs.38,45,179.00, Rs.74.00,595.00, Rs.51,67,895.00.
3. Period of Completion : 03 (Three) Calendar Months to 06 (Six) Calendar Months.
4. Date & Time of Sale & Receipt of Bid Document : From 10.00 AM of 12.02.2025 to 5.00 PM of 24.02.2025.
5. Last Date/Time of receipt of Bids : 5.00 P.M. of 24.02.2025.
6. Date & Time of opening of Bids : 11.00 A.M. of 25.02.2025.
7. Name and Address of the Inviting Bid : Superintending Engineer, Kendrapara (R&B) Division-II, Kendrapara.
Further details with any addendum, corrigendum, cancellation can be seen from the State Govt. Portal "https://tendersorissa.gov.in."
Sd./- Superintending Engineer
OIPR-34158/11/0005/2425 Kendrapara (R&B) Division-II, Kendrapara

THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751001
ବିଶେଷ ସୂଚନା
No. LL-19: ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂଙ୍ଗ୍ କରୁଥାନ୍ତୁ ନା କାହିଁକି, ବ୍ୟାଙ୍କର ସମସ୍ତ ନିୟମାବଳୀ ପୂରଣ କରିବା ପାଇଁ ପରିଚୟ ପ୍ରମାଣ, ଠିକଣା ପ୍ରମାଣ କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ ଅଟେ। ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣ ପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ, ଏବେକାର ଦୁଇଟି ପାସ୍‌ପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତା୨୮ ଫେବୃଆରୀ ୨୦୨୫ରିଖ ସୁଦ୍ଧା ସମ୍ପୃକ୍ତ ଶାଖାସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ।
**ସୂଚନାଯୋଗ୍ୟ:** ଯଦି ସେଭିଂସ୍ ବା କରେଣ୍ଟ ଆକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହେଉ ନଥିଲେ ତଥା ନିୟମାବଳୀ ପୂରଣ ହୋଇ ନଥିଲେ, କୌଣସି ସୂଚନା ନଦେଇ ସେହି ଆକାଉଣ୍ଟକୁ ଅଚଳ କରିଦିଆଯିବ।
OIPR-39012/11/0012/2425 ପରିଚାଳନା ନିର୍ଦ୍ଦେଶକ

ODISHA PUBLIC SERVICE COMMISSION
NOTICE
No. 943/P.S.C. Dt.11.02.25
No. D-256: In reference to this Office Notice No. 897/PSC, dated 07.02.2025 relating to result of Odisha Civil Services Preliminary Examination - 2023, it is for information of all concerned that the Commission has decided to conduct the Odisha Civil Services Main (Written) Examination-2023, pursuant to Advt. No. 20 of 2023-24 tentatively in the **2nd Week of April, 2025**. The detailed programme of the said examination shall be notified later.
The candidates are advised to visit the website of the Commission at **http://opsc.gov.in** for further information in this regard.
OIPR-12002/11/0149/2425 Sd./- Secretary

GOVERNMENT OF ODISHA
OFFICE OF THE SUPERINTENDING ENGINEER
NABARANGPUR (R&B) DIVISION, NABARANGPUR
E-mail ID: eerbngpur@yahoo.com, Tel & Fax: 06858-222833 (O)
e-Procurement Notice
Bid Identification No. S.E (R&B) - 17/2024-25/NGP
No. 1004 Date: 11.02.25
No. B-998: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.
1. Name of the Work : Electrical Work as mentioned in DTCN
2. No. of Work : 1 No.
3. Estimated Cost : Rs.36.41 Lakhs
4. Period of Completion : 2 Calendar Months
5. Date & Time of Bidding : From 11.00 hours of 17.02.2025 upto 16.00 hours of 26.02.2025
6. Last date & time for receipt of bids in portal : 16.00 hours of 26.02.2025
7. Bids received online shall be opened on : 11.00 hours of 27.02.2025
8. Name and address of the Officer Inviting Bid : Superintending Engineer Nabarangpur (R&B) Division, Nabarangpur
Further details can be seen from the **www.tendersodisha.gov.in**.
Sd./- Superintending Engineer
OIPR-34143/11/0008/2425 Nabarangpur (R&B) Division

OFFICE OF THE GENERAL MANAGER
WATCO DIVISION, PURI, ODISHA
Ph.No.06752-223447 / e-mail:eephpuri@gmail.com
INVITATIONS FOR BIDS (IFB)
No.C-1617
Government of Odisha "e" Procurement Notice
Bid Identification No.27 of 2024-25, Dated 07.02.2025
1. Name of the Work :- Procurement, Installation, Testing and Commissioning of 30 HP Stainless Steel Surface Aerator in Sewerage Treatment Plant at Mangalaghat, Puri (Left Side Pond, Right Side Pond)- 2 Nos. Work.
2. Estimated Cost : Rs.29.21 Lakhs
3. Period of Completion : 30 Days
4. Date and Time of availability of bid documents in the portal : 12.02.2025 (11.00 AM) to 21.02.2025 (5.00 PM)
5. Last date/time for receipt of bids in the portal : 5.00 PM of 21.02.2025
6. Date & Time of opening of bids : 12.30 PM of 24.02.2025
7. Name and address of the Officer Inviting Bid : General Manager, WATCO Division, Puri Phone:06752-223447 Fax: 06752-223447 E-Mail:eephpuri@gmail.com
8. The bidders have to participate in ONLINE bidding only.
Sd./- General Manager, (WATCO, PURI)
OIPR-13206/11/0010/2425

Office of District Manager
Odisha State Civil Supplies Corporation Ltd. (OSCSC)
Balangir (District)
Phone: 9438200035; District Website: https://balangir.odisha.gov.in
Tender No. 786, 787, 788, 789, 790, 791, 792, 793, 794, 795, 796, 797, 798, 799 Dt. 07.02.2025
No. CAD-2528:- District Manager, Odisha State Civil Supplies Corporation Ltd., **Balangir** (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Transport Contractor for transportation of Paddy from Paddy Purchase Centre/ Mandi to Rice Mills and Custom Milled rice from Rice mills to Rice receiving centres. |
| 2 | Availability of bid Document in the portal | From 10.02.2025 at 11.00 A.M. |
| 3 | Last Date/Time for Receipt of bids in the portal | Dt.04.03.2025 up to 05.00 P.M. |
| 4 | Date/Time of Opening of Technical Bid | Dt.06.03.2025 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Balangir |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager, OSCSC Ltd., Balangir
OIPR-07031/11/0003/2425

# କାୟାକିଂ, କାନୋଇଂରେ ଓଡ଼ିଶାକୁ ସଫଳତା

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ବୁଧବାର କାୟାକିଂ ଓ କାନୋଇଂରେ ରାଜ୍ୟ ପ୍ରତିଯୋଗୀମାନେ ସଫଳତା ଲାଭ କରିଛନ୍ତି। ଓଡ଼ିଶା ପକ୍ଷରୁ କାୟାକିଂରେ ପ୍ରତିନିଧିତ୍ୱ କରିଥିବା ଓଇନମ ବିଦ୍ୟା ଦେବୀ ଓ ଓଇନମ ବିନିତା ଚାନୁ କେ୨ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କାନୋଇଂରେ ରଶ୍ମିତା ସାହୁ ଓ ଆଚୋଇବାମ୍ ସନାତୋମ୍ବି ଦେବୀ ସି୨ଡବ୍ଲ୍ୟୁ-୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ସାଗର କୁମାର ଓ ସଲାମ କିଶନ ସିଂ ଯୋଡ଼ି କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ମଙ୍ଗଳବାର ଓଡ଼ିଶା ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



# ବାରବାଟୀରେ ହେବ ସେଲିବ୍ରିଟି କ୍ରିକେଟ ଲିଗ୍

- ୧୬ରେ ୨ ମ୍ୟାଚ: ପଞ୍ଜାବ-ଭୋଜପୁରୀ, ମୁମ୍ବାଇ-ବେଙ୍ଗଲ
- ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ବୋନି କପୁର

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚର ଗୋଟିଏ ସପ୍ତାହ ପରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ସେଲିବ୍ରିଟି କ୍ରିକେଟ ଲିଗ୍ (ସିସିଏଲ୍)। କ୍ରିକେଟ ସହ ଗ୍ଲାମର ଓ ମନୋରଞ୍ଜନର ଭରପୂର ସମ୍ମିଶ୍ରଣ ଏଥିରେ ଦେଖିବାକୁ ମିଳିବ। ଲିଗ୍‌ର ପ୍ରଥମ ୪ଟି ମ୍ୟାଚ ବେଙ୍ଗାଲୁରୁ ଓ ଦିଲ୍ଲୀରେ ହୋଇ ସାରିଥିବାବେଳେ ଆସନ୍ତା ୧୬ ତାରିଖରେ ବାରବାଟୀରେ ଅନୁଷ୍ଠିତ ହେବ ୨ଟି ମ୍ୟାଚ। ବିଶିଷ୍ଟ ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ବୋନି କପୁରଙ୍କ ମାଲିକାନାରେ ଥିବା ବେଙ୍ଗଲ ଟାଇଗର୍ସ କଟକକୁ ହୋମ୍ ଭେନ୍ୟୁଭାବେ ଗ୍ରହଣ କରିଛି। ଫଳରେ ଏଠାରେ ଆସନ୍ତା ରବିବାର ଅପରାହ୍ନ ୨ଟାରେ ପଞ୍ଜାବ ଦି ଶେର୍-ଭୋଜପୁରୀ ଦବଙ୍ଗ୍ସ ଏବଂ ଅପରାହ୍ନ ୬ଟା ୩୦ରେ ମୁମ୍ବାଇ ହିରୋଜ୍-ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୋନି କପୁର ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱାଧୀନ ଓଡ଼ିଆ ସେଲିବ୍ରିଟି ଓ ଜିତୁ ଶତପଥୀଙ୍କ ନେତୃତ୍ୱରେ ପୂର୍ବତନ ରଣଜୀ ଖେଳାଳିଙ୍କୁ ନେଇ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ମ୍ୟାଚଗୁଡ଼ିକ ୧୦ ଓଭର ବିଶିଷ୍ଟ ହେବ। ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାକୁ ଉଦ୍‌ଘାଟନ କରିବେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବୋନି କପୁର ନିମନ୍ତ୍ରଣ କରିଛନ୍ତି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ସିସିଏଲ୍ ଏକ ମାଧ୍ୟମ, ପ୍ରକୃତରେ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଅଛି ବୋଲି ବୋନି କପୁର କହିଛନ୍ତି। ମୁଁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ କଥାବାର୍ତ୍ତା ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ, ୟୁଜେନିକ୍ସ ହେୟାର ସାଇନ୍ସେସର ପ୍ରଦୀପ ସେଠୀ ଓ ଆରିକା ବଂଶଲଙ୍କ ସମର୍ଥନରେ ଏହି ମ୍ୟାଚ ଆୟୋଜନ ହେବାକୁ ଯାଉଥିବାବେଳେ ଓଡ଼ିଶା କୋର୍ କମିଟି ଏହାର ସହଭାଗୀଦାର ରହିଛି। ଓଡ଼ିଶାକୁ ସିସିଏଲ୍ ଆଣିବାରେ ମୁଖ୍ୟ ସଂଯୋଜକ ଅଜୟ ଅଗ୍ରୱାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ସତ୍ୟବ୍ରତ ମୀନକେତନ ମୁଖ୍ୟ ଆବାହକ, ଗୋଲକ ମହାପାତ୍ର ପରାମର୍ଶଦାତା ଓ ବାସୁଦେବ ଭଞ୍ଜ ଆବାହକ ରହିଛନ୍ତି। ସିସିଏଲ୍ ମ୍ୟାଚ ସହ ହେବାକୁଥିବା କାର୍ଯ୍ୟକ୍ରମରେ ଅର୍ଜୁନ କପୁର, ସୋହେଲ ଖାନ୍, ସୋନୁ ସୁଦ୍, ମିକା ସିଂ, ଆୟୁଷ୍ମାନ ଖୁରାନା, ରିତେଶ ଦେଶମୁଖ, ଜାହ୍ନବୀ କପୁର ଆଦି ଅନେକ କଳାକାର ଅଂଶଗ୍ରହଣ କରିବେ। ସିସିଏଲ୍-୨୦୨୫ ପାଇଁ ଟିକେଟଜେନି (ticketgenie)ରେ ଅନ୍‌ଲାଇନ୍ ଟିକେଟ ଉପଲବ୍ଧ ହେଉଛି। ଅଫ୍‌ଲାଇନ୍‌ରେ ମଧ୍ୟ ଟିକେଟ ଗତ ୧୧ ତାରିଖରୁ ବାରବାଟୀ ଷ୍ଟାଡିୟମ ନିକଟରେ ବିକ୍ରି କରାଯାଉଛି। ଟିକେଟ ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ କରି ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଖବରଦାତା ସମ୍ମିଳନୀରେ ବଲିଉଡ ଚଳଚ୍ଚିତ୍ର ଅଭିନେତା ଅର୍ଜୁନ କପୁର, ଓଡ଼ିଶାର ପ୍ରତିଷ୍ଠିତ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ରଣଜୀ ଖେଳାଳି ଜିତୁ ଶତପଥୀ, ଭାଜପା ନେତା ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି



D-76416



ଧ-୭୬୦୪୫



D-2874



D-2906





## ଆଇପିଏଲ୍-୨୦୨୫

# ଭୁବନେଶ୍ୱର ଆସିବ କେକେଆର୍ ଟ୍ରଫି ଟୁର୍

**ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ):** ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)-୨୦୨୫ ଆରମ୍ଭ ପୂର୍ବରୁ ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ପ୍ରଥମଥର ପାଇଁ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନେଇଛି। ବିଶେଷ କରି ଯେଉଁ ସ୍ଥାନଗୁଡ଼ିକରେ ନାଇଟ ରାଇଡର୍ସର ପ୍ରଶଂସକମାନେ ଅଧିକ ସଂଖ୍ୟାରେ ରହିଛନ୍ତି ସେହି ସହରଗୁଡ଼ିକରେ ଟ୍ରଫି ଟୁର୍ ପାଇଁ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ତଦନୁସାରେ ଟ୍ରଫି ଟୁର୍‌ର ପ୍ରଥମ କାର୍ଯ୍ୟକ୍ରମ ୧୪ ତାରିଖରେ ଆସାମର ଗୁଆହାଟୀରେ ଅନୁଷ୍ଠିତ ହେବ। ଏହାପରେ ୧୬ ତାରିଖରେ ଟ୍ରଫି ଭୁବନେଶ୍ୱର ଆସି ଏସ୍‌ପ୍ଲାନେଡ ମଲ୍ ନିକଟରେ ପ୍ରଦର୍ଶିତ ହେବ। ପରେ ଏହା ୨୧ରେ ଜାମସେଦପୁର, ୨୩ରେ ରାଞ୍ଚି, ୨୮ରେ ଗ୍ୟାଙ୍ଗଟକ, ମାର୍ଚ୍ଚ ୨ରେ ସିଲିଗୁଡ଼ି, ୭ରେ ପାଟଣା, ୯ରେ ଦୁର୍ଗାପୁର ହୋଇ ୧୨ରେ କୋଲକାତା ସିଟି ସେଣ୍ଟର ମଲ୍‌ରେ ପ୍ରଦର୍ଶିତ ହେବ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ କୋଲକାତା ସାଉଥ୍ ସିଟ୍ ମଲ୍‌ରେ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ଆଇପିଏଲ୍ ଇତିହାସରେ ପ୍ରଥମଥର ପାଇଁ କୌଣସି ଏକ ଫ୍ରାଞ୍ଚାଇଜ୍ ଦଳ ନିଜ ଘରୋଇ ସହର ବ୍ୟତୀତ ବାହାରେ ଟ୍ରଫି ଟୁର୍ କରିବାକୁ ଯାଉଛି। ଏହାଦ୍ୱାରା ପ୍ରଶଂସକମାନେ କୋଲକାତା ନାଇଟ ରାଇଡର୍ସ ସମ୍ପର୍କରେ ଅଧିକ ଜାଣିବା ସହ ଟ୍ରଫି ସହ ଫଟୋ ଉଠାଇ ପାରିବେ।

## ରଣଜୀ ଟ୍ରଫି

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ପୁଣେ, ୧୨।୨:** ରଣଜୀ ଟ୍ରଫି ଏଲିଟ ୨୦୨୪-୨୫ ସିଜନର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଚଳିତ ମାସ ୧୭ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ପ୍ରଥମ ସେମିଫାଇନାଲରେ କେରଳ-ଗୁଜରାଟ ଓ ଦ୍ୱିତୀୟ ସେମିଫାଇନାଲରେ ବିଦର୍ଭ-ମୁମ୍ବାଇ ମଧ୍ୟରେ ମୁକାବିଲା ହେବ। ଗୋଟିଏ ଦିନ ପୂର୍ବରୁ ବିଦର୍ଭ, ମୁମ୍ବାଇ ଓ ଗୁଜରାଟ ସେମିଫାଇନାଲ ସ୍ଥାନ ପକ୍କା କରି ନେଇଥିବାବେଳେ ବୁଧବାର ଏଠାରେ ଶେଷ ହୋଇଥିବା ଡ୍ର ମ୍ୟାଚରେ ଜମ୍ମୁ-କଶ୍ମୀର ବିପକ୍ଷରେ ମାତ୍ର ୧ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କେରଳ ଶେଷ ଦଳଭାବେ ସେମିରେ ପହଞ୍ଚିଛି।


# Classified Everyday
**0674-2580101, 9692975378**




**SALE**

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238




**SALE**

Honda Grazia Scooter, Yellow, Three year old, done 9000 kilometers immediate sale 67000/- . 9090057547. D-2896




Ground floor single room 200sqft with attached toilet at VSS Nagar- 7873657633. D-2864

For Rent/Lease: Commercial space at Palasuni, behind Bhubaneswar Water Works, 6000 sqft. Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

**ACCOMMODATION**

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819




**Full body massage experience, good looking therapist @999 (Bhubaneswar). 9078484455.** D-2815

**Take wellness herbal full body relax massage by trend therapist. 7008773793.** D-76193

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

Newly open health benefits spa by experience lady therapist. 8658088274. D-76191

Newly open Jyoti spa positively health benefits (Expert therapist). 8458067955. D-76192

**AFFIDAVIT**

By virtue of an affidavit sworn before Executive Magistrate, Chatrapur, Ganjam, dated 03.02.2025, I, Peralolu Dali Patra, Address: Village- Brahmuniapalli, P.O./P.S.- Chatrapur, Dist.- Ganjam, Odisha-761020, declare that I have changed my name from N. Dali Patra to Peralolu Dali Patra. Henceforth, I shall be known as Peralolu Dali Patra for all purposes. Peralolu Dali Patra D-2895

By virtue of an affidavit sworn before the E.M., Danagadi vide No.- 435, Dated 10-02-2025, I, Bali Behera, Address: At/P.O.-Chitri, P.S.-Tamaka, Dist.- Jajpur, Odisha-755019 declare that I have changed my name from Balidei Behera to Bali Behera. Henceforth, I shall be known as Bali Behera for all purposes. D-2898

Your classified advertisement published in Dharitri will be listed free in Dharitri online edition: dharitriepaper.in

By virtue of an affidavit sworn before the E.M., Bari vide No.-114, Dated 16-01-2025, I, Jagan Malik, Address: At-Koradapipal, P.O.-Balibili, P.S.-Bari, Dist.-Jajpur, Odisha-755003 declare that I have changed my name from Jagabandhu Mallik to Jagan Malik. Henceforth, I shall be known as Jagan Malik for all purposes. D-2899

By virtue of an affidavit sworn before Executive Magistrate, Puri, dated 04.02.2025, I, Puskar Behera, Address: At- Kusupur, P.O.- Rebana Nuagaon, P.S.- Brahamagiri, Dist.- Puri, Odisha, 752011, declare that I have changed my daughter's name from Sonali Behera to Subhalaxmi Behera. Henceforth, she shall be known as Subhalaxmi Behera for all purposes. Puskar Behera D-2894

By virtue of an affidavit sworn before the Executive Magistrate, Bhubaneswar, dated 12.02.2025, I, Susanta Kumar Samantaray, Address: At- Plot No.- 309/2041, Dream Sai Residency, Kesura, P.O.- Bankual, P.S.- Badagada, Dist.- Khordha, Bhubaneswar- 751002, declare that I have changed my son's name from SUBHRADIP SAMANTARA to SHUBHRADIP SAMANTARAY. Henceforth, he shall be known as SHUBHRADIP SAMANTARAY for all purposes. Susanta Kumar Samantaray D-2897

ମୁଁ ଅମିତ କୁମାର ଦାସ, ପିତା:- ଗୋପବନ୍ଧୁ ଦାସ, ସ୍ଥାନ:- ପ୍ଲଟ୍ ନଂ.- ୨୦୯, ଆଇ.ଜି. କଲୋନି, ପୋ: ଶିଶୁପାଳଗଡ଼, ଥାନା:- ଧଉଳି, ଭୁବନେଶ୍ୱର, ଜିଲ୍ଲା:- ଖୋର୍ଦ୍ଧା, ଓଡ଼ିଶା, ଗତ ତା ୧୦.୦୨.୨୦୨୫ ରିଖରେ ସତ୍ୟପାଠକରି ଘୋଷଣା କରୁଛି ଯେ, ମୋର ମାତାଙ୍କ ନାମ ସ୍ନେହନଲତା ମହାନ୍ତିକୁ ସଂଶୋଧିତ ହୋଇ ସ୍ନେହଲତା ମହାନ୍ତି, ଯାହାର ଅଧାର ନଂ.- XXXX XXXX ୫୮୬୭ ହୋଇଅଛି । ତେଣୁ ସେ ସମସ୍ତ ଉଦ୍ଦେଶ୍ୟ ପାଇଁ ସ୍ନେହଲତା ମହାନ୍ତି ଭାବେ ଜଣାଯିବେ । D-2903

By virtue of an affidavit sworn before the Executive Magistrate, Rasulpur, dated 09.01.2025, I, Ahalya Khilar, Address: Vill- Gopalpurchak, P.O.- Prathamakhandi, P.S.- Kuakhia, Dist.- Jajpur (Odisha), declare that I have changed my name from Ali Khilar. Henceforth, I shall be known as to Ahalya Khilar for all purposes. Ahalya Khilar D-2901

By virtue of an affidavit sworn before Notary, Bhubaneswar, dated 07.02.2025, I, JUDHISTHIRA GOUDA, Address: Plot No.- 346, Jagamara, Khandagiri, Bhubaneswar- 751030 declare that I have changed my daughter's name from SHUBHANGI JUDHISHTHIR GOUDA to SHUBHANGI GOUDA. Henceforth, she shall be known as SHUBHANGI GOUDA for all purposes. D-2900

See Career Appointment on every Wednesday & Saturday

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାରିପଦା, ମୟୂରଭଞ୍ଜଙ୍କ ସମ୍ମୁଖରେ ଏକ ସତ୍ୟପାଠ ମାଧ୍ୟମରେ ମୁଁ ମହେନ୍ଦ୍ର ସିଂ, ସା: ଢୁଭିଆ, ପୋ.- ଟସରଡ଼ା, ଥାନା.- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ, ପିନ୍- ୭୫୭୦୨୯, ଓଡ଼ିଶାର ବାସିନ୍ଦା ଅଟେ । ମୋ ଝିଅର ନାମ ତାନାଶ୍ରୀ ସିଂରୁ ତନୁଶ୍ରୀ ସିଂକୁ ପରିବର୍ତ୍ତନ କରିଅଛି। ବର୍ତ୍ତମାନଠାରୁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟରେ ସେ ତନୁଶ୍ରୀ ସିଂ ନାମରେ ପରିଚିତ ହେବେ। D-2902

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ତଥାପି ଅପେକ୍ଷା


ବାଣୀ

ବଲିଉଡ୍‌ରେ ବାଣୀ କପୁର ଏଣ୍ଟ୍ରି କରିବା ଇତିମଧ୍ୟରେ ୯ ବର୍ଷ ହୋଇଗଲାଣି। ହେଲେ ସେ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛନ୍ତି। ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି କି ଅଭିନୀତ ଫିଲ୍ମର ସଂଖ୍ୟା ମଧ୍ୟ ହାତଗଣତି। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ସେ ଯାହା ଆଶା କରୁଥିଲେ ତାହା ପୂରଣ ହେଲାନାହିଁ। ତେଣୁ ଯେଉଁ ଅଫର ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ ସେ। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, ''ନଅ ବର୍ଷ ଭିତରେ ମୁଁ ମାତ୍ର କେତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି। ମୋର ନିଜ ଉପରେ ମଧ୍ୟ ଦୃଢ଼ ବିଶ୍ୱାସ ରହିଛି।'' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା।'

# ଏବେ ୱେବ୍ ସିରିଜ ଭରସା


ହୁମା

କଥାରେ ଅଛି ବୁଡ଼ିଯାଉଥିବା ଲୋକଟିଏ କୁଟାଖିଅକୁ ଭରସା କରିଥାଏ। ହିନ୍ଦୀ ସିନେମାର ଏଣ୍ଟ୍ରି କରିବା ପରେ ଯାହା ଆଶା କରିଥିଲେ ତାହା ତ ପୂରଣ ହେଲା ନାହିଁ। ଏବେ ତାଙ୍କୁ ଏକ ନୂଆ ଦୁନିଆରେ ଦେଖିବାକୁ ମିଳିବ। ହଁ, ଖୁବ୍‌ଶୀଘ୍ର ସେ କେତୋଟି ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ହୁମା କ୍ୟୁରେସି। ଏଭଳି ଯୋଜନା ବିଷୟରେ ସେ କହନ୍ତି, ''ବର୍ତ୍ତମାନ ୱେବ୍ ସିରିଜର ଚାହିଦା କାହିଁରେ କେତେ। ନିକଟରେ ମୋତେ ଦୁଇଟି ୱେବ୍ ସିରିଜରେ ଅଭିନୟ କରିବାକୁ ଅଫର ମିଳିଛି ଆଉ ଏ ନେଇ ମୋର ସମ୍ମତି ମଧ୍ୟ ମୁଁ ଦେଇସାରିଛି। ଆଶା ରଖିଛି ଏହାଦ୍ୱାରା ମୁଁ ନିଶ୍ଚୟ ଦର୍ଶକଙ୍କର ଆହୁରି ନିକଟତର ହୋଇପାରିବି। ନିକଟରେ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ସହ ମୋର ଭେଟ ହୋଇଥିଲା। ଆଉ ତାଙ୍କୁ ମୁଁ ମୋର ମନର କଥା କହିଲି ସେ ମୋର ପ୍ରାୟ ସବୁ ସମସ୍ୟାର ସମାଧାନ କରିଦେଇଥିଲେ। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।'' ତେବେ ୱେବ୍ ସିରିଜ ହୁମାଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

## ନୂଆ ସିନେମା

# ପରୀ

ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ନିବେଦିତ 'ପରୀ' ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହୋଇଯାଇଛି। ପ୍ରଥମେ କଟକ, ପରେ ଆଠଗଡ଼ ଓ ଏବେ ଭୁବନେଶ୍ୱରରେ ଏହାର ଶୁଟିଂ ଜାରିରହିଛି। ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ତ୍ରିପତି କୁମାର ସାହୁ। ସାମ୍ପ୍ରତିକ ସମୟର ଜଣେ ଆଗଧାଡ଼ିର ଓ ସଫଳ ନିର୍ଦ୍ଦେଶକ ଭାବେ ସେ ବେଶ୍ ଜଣାଶୁଣା। ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ଏହାର କାହାଣୀ ଅନ୍ୟ ସିନେମାଠାରୁ ଭିନ୍ନ। କାହାଣୀ ଅନୁସାରେ କିପରି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସଂଳାପ ଲେଖାଯିବ ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଫିଲ୍ମଟି ଦର୍ଶକାଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ଧ୍ରୁବାନନ୍ଦ ପଣ୍ଡା। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ। ଜ୍ୟୋତି ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁରାଧା। ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ, ସୌମ୍ୟ ରଞ୍ଜନ ମହାନ୍ତି, ଗୁଲ୍ଲୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ଗୋପାଳ ପଟ୍ଟନାୟକ, ରୋଶନ ଭରଦ୍ୱାଜ ଓ ଶିଶୁ କଳାକାର ଦିବ୍ୟାଂଶୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



(ବାମରୁ) ଶ୍ରୀତମ, ଡ. ରଜନୀ ରଞ୍ଜନ ଏବଂ ଜ୍ୟୋତି

# ବୋଲ୍ଡ ଶଟ୍ ପାଇଁ...


ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡେ ୩-୪ଟି ଗରମା ଗରମ ଶଟ୍ ଦେବାକୁ ପଡିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଏ ବିଷୟରେ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହାର ଶତ ପ୍ରତିଶତ କାହାଣୀ ସହିତ ଜଡିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନ୍‌ସନରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କିମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା। ଜାହ୍ନବୀଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି- 'ଧଡକ', 'ଗୁଞ୍ଜନ ସାକସେନା: ଦ କାରଗିଲ ଗର୍ଲ', 'ମିଲି', 'ବୱାଲ', 'ରକି ଔର ରାନୀକି ପ୍ରେମ କାହାନୀ', 'ମିଷ୍ଟର ଆଣ୍ଡ ମିସେସ୍ ମାହି' ଏବଂ 'ଉଲଝା'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ' ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବରୁଣ ଧାୱନ। ଏହା ବ୍ୟତୀତ 'ପରମ ସୁନ୍ଦରୀ' ନାମକ ଏକ ସିନେମା ମଧ୍ୟ ତାଙ୍କ ହାତରେ ରହିଛି।

# ଅଭିନବ ଯୋଜନା

ପ୍ରଥମେ ସିନେପ୍ରେମୀ ଫିଲ୍ମ ଦେଖିବାକୁ କେବଳ ଥିଏଟର ଉପରେ ନିର୍ଭର କରୁଥିଲେ କିନ୍ତୁ ଏବେ ଲୋକଙ୍କ ପାଖକୁ ଭଲ ଭଲ ନିଛକ କାହାଣୀ ଓ କଣ୍ଟେଣ୍ଟ ପହଞ୍ଚିପାରୁଛି ଓଟିଟି ମିଡିଆ ଜରିଆରେ। ବର୍ତ୍ତମାନ ସମୟରେ ଓଟିଟି ମିଡିଆ ସାଜିଛି ଲୋକଙ୍କର ପ୍ରମୁଖ ପସନ୍ଦ। ସେମିତି ଏକ ଲୋକପ୍ରିୟ ଓଟିଟି ମିଡିଆ ସାଜିଛି ଓଡ଼ିଶାର ପ୍ରିମିୟମ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ। ଓଡ଼ିଆ ଦର୍ଶକ ଏହି ଓଟିଟି ପ୍ଲାଟଫର୍ମରେ ଭିନ୍ନ ଭିନ୍ନ ଧରଣର କାହାଣୀ ଉପଭୋଗ କରିପାରୁଛନ୍ତି। ଦର୍ଶକଙ୍କ ମନକଥା ବୁଝି ମଧ୍ୟ ଆଓ ନେକ୍ସଟ ନିଜ ପ୍ଲାଟଫର୍ମରେ ଅନେକ କିଛି ପରିବର୍ତ୍ତନ ବିଗତ ଦିନରେ ଆଣିଛି। ନୂଆ ବର୍ଷ ପାଇଁ ଓଡ଼ିଶାର ପ୍ରିମିୟମ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ ଏକ ଅଭିନବ ଯୋଜନା ଆରମ୍ଭ କରିବାକୁ ଯାଉଛି। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୫ଟି ଲୋକପ୍ରିୟ ଓଡ଼ିଆ ସିନେମାର ମଜା ନେଇପାରିବେ। ପ୍ରଥମ ପର୍ଯ୍ୟାୟରେ 'କୁହୁଡି', 'ପାବାର', 'ବିଗୁଲ', 'ଡେଲିଭରି ବୟ', 'ନିୟତି' ଏବଂ 'ତୃଷ୍ଣା' ଫିଲ୍ମ ଦେଖିବାକୁ ପାଇବେ ଦର୍ଶକ। କେବଳ ଏତିକି ନୁହଁ ଚଳିତ ବର୍ଷ ୨୦ରୁ ୨୫ଟି ସିନେମା ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବା ପାଇଁ ପ୍ରସ୍ତୁତ ରହିଛି ଏହି ଓଟିଟି ପ୍ଲାଟଫର୍ମ। ଓଡ଼ିଶା ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଓ ନେକ୍ସଟ ଆଗକୁ ଆଗକୁ ବଢ଼ିବାରେ ସକ୍ଷମ ହୋଇପାରିଛି ବୋଲି ସିଇଓ କୌଶିକ ଦାସ ଓଡ଼ିଶାର ଅଗଣିତ ଦର୍ଶକଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି।


'ପାବାର' ଫିଲ୍ମରେ ବାବୁସାନ୍-ଏଲିନା

## ଅ | ତୀ | ତ | ରୁ

- ଦେବାଶିଷ ପିକ୍ଚର୍ସ, କଟକ ବ୍ୟାନରରେ ତଥା ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଜୀବନସାଥୀ'। ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

- ସୋମନାଥ ସାହୁଙ୍କ ପ୍ରଯୋଜିତ ଏବଂ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଘର ବାହୁଡା' ଚିତ୍ରର ମୁଖ୍ୟ ଭୂମିକାରେ ସୁଜାତା ଆନନ୍ଦ, ସୁଜିତ, ସାମୁଏଲ ସାହୁ (ବାବି), ନିରଞ୍ଜନ, ହିମାଂଶୁ ପ୍ରମୁଖ ଅଭିନୟ କରିଥିଲେ।

- ବନଜା ଫିଲ୍ମସ, ଜୟପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'। ଏହାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ଧନଞ୍ଜୟ ଶତପଥୀ। ଶ୍ରୀରାମ ପଣ୍ଡା ଏଥିରେ ନାୟକ ସାଜିଥିବା ବେଳେ ତାଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲେ ବନଜା ମହାନ୍ତି।

- ନିତାଇ ପାଲିତଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ସିନେମା 'ଅନୁରାଗ'ରେ ସଂଯୋଜିତ ଗୀତଗୁଡିକର ସ୍ୱର ଦେଇଥିଲେ ଭୁବନ-ହରି। ମାଳବିକା ମହାନ୍ତି, ବୀରେନ ରାଉତରାୟ, ଅରୁଣ ନନ୍ଦ, ରବି ରଥ, ନରି, ଜୟୀ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।

- କୃଷ୍ଣ ଚନ୍ଦ୍ର ରଥଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ତ୍ରିନାଥ ମେଳା'। ରବୀନ୍ଦ୍ର ରଥ, ଶୁଭ୍ରା ପତି, ନିର୍ମଳ ମହାପାତ୍ର, ନିତ୍ୟାନନ୍ଦ ଦାସଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ରାଖାଲ ମହାନ୍ତି।

# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କିଛିଦିନ ପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତରେ ନାଚିବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ମୃଣାଳ କହନ୍ତି, 'ଏହି ଫିଲ୍ମର ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ୍ ନେବି।'


ମୃଣାଳ

# ଭାରତର କ୍ଲିନ୍ ସୁଇପ୍



**ଶୁବମନ ଗିଲ୍‌ଙ୍କ ଶତକ**

**ତୃତୀୟ ଦିନିକିଆରେ ଇଂଲଣ୍ଡକୁ ୧୪୨ ରନରେ ହରାଇଲା ଟିମ୍ ଇଣ୍ଡିଆ**

**ଅହମଦାବାଦ, ୧୨।୨**

ଶୁବମନ ଗିଲ୍‌ଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୧୪୨ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଟିମ୍ ଇଣ୍ଡିଆ। ଗିଲ୍‌ଙ୍କ ଶତକ ସହ ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୩୫୬ ରନ ସଂଗ୍ରହ କରିଥିଲା। ବଡ଼ ସ୍କୋରର ପିଛା କରି ଇଂଲଣ୍ଡ ୩୪.୨ ଓଭରରେ ୨୧୪ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ନାଗପୁରରେ ପ୍ରଥମ ଓ କଟକରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଏଥିସହ ପାକିସ୍ତାନ ଓ ଦୁବାଇରେ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପାଇଁ ଭାରତୀୟ ଦଳ ଖୁବ୍ ଭଲ ଅଭ୍ୟାସ କରିଛି।

୩୫୭ ରନ ବିଜୟ ଲକ୍ଷ୍ୟ ଥିବାରୁ ଇଂଲଣ୍ଡ ବ୍ୟାଟରମାନେ ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିଲେ। ଫଳରେ ଟପ୍ ଓ ମିଡିଲ ଅର୍ଡରର ସମସ୍ତ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବଡ଼ ଶଟ୍ ମାରିବା ଚକ୍କରରେ ସେମାନେ ନିୟମିତ ବ୍ୟବଧାନରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦୁଇ ଓପନର ଫିଲିପ ସଲ୍ଟ ଓ ବେନ୍ ଡକେଟ ଯଥାକ୍ରମେ ୨୩ ଓ ୩୪ ରନ କରିଥିବାବେଳେ ଟିମ୍ ବାଣ୍ଟନ ୩୮, ଜୋ ରୁଟ୍ ୨୪, ହାରି ବ୍ରୁକ୍ ୧୯ ଓ ଅଧିନାୟକ ଜୋସ ବଟଲର ୬ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ଭାଗରେ ଗସ ଆଟକିନସନ ୧୯ ବଲ୍‌ରୁ ଦ୍ରୁତ ୩୮ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ, ହର୍ଷିତ ରାଣା ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଗୋଟିଏ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୬ ରନରେ ଗତ ମ୍ୟାଚର ସେଞ୍ଚୁରିଆନ ଅଧିନାୟକ ରୋହିତ ଶର୍ମାଙ୍କ ଉଇକେଟ ହରାଇଥିଲା। ମାତ୍ର ଶୁବମନ ଗିଲ୍ ଓ ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ଏଠାରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ବିରାଟ ଏଠାରେ ଅର୍ଦ୍ଧଶତକ ହାସଲ କରିବା ସହ ୫୫ ବଲ୍‌ରୁ ୫୨ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନିଜ ଇନିଂସ ମଧ୍ୟରେ ସେ ୭ ଚୌକା ଓ ୧ ଛକା ମାରିଥିଲେ। ଏବେ ସେ ବିଶ୍ୱର ତୃତୀୟ ବ୍ୟାଟରଭାବେ ଦିନିକିଆରେ ୧୪,୦୦୦ ରନ ପୂରଣ କରିବାରୁ ଆଉ ୩୭ ରନ ଦୂରରେ ରହିଲେ। କୋହଲି ଓ ଗିଲ୍‌ଙ୍କ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୦୭ ବଲ୍‌ରୁ ୧୧୬ ରନ ସଂଗୃହୀତ ହୋଇଥିଲା। କୋହଲିଙ୍କ ବିଦାୟ ପରେ ଶ୍ରେୟସ ଆୟରଙ୍କ ସହ ଗିଲ୍ ଆଉ ଏକ ଶତକୀୟ ପାର୍ଟନରଶିପ୍ କରିବାରୁ ଭାରତ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଇତିମଧ୍ୟରେ ଗିଲ୍ କ୍ୟାରିୟରର ୭ମ ଦିନିକିଆ ଶତକ ହାସଲ କରିଥିଲେ। ଗିଲ୍ ଓ ଆୟରଙ୍କ ତୃତୀୟ ଉଇକେଟ ଯୋଡ଼ିରେ ୯୩ ବଲ୍‌ରୁ ୧୦୪ ରନ ସଂଗୃହୀତ ହୋଇଥିଲା। ୧୦୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୧୪ ଚୌକା ଓ ୩ ଛକା ସହାୟତାରେ ୧୧୨ ରନ ସ୍କୋର କରିଥିଲେ। ମିଡିଲ ଅର୍ଡରରେ ଆୟର ୭୮ (୬୪ ବଲ, ୮ ଚୌକା, ୨ ଛକା) ଓ ଲୋକେଶ ରାହୁଲ ୪୦ ରନର ଉପାଦେୟ ଇନିଂସ ଖେଳିଥିଲେ। ତେବେ ପରବର୍ତ୍ତୀ ବ୍ୟାଟରମାନେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରି ପ୍ୟାଭିଲିୟନ ଫେରିବାରୁ ଭାରତ ୫୦ ଓଭରରେ ୩୫୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଆଡିଲ ରଶିଦ ୪ଟି, ମାର୍କ ଉଡ୍ ୨ଟି ଏବଂ ସାକିବ ମେହମୁଦ, ଗସ ଆଟକିନସନ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୫୬/ଅଲ୍‌ଆଉଟ (ଶୁବମନ ଗିଲ୍-୧୧୨, ଶ୍ରେୟସ ଆୟର-୭୮, ବିରାଟ କୋହଲି-୫୨, ଲୋକେଶ ରାହୁଲ-୪୦, ଆଡିଲ ରଶିଦ-୪/୬୪, ମାର୍କ ଉଡ୍-୨/୪୫, ସାକିବ ମେହମୁଦ-୧/୬୮, ଗସ ଆଟକିନସନ-୧/୭୪, ଜୋ ରୁଟ୍-୧/୪୭)। ଇଂଲଣ୍ଡ ୩୪.୨ ଓଭରରେ ୨୧୪/ଅଲ୍‌ଆଉଟ (ଟମ୍ ବାଣ୍ଟନ-୩୮, ଗସ୍ ଆଟକିନସନ-୩୮, ବେନ୍ ଡକେଟ-୩୪, ଅର୍ଶଦୀପ ସିଂ-୨/୨/୩୩, ହର୍ଷିତ ରାଣା-୨/୩୧, ଅକ୍ଷର ପଟେଲ-୨/୨୨, ହାର୍ଦ୍ଦିକ ପାଣ୍ଡ୍ୟା-୨/୩୮, କୁଲଦୀପ ଯାଦବ-୧/୩୮, ୱାଶିଂଟନ ସୁନ୍ଦର-୧/୪୩)।

## ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନ

**ଗ୍ରୀନ୍ ଆର୍ମବ୍ୟାଣ୍ଡ ପିନ୍ଧିଲେ ଭାରତ ଓ ଇଂଲଣ୍ଡ ଖେଳାଳି**

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନକୁ ସମର୍ଥନ କରି ଉଭୟ ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନେ ଏଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଗ୍ରୀନ୍ ଆର୍ମବ୍ୟାଣ୍ଡ ପରିଧାନ କରିଥିଲେ। ପ୍ରକାଶଯୋଗ୍ୟ, ଅହମଦାବାଦ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଅବସରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମିଳିତ ଭାବେ ସ୍ୱେଚ୍ଛାକୃତ ଅଙ୍ଗଦାନ କାର୍ଯ୍ୟକ୍ରମରେ ସାମିଲ ହେବାଲାଗି ଆହ୍ୱାନ କରାଯିବ ବୋଲି ଆଇସିସି ଚେୟାରମ୍ୟାଚ ଜୟ ଶାହା ଗତ ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଆମେ ଏପରି ଏକ ଜନ ସଚେତନତା କାର୍ଯ୍ୟ ଆରମ୍ଭ କରି ଗର୍ବିତ। ପ୍ରେରଣା ଦେବା, ଏକଜୁଟ କରିବା, ପଡ଼ିଆ ବାହାରେ ପ୍ରଭାବ ସୃଷ୍ଟି କରିବାର ଶକ୍ତି ଖେଳରେ ରହିଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସମସ୍ତଙ୍କୁ ଆହ୍ୱାନ କରି ଭାରତୀୟ ଖେଳାଳିମାନଙ୍କୁ ନେଇ ବିସିସିଆଇ ତରଫରୁ ଏକ ଭିଡିଓ ଶେୟାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ବିରାଟ କୋହଲି, ଶୁବମନ ଗିଲ୍, ଶ୍ରେୟସ ଆୟର, କେ.ଏଲ୍. ରାହୁଲ, ଅର୍ଶଦୀପ ସିଂ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ ଓ ବରୁଣ ଚକ୍ରବର୍ତ୍ତୀ ସାମିଲ ରହିଥିଲେ।




‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନରେ ସାମିଲ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ଜୋସ ବଟଲର।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ